ମଣ୍ଡଳ କମିଶନ
ଓ
ଜାତି-ସଂରକ୍ଷଣ
ପ୍ରଶ୍ନ



ଗୋପୀ ମୋହନ
ଶିବମଣି ନାଥ

Digitized by srujanika@gmail.com

ପ୍ରସଙ୍ଗରେ

ସମ୍ପ୍ରତି ଭାରତ ବର୍ଷର ସମାଜ ଜୀବନ ବହୁ ସମସ୍ୟା ଓ ସଙ୍କଟର ଘେରରେ । ଗତାନୁଗତିକ ବ୍ୟବସ୍ଥା ଚାଲୁ ରହିବ ନା' ନୂଆ ଏକ ଅଭିଜ୍ଞତାକୁ ଜନ୍ମ ଦେବ, ତାହା ନିର୍ଭରକରେ, ଆଗାମୀ ଦିନରେ ଏହି ସଙ୍କଟମାନ କେଉଁ ମୋଡ ନେବ, ତାହା ଉପରେ । ଏବଂ ସବୁଠାରୁ ବଡକଥା ହେଲା ଅଦ୍ୟାବଧି ବହୁ ସାମାଜିକ ବିଘଟଣ ଓ ପରିବର୍ତ୍ତନର ତୋଫାନକୁ ଆତ୍ମସାତ୍ କରି ନିଜ ଭିତରେ ବିଲୀନ କରିବାରେ ସକ୍ଷମ ଆମର ଏହି ଅଗ୍ରଗତି ବିହୀନ ସ୍ଥାଣୁ ସମାଜ--ବ୍ୟବସ୍ଥାର ଏହି ସମସ୍ୟା ଓ ସଙ୍କଟକୁ ମୁକାବିଲା କରିପାରିବା କ୍ଷେତ୍ରରେ ଦେଖାଦେଇଥିବା ଅକ୍ଷମତା ।

କମ୍ୟୁନିଷ୍ଟ ବିପ୍ଳବୀ ଓ ଭୂମିହୀନ କୃଷକ ମାନଙ୍କ ତତ୍ତ୍ୱାବଧାନରେ ପରିଚାଳିତ ନକ୍ସଲ ଆନ୍ଦୋଳନ, ଅବଧି ଅଧିକାରରୁ ବଞ୍ଚିତ, ପ୍ରତ୍ୟାଖାତ, ଅଜ୍ଞାତ ଲଘୁବର୍ଗ—ଭୂମିହୀନ ହରିଜନ, ଗିରିଜନ ମାନଙ୍କୁ ଗୁରୁତର ସ୍ଥାନରେ ପହଁଚାଇ ଦେଇଛି । ଭାରତ ବର୍ଷରେ ଯୁଗ ଯୁଗରୁ ଚାଲୁଥିବା ପ୍ରତିକ୍ରିୟାଶୀଳ ଭୂ-ସମ୍ପର୍କର ପରିବର୍ତ୍ତନର ଦିନ ଆସନ୍ନ । ଜାତୀୟ ଦମନ ଓ ଶୋଷଣ ବିରୋଧି ମାନେ ପରିଚାଳିତ ପଞ୍ଜାବ, ଝାଡ଼ଖଣ୍ଡ ଓ କାଶ୍ମୀର ଆନ୍ଦୋଳନ, ବାଧ୍ୟ କରିଛି ଭାରତୀୟ ରାଜନୈତିକ ଜୀବନକୁ ଏକ ବାସ୍ତବ ଗଣତାନ୍ତ୍ରିକ ମୋଡ ଦେବାପାଇଁ । ହୁଗୁଳି ଯାଉଛି ପ୍ରତିକ୍ରିୟାଶୀଳ ଦମନକାରୀଙ୍କର ଭାରତୀୟ ରାଜନୈତିକ ଧାରାଉପରେ ଏକାଧିପତ୍ୟ କର୍ତ୍ତୃତ୍ୱ ଓ ନିୟନ୍ତ୍ରଣ । ସଂଘୀୟ ବ୍ୟବସ୍ଥା ଏବେ କେବଳ ଏକ ଦାବୀ ନୁହେଁ—ସମ୍ଭାବନା ନୁହେଁ, ଏକ ବିକଳ୍ପ କର୍ମସୂଚୀ ।

ସେହିପରି ଭାରତୀୟ ସମାଜ ଜୀବନ ଆଜି ତୀବ୍ରଭାବେ ଆନ୍ଦୋଳିତ, ମାତ୍ର ଏକ କମିଶନ ରିପୋର୍ଟକୁ କେନ୍ଦ୍ରକରି । ଭାରତ ବର୍ଷର ସମାଜରେ ଚାଲିଆସୁଥିବା ଘୃଣ୍ୟ, ବର୍ଣ୍ଣବାଦୀ ଦର୍ଶନ ପରିଚାଳିତ ଜାତିବାଦୀ ପକ୍ଷପାତିତାକୁ କବର ଦେବାକୁ ଉଦ୍ଦିଷ୍ଟ, ଆଜି ଦିନର ଏହି ଅନନ୍ୟ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ, ସମଗ୍ର ସାମାଜିକ ସ୍ତରରେ ସୃଷ୍ଟି କରିଛି ଅତ୍ୟନ୍ତ

Digitized by srujanika@gmail.com

ଉତ୍ତାପ ଓ ବିତର୍କ । ବିଭାଜିତ ସକଳ ସାମାଜିକ ଶକ୍ତି ସମୂହ ଏହି ରିପୋର୍ଟର ଆଧାରରେ । ପ୍ରତିକ୍ରିୟାର ଶକ୍ତି ବଦ୍ଧ ପରିକର, ନୂତନ ସାମାଜିକ ବିନ୍ୟାସର ସମ୍ଭାବନାକୁ ଶ୍ୱାସରୁଦ୍ଧ କରିବାକୁ ଏବଂ ପ୍ରଗତିର ଶକ୍ତି ବଦ୍ଧପରିକର, ନିକ୍ଷେପ କରିବାକୁ ପ୍ରତିକ୍ରିୟାର ଶକ୍ତିକୁ ଇତିହାସର ଅଦରକାରୀ ଅଳିଆ ଗଦାକୁ । ଗୁଣ୍ଡିକୁ ଗୁଣ୍ଡି ଭିଡା ଭିଡ଼ ହୋଇ ଦଣ୍ଡାୟମାନ ଏହି ପ୍ରତିକ୍ରିୟା ଓ ପ୍ରଗତିର ଶକ୍ତି । ସଂଗ୍ରାମ ଚରମ ପର୍ଯ୍ୟାୟରେ । ସାଲିସ ଅସମ୍ଭବ ।

ଏହି ରିପୋର୍ଟ ଯାହାକି, ମଣ୍ଡଳ କମିଶନ ରିପୋର୍ଟ ଭାବେ ବିଦିତ, ତାହା ଉପରେ ଏକ ଆଲୋକପାତ ନିମନ୍ତେ ଆମେ ବହୁ ଦିନରୁ ଇଚ୍ଛା କରୁଥିଲୁ । ଜାତିବାଦୀ, ପ୍ରତିକ୍ରିୟାଶୀଳ ପ୍ରଗୁରକଳ, ଏହି ପ୍ରସଙ୍ଗଟିକୁ ବିକୃତ ଓ ବିଭ୍ରାନ୍ତକର ଭାବେ ଉପସ୍ଥାପନ କରିବାର ଷଡଯନ୍ତ୍ରରେ ଲାଗିଯାଇଛନ୍ତି, ଯାହାର ସ୍ପଷ୍ଟିକରଣ ଆବଶ୍ୟକ । ଗଣତାନ୍ତ୍ରିକ ଓ ସମାଜବାଦୀ ବୋଲାଉଥିବା କେତେକ ତଥା କଥିତ କମ୍ୟୁନିଷ୍ଟଙ୍କର ସ୍ଥିତି, ଏହି ପ୍ରସଙ୍ଗଟିକୁ ଆହୁରି ଜଟିଳ କରି ଦେଇଛି । ତେଣୁ ତାହାର ଏକ ବାସ୍ତବ ବିଶ୍ଳେଷଣାତ୍ମକ ଆଲୋଚନା ଅତ୍ୟନ୍ତ ଜରୁରୀ ।

କ'ଣ ଏହି ମଣ୍ଡଳ କମିଶନ ରିପୋର୍ଟ, ଯାହା ସମାଜର ପ୍ରତ୍ୟେକ କ୍ଷେତ୍ରରେ ଏକ ବିରାଟ ବିତର୍କ ଠିଆ କରାଇଛି । ଗତ ୨ବର୍ଷର କୌଣସି ଖବର କାଗଜ ବାଦ ଯାଇନାହିଁ, ଯାହାକି ଏହି ରିପୋର୍ଟର ଆଲୋଚନା, ସମାଲୋଚନା, ବିରୋଧ ବା ସମର୍ଥନରେ କିଛି ଲେଖିନାହିଁ । ସମସ୍ତ ରାଜନୈତିକ ଦଳ, ବୁଦ୍ଧିଜୀବି, ସମାଜବିତ୍, ଏହି ରିପୋର୍ଟର ଆଧାରରେ ସମର୍ଥକ ବା ବିରୋଧି ଭାବେ ବିଭାଜିତ ହୋଇଯାଇଛନ୍ତି । ଏହି ରିପୋର୍ଟର ସମର୍ଥନ ଅପରାଧରେ, ବି. ପି. ସିଂହ ନେତୃତ୍ୱର ଜନତା ଦଳ ସରକାର ଭାଙ୍ଗିଛି, ନିର୍ବାଚନ ଲଢାଯାଇଛି ଏବଂ ସରକାର ମଧ୍ୟ ଗଢାଯାଇଛି । ଏହି ରିପୋର୍ଟର ସୁପାରିଶ ସମୂହ ଏବେ ମଧ୍ୟ ଜୀବନ୍ତ ବାରୁଦଗଦା ସଦୃଶ୍ୟ ଶୃଗାଳ ଚତୁର କଂଗ୍ରେସ ଦଳ ଏହି ପ୍ରଶ୍ନକୁ ଟାଳି ଦେବା ପାଇଁ ଏହାକୁ ସୁପ୍ରୀମ କୋର୍ଟର କାନୁନୀ ଜନ୍ତା ଭିତରେ ବନ୍ଦ କରିବାର ଅପଚେଷ୍ଟା ଚଳାଇଛି । କ'ଣ ଏହି ବାରୁଦ ଗଦା ? ଏହି ରିପୋର୍ଟର ବାସ୍ତବ ମର୍ମ କ'ଣ ? ଏହା ଆମ ଦେଶପାଇଁ, ସମାଜପାଇଁ କେତେଦୂର ଦରକାରୀ କି' ଅଦରକାରୀ, ସେ ସବୁର ଏକ ବାସ୍ତବ ଢଗରୁ ତର୍ଜମା ପାଇଁ ଆମର ଏହି ପ୍ରଚେଷ୍ଟା ।

Digitized by srujanika@gmail.com

ଭୂମିକା

ମଣ୍ଡଳ କମିଶନ ରିପୋର୍ଟର ଅନ୍ୟ ନାମଟି ହେଉଛି ଦ୍ୱିତୀୟ ଅନ୍ୟାନ୍ୟ ପଶ୍ଚାଦ୍‌ପଦ ଶ୍ରେଣୀ କମିଶନ ରିପୋର୍ଟ (2nd Other Backwad Claxsses Commission Report.) ବା ଅନ୍ୟାନ୍ୟ ପଶ୍ଚାଦପଦ ଶ୍ରେଣୀ ମାନଙ୍କ ନିମନ୍ତେ ଗଠିତ କମିଶନଙ୍କ ରିପୋର୍ଟ । କ'ଣ ଏହି ଅନ୍ୟାନ୍ୟ ପଶ୍ଚାଦ ପଦ ଶ୍ରେଣୀ ?

ଭାରତୀୟ ସମ୍ବିଧାନ ଆମ ସମାଜର ପଶ୍ଚାଦପଦ ଜନ ଗୋଷ୍ଠିକୁ ୩ ଭାଗରେ ବିଭକ୍ତ କରିଛି :—

ଆଦିବାସୀ, ହରିଜନ ଓ ଅନ୍ୟାନ୍ୟ ପଶ୍ଚାଦ୍‌ପଦ ଶ୍ରେଣୀ। ଆଦିବାସୀ, ହରିଜନମାନଙ୍କ କ୍ଷେତ୍ରରେ ଏହି ପଶ୍ଚାଦ୍‌ପଦତା ମୋଟାମୋଟି ଜାତି ଭିତ୍ତିରେ ହିଁ ନିର୍ଦ୍ଧାରିତ ହୋଇଯାଇଛି । କାରଣ ହେଲା କେହି ମାନୁ ବା ନମାନୁ ଭାରତ ବର୍ଷର ସମାଜ ଜୀବନ ଜାତି-ଭିତ୍ତିକ । ଏହି ବୈଶିଷ୍ଟ୍ୟ ଆଜିର ନୁହେଁ, ପ୍ରାଚୀନ କାଳରୁ ଏହା ଚାଲି ଆସୁଛି । କେବେ, କିପରି ଓ କେଉଁ କାରଣ ପାଇଁ ଏହାର ସୃଷ୍ଟି ହେଲା, ସେ ସମ୍ପର୍କରେ ବିଭିନ୍ନ ତର୍ଜମା ଅଛି । ଯାହା ହେଲେବି ଏହାର ଅସ୍ତିତ୍ୱକୁ ଅସ୍ୱୀକାର କରିବାର ଉପାୟ ନାହିଁ ।

ଏହି ପ୍ରଥା ଫଳରେ ସମାଜର ଏକ ଉଲ୍ଲେଖ ଯୋଗ୍ୟ ବିରାଟ ଅଂଶକୁ ପଶ୍ଚାଦ୍‌ପଦତା ମଧ୍ୟକୁ ଯିବାକୁ ହୋଇଛି । ପାଦେ ପାଦେ କରି ଲାଞ୍ଛନାର ଶିକାର ହେବାକୁ ହୋଇଛି । କେବଳ ସମ-ଅଧିକାର ଏମାନଙ୍କୁ ଅନ୍ୟମାନଙ୍କ ସହ ସମ-ପର୍ଯ୍ୟାୟ ଭୁକ୍ତ କରାଇ ପାରିବ ନାହିଁ । ସେଥିପାଇଁ ସମ ଅଧିକାର ପାଖା ପାଖି ପଶ୍ଚାଦ୍‌ପଦ ଶ୍ରେଣୀ ଗୁଡ଼ିକ ନିମନ୍ତେ ବିଶେଷ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଇବାର ଆବଶ୍ୟକତା ରହିଛି ।

ଏହି ବିଚାର ପ୍ରେରିତ ହୋଇ ଆଦିବାସୀ ଓ ହରିଜନଙ୍କ ନିମନ୍ତେ ସମ୍ବିଧାନ ବିଶେଷ ସୁବିଧାର ବ୍ୟବସ୍ଥା ନିର୍ଦ୍ଧାରଣ କରିଛି । ମାତ୍ର ଅନ୍ୟାନ୍ୟ ପଶ୍ଚାଦ୍‌ପଦ ଶ୍ରେଣୀ ଗୁଡ଼ିକ ନିମନ୍ତେ ସମ୍ବିଧାନ କୌଣସି ସୁନିର୍ଦ୍ଦିଷ୍ଟ ମତ

Digitized by srujanika@gmail.com

ଗ୍ରହଣ କରିନାହିଁ । ପଶ୍ଚାଦ୍‌ପଦତା ନିର୍ଦ୍ଧାରଣର ଭିତ୍ତି କ'ଣ ହେବ ? ଚିହ୍ନିତ ହେଲେ ପଶ୍ଚାଦ୍‌ପଦ ଶ୍ରେଣୀ ଗୁଡ଼ିକର ଉନ୍ନୟନ ନିମନ୍ତେ କ' କ' ବ୍ୟବସ୍ଥା ଗ୍ରହଣ କରାଯିବ ? ଏହି ପ୍ରଶ୍ନ ଗୁଡ଼ିକର ଉତ୍ତର ସମ୍ବିଧାନ ଦେଇନାହିଁ । କିନ୍ତୁ ଏହାର ଉତ୍ତର ଖୋଜିବା ନିମନ୍ତେ ସମ୍ବିଧାନ ୩୪୦ ଧାରାରେ Backward classes Commission ଗଠନ କରିବାର ବ୍ୟବସ୍ଥା କରିଛି ।

ପ୍ରଥମ ପଶ୍ଚାଦ୍‌ପଦ ଶ୍ରେଣୀ କମିଶନ

୧୯୫୩ ମସିହାରେ ସମ୍ବିଧାନରେ ଉଲ୍ଲେଖିତ ଏହି ୩୪୦ ଧାରା ଅନ୍ତର୍ଗତ ପ୍ରଥମ କମିଶନ କାକା ସାହେବ କାଲେଲକରଙ୍କ ସଭାପତିତ୍ୱରେ ଗଠିତ ହୋଇଥିଲା । ଏଥିରେ ୧୧ ଜଣ ସଦସ୍ୟ ଥିଲେ । କମିଶନ, ୧୯୫୫ ମାର୍ଚ୍ଚ ୩୦ ତାରିଖରେ ନିଜର ରିପୋର୍ଟ ପେଶ କରିଥିଲେ ।

ଏହି କମିଶନ ୧୮୨ଟି ପ୍ରଶ୍ନ ସମ୍ବଳିତ ଏକ ଦୀର୍ଘ ପ୍ରଶ୍ନାବଳୀ ସାହାଯ୍ୟରେ ରାଜ୍ୟ ସରକାର ଓ ଜନସାଧାରଣଙ୍କ ନିକଟରୁ ତଥ୍ୟ ସଂଗ୍ରହ କରିଥିଲେ । ଏହା ଛଡ଼ା ବିଭିନ୍ନ ସ୍ଥାନ ଗସ୍ତକରି ପ୍ରତ୍ୟକ୍ଷ ତଥ୍ୟ ମଧ୍ୟ ସଂଗ୍ରହ କରିଥିଲେ ।

ସଂଗୃହିତ ବିପୁଳ ତଥ୍ୟ ସାହାଯ୍ୟରେ, କମିଶନ ସାମାଜିକ ଓ ଶିକ୍ଷାଗତ ପଶ୍ଚାତ୍‌ପଦତାର ଭିତ୍ତି ରୂପେ ନିମ୍ନ ନିର୍ଦ୍ଧାରକ ଗୁଡ଼ିକୁ ଅବଧାରିତ କରିଥିଲେ ।

(୧) ହିନ୍ଦୁ ଜାତି ବ୍ୟବସ୍ଥାର ନିମ୍ନସ୍ଥାନ ।

(୨) ଗୋଟିଏ ସମ୍ପ୍ରଦାୟ ବା ଜାତି ଭିତରର ବୃହତ୍ ଅଂଶର ଶିକ୍ଷାଗତ ଅଗ୍ରସରତାର ଅଭାବ ।

(୩) ସରକାରୀ ଚାକିରିରେ ପ୍ରତିନିଧିତ୍ୱର ଅଭାବ ।

(୪) ବ୍ୟବସାୟ, ବାଣିଜ୍ୟ ଓ ଶିଳ୍ପ ସଂସ୍ଥାରେ ଅସମ ପ୍ରତିନିଧିତ୍ୱ ।

Digitized by srujanika@gmail.com

କମିଶନ ୨, ୩୯୯୫ଟି ଜାତି ଓ ସଂପ୍ରଦାୟକୁ ପଶ୍ଚାଦପଦ ପର୍ଯ୍ୟାୟଭୁକ୍ତ କରିଥିଲେ, ଯହିଁରେ ୮୩୭ଟିକୁ (Most Backward ବା ସବୁଠାରୁ ପଶ୍ଚାଦପଦ ଭାବେ ନିର୍ଦ୍ଧାରିତ କରାଯାଇଥିଲା ।

ଜନଗଣନାରେ ଜାତି ଭିତ୍ତିକ ନଥିକରଣ ଓ ପଶ୍ଚାଦପଦ ଶ୍ରେଣୀର ପାର୍ଥୀଙ୍କ ପାଇଁ ସ୍ଥାନ ସଂରକ୍ଷଣର ପ୍ରସ୍ତାବ ମଧ୍ୟ ଏହି ରିପୋର୍ଟରେ ଦିଆ ଯାଇଥିଲା । ପେଷାଦାର (Technical & Professonal) ପ୍ରତିଷ୍ଠାନରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ୧୦/% ; ସରକାରୀ ତଥା ସ୍ଥାନୀୟ ପ୍ରତିଷ୍ଠାନରେ ସ୍ଥାନ ସଂରକ୍ଷଣର ପ୍ରସ୍ତାବ ଯଥାକ୍ରମେ :—ପ୍ରଥମ ଶ୍ରେଣୀରେ ୨୫% ଦ୍ୱିତୀୟ ଶ୍ରେଣୀ ପଦ ପାଇଁ ୩୩ ୧/୩%ତୃତୀୟ ଓ ଚତୁର୍ଥ ଶ୍ରେଣୀ ପାଇଁ ୪୦% ସୁପାରିଶ କରାଯାଇଥିଲା ।

ନିମ୍ନ ଜାତି ଅବସ୍ଥାନ ସେହି ଶ୍ରେଣୀର ପଶ୍ଚାଦ୍ ପଦତାର ନିର୍ଦ୍ଧାରକ ହେବା ଉଚିତ ବୋଲି କମିଶନଙ୍କ ମତଥିଲା । ମାତ୍ର ଏହି ମତକୁ କମିଶନର କେତେକ ସଦସ୍ୟ ଗ୍ରହଣ କରିନଥିଲେ । ସେମାନେ ଏହା ବିରୁଦ୍ଧରେ ନିଜର ବକ୍ତବ୍ୟ ରିପୋର୍ଟରେ ଲିପିବଦ୍ଧ କରିଥିଲେ । ଏପରିକି କାକା କାଲେଲକର ମଧ୍ୟ, ରାଷ୍ଟ୍ରପତିଙ୍କ ନିକଟରେ ରିପୋର୍ଟ ପେଷ କରିବା ସମୟରେ ଯେଉଁ ଚିଠି ଲେଖିଥିଲେ, ତାହାର ଭାଷା ରିପୋର୍ଟର ତଥ୍ୟଠାରୁ ଭିନ୍ନଥିଲା ।

ରିପୋର୍ଟକୁ ବିବେଚନା କରି ୧୯୫୬ ମସିହା ସେପ୍ଟେମ୍ବର ୩ ତାରିଖରେ, ସରକାର, ଏହାକୁ ପାର୍ଲାମେଣ୍ଟରେ ପେଷ କରିଥିଲେ । ତାହା ସହ କମିଶନ ସଦସ୍ୟଙ୍କ ମତ ପ୍ରାର୍ଥକ୍ୟତା ଓ ଜାତିକୁ, ପଶ୍ଚାଦପଦତା ନିର୍ଦ୍ଧାରଣର ଭିତ୍ତି ଭାବେ ଗ୍ରହଣ କରିବା ବିରୁଦ୍ଧରେ ନିଜର ମନ୍ତବ୍ୟ ଦେଇଥିଲେ । ସରକାରଙ୍କ ଯୁକ୍ତି ଥିଲା ଯେ :—

"It can not be denied that the caste system is the greatest hindrance in the way of our Progress towards an egalitarian Society, and the recognition cf the specified castes as backward may Serve to maintain and evenu Perpetuate the existing distinctions on the basis of caste"

Digitized by srujanika@gmail.com

ଅର୍ଥାତ୍ :—ଜାତିଭେଦ, ଭାରତର ସମାଜ ଜୀବନରେ ସମତା ପ୍ରତିଷ୍ଠା କ୍ଷେତ୍ରରେ ପ୍ରଧାନ ଅନ୍ତରାୟ, ମାତ୍ର ଉଲ୍ଲେଖିତ ଜାତିଗୁଡ଼ିକୁ ପଶ୍ଚାଦପଦ ସ୍ୱୀକାର କଲେ ତାହା ଜାତି ବୈଷମ୍ୟ ବଜାୟ ରଖିବ ଓ ସ୍ଥାୟୀ କରିବ ।

ଏହିଭଳି ବିରୋଧାତ୍ମକ ଯୁକ୍ତିର ଆଶ୍ରୟନେଇ ଓ କମିଶନର ମତ ବିରୋଧିତାର ସୁଯୋଗ ନେଇ, ସରକାର, ଏହି ରିପୋର୍ଟକୁ, ପାର୍ଲାମେଣ୍ଟରେ ଆଲୋଚନା ଭୁକ୍ତ ନକରି, ବାତିଲ କରି ଦେଇଥିଲେ ।

ଏ ଭିତରେ ସରକାର, ଜାତି ବାହାରେ ପଶ୍ଚାଦ୍‌ପଦତା ନିର୍ଦ୍ଧାରଣର ଅନ୍ୟ ଭିତ୍ତି ବାହାର କରିବାକୁ ଚେଷ୍ଟା କରିଥିଲେ । ଏଥିପାଇଁ ରାଜ୍ୟ ସରକାର ମାନଙ୍କୁ ମଧ୍ୟ ଦାୟିତ୍ୱ ଦେଇଥିଲେ । ମାତ୍ର ଶେଷ ପର୍ଯ୍ୟନ୍ତ ଏ ସମସ୍ତ ପ୍ରଚେଷ୍ଟା ଫଳବତୀ ହୋଇ ପାରି ନଥିଲା ।

ନିଜସ୍ୱ ସ୍ୱାର୍ଥ ବିହୀନକାରୀ ପ୍ରଥମ ପଶ୍ଚାଦ୍‌ପଦ ଶ୍ରେଣୀ କମିଶନର ପରିଣତି ଯାହାହେଲା, ଦେଖିଲେ । ତତ୍‌କାଳୀନ ଦ୍ୱିଜବାଦୀ କଂଗ୍ରେସ ସରକାର, ରିପୋର୍ଟର ଦୁର୍ବଳତାରୁ ଫାଇଦା ଉଠାଇ ସଂରକ୍ଷଣ ବିରୁଦ୍ଧରେ ଜନମତ ଗଢ଼ି ତୋଳିବାରେ ଅନେକ ପରିମାଣରେ ସମର୍ଥ ହୋଇଥିଲେ । କଂଗ୍ରେସର ନେହେରୁ, ଶାସ୍ତ୍ରୀ, ଇନ୍ଦିରାଙ୍କ ବ୍ରାହ୍ମଣ ସଂସ୍କୃତି (ମନୁ ସୂତ୍ର) ଶାସନ ଯୁଗରେ ପଛୁଆ ଜାତିବର୍ଗଙ୍କ ଆଶା, ଆକାଂକ୍ଷା ଦବିଯାଇଥିଲା ବହୁବର୍ଷ ପର୍ଯ୍ୟନ୍ତ ।

Digitized by srujanika@gmail.com

ମଣ୍ଡଳ କମିଶନ—ଦ୍ୱିତୀୟ ପଶ୍ଚାଦ୍‌ପଦ ଶ୍ରେଣୀ କମିଶନ

ପ୍ରଥମ କମିଶନର ରିପୋର୍ଟ ପ୍ରତ୍ୟାଖ୍ୟାତ ହେବାର ଅନେକ ବର୍ଷ ପରେ ୧୯୭୮ ମସିହାରେ ତତ୍‌କାଳୀନ ଜନତା ପାର୍ଟି ସରକାର ଅନ୍ୟ ଏକ କମିଶନ ବସାଇବାର ନିଷ୍ପତ୍ତି ପାର୍ଲାମେଣ୍ଟରେ ଘୋଷଣା କଲେ । କମିଶନ ଗଠିତ ହେଲା ୧୯୭୯ ମସିହା ମାର୍ଚ୍ଚ ୨୧ ତାରିଖରେ ଏବଂ କମିଶନ ନିଜର ରିପୋର୍ଟ ସରକାରଙ୍କ ପାଖରେ ଦାଖଲ କଲେ ଡିସେମ୍ବର ୧୨ ତାରିଖ ୧୯୮୦ ମସିହାରେ ।

ଏହି କମିଶନର ସଭାପତି ଭାବେ ଶ୍ରୀ ବି. ପି. ମଣ୍ଡଳ ନିଯୁକ୍ତ ହୋଇଥିଲେ । ଏହାର ସଭ୍ୟ ଥିଲେ, ଶ୍ରୀ ଆର. ଆର. ଭୋଲେ, ଶ୍ରୀ ଦେବାନ ମୋହନ ଲଲ, ଶ୍ରୀ ଏଲ୍. ଆର୍. ନାୟକ, ଶ୍ରୀ କେ. ସୁବ୍ରମଣ୍ୟମ ଓ ସଚିବଥିଲେ ଶ୍ରୀ ଏସ୍. ଏସ୍. ଗିଲ ।

କାକା କାଲେଲକର କମିଶନର ଦୁର୍ବଳତା କେଉଁଠିଥିଲା ଏବଂ ସେ ଦୁର୍ବଳତାକୁ କିପରି ଅତିକ୍ରମ କରାଯାଇ ପାରିବ, ସେହି ପ୍ରଶ୍ନ ଗୁଡ଼ିକୁ ସ୍ୱାଭାବିକ ଭାବେ ମଣ୍ଡଳ କମିଶନକୁ ବିଚାର ଓ ବିଶ୍ଳେଷଣ କରିବାକୁ ପଡିଥିଲା । ଏହି ସମସ୍ତ ପ୍ରଶ୍ନ ଗୁଡ଼ିକୁ ଦୃଷ୍ଟିରେ ରଖି କମିଶନ ନିଜର ସିମାବଦ୍ଧତାକୁ ଅତିକ୍ରମ କରିବା ନିମନ୍ତେ ସମସ୍ତ ପ୍ରଚେଷ୍ଟା ନେଇଥିଲେ ।

ମଣ୍ଡଳ କମିଶନ ଏକ ପକ୍ଷରେ ତାହାର ନିଜସ୍ୱ ସୂତ୍ରରୁ ତଥ୍ୟ ସଂଗ୍ରହ କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଗବେଷଣା କେନ୍ଦ୍ର ଓ ବୁଦ୍ଧିଜୀବି ମାନଙ୍କର ସାହାଯ୍ୟ ନେଇଥିଲେ । କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ଜନଗଣଙ୍କ ନିକଟରୁ ତଥ୍ୟ ସଂଗ୍ରହ ଉଦ୍ଦେଶ୍ୟରେ କମିଶନ ତିନୋଟି ଅଲଗା ଅଲଗା ପ୍ରଶ୍ନ ପତ୍ର ପ୍ରସ୍ତୁତ କରିଥିଲେ ।

Digitized by srujanika@gmail.com

ରାଜ୍ୟ ସରକାର ମାନଙ୍କଠାରୁ, କମିଶନ, ସାମାଜିକ ଓ ଶିକ୍ଷାଗତ ପଶ୍ଚାଦ୍ ପଦତା ସମ୍ପର୍କରେ ସେମାନଙ୍କର ମତାମତ; ଏହି ଶ୍ରେଣୀ ମାନଙ୍କ କଲ୍ୟାଣ ନିମନ୍ତେ ରାଜ୍ୟ ସ୍ତରରେ କ’ଣ କ’ଣ ବ୍ୟବସ୍ଥା ଗ୍ରହଣ କରାଯାଇଛି; ସରକାରୀ ଚାକରୀରେ ଏହି ଶ୍ରେଣୀ ମାନଙ୍କର ପ୍ରତିନିଧିତ୍ୱ କେତେ, ଇତ୍ୟାଦି ବିଭିନ୍ନ ବିଷୟ ଉପରେ ଖବର ସଂଗ୍ରହ କରିଥିଲେ । କମିଶନ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ପ୍ରଶ୍ନ ଗୁଡ଼ିକର ଉତ୍ତର ପାଇଥିଲେ ।

କେନ୍ଦ୍ର ଦପ୍ତର ଗୁଡ଼ିକୁ ଯେଉଁ ପ୍ରଶ୍ନାବଳୀ ଦିଆଯାଇଥିଲା; ସେଥିରେ ଏହି ଦପ୍ତର ମାନଙ୍କରେ କର୍ମରତ ‘ଅନ୍ୟାନ୍ୟ ପଶ୍ଚାଦ୍ ପଦ ଶ୍ରେଣୀ’ର ବ୍ୟକ୍ତି ମାନଙ୍କ ବିଷୟରେ ତଥ୍ୟ ମଗାଯାଇଥିଲା । ଏହାର ଉତ୍ତର ମିଳିଥିଲା ୩୦ଟି ଦପ୍ତରରୁ ।

ଜନସାଧାରଣଙ୍କ ନିମନ୍ତେ ସଂକଳିତ ପ୍ରଶ୍ନାବଳୀ ମାଧ୍ୟମରେ କମିଶନ, ପଶ୍ଚାଦ୍ ପଦତା ସମ୍ପର୍କରେ ସେମାନଙ୍କର ମତାମତ; ସେମାନଙ୍କ ମତରେ ପଶ୍ଚାଦ୍ ପଦତା ନିର୍ଣ୍ଣୟ କରିବା ପଦ୍ଧତି କ’ଣ ହେବା ଉଚିତ; ପଶ୍ଚାଦ୍ ପଦ ଶ୍ରେଣୀଭୁକ୍ତ ମାନଙ୍କୁ କେଉଁ ଧରଣର ସାମାଜିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ୁଛି ଇତ୍ୟାଦି ଜାଣିବାକୁ ଚାହିଁଥିଲେ । ଏହି ପ୍ରଶ୍ନାବଳୀକୁ କମିଶନ, ବିଭିନ୍ନ ଖବର କାଗଜରେ ପ୍ରକାଶ କରାଇଥିଲେ । ତା’ଛଡ଼ା, କମିଶନ ବିଭିନ୍ନ ସ୍ଥାନ ଗସ୍ତକରି ସାଧାରଣ ସଭାମାନ ଅନୁଷ୍ଠିତ କରିଥିଲେ ଓ ଏହି ସଭା ମାନଙ୍କରେ ମଧ୍ୟ ବହୁଳ ପ୍ରଶ୍ନ ପତ୍ର ବିତରଣ କରିଥିଲେ । ଉତ୍ତର ମିଳିଥିଲା ୧୮୭୨ଟି ସ୍ଥାନରୁ । ଏ ପ୍ରକାର ଗସ୍ତ କାଳରେ, କମିଶନ, ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଆମନ୍ତ୍ରଣ କରି ଓ ବ୍ୟକ୍ତିଗତ ସ୍ତରରେ ସାକ୍ଷାତ କରି ମତାମତ ନେଇଥିଲେ । ଏହି ସାକ୍ଷାତ କାରରେ ଅନେକ ସଂସଦ ସଦସ୍ୟ, ଶିକ୍ଷାବିତ୍, ସାମ୍ବାଦିକ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ ।

କମିଶନଙ୍କୁ ତଥ୍ୟ ସଂଗ୍ରହ ଓ ବିଶ୍ଳେଷଣରେ ସାହାଯ୍ୟ କରିବା ନିମନ୍ତେ ଅଧ୍ୟାପକ ଏମ୍. ଏମ୍ ଶ୍ରୀ ବାସ୍ତବଙ୍କ ନେତୃତ୍ୱରେ କେତେକ ବିଶିଷ୍ଟ ସମାଜ ବିଜ୍ଞାନୀଙ୍କୁ ନେଇ ଏକ ବିଶେଷଜ୍ଞ ଦଳ ଗଠିତ ହୋଇଥିଲା । ବମ୍ବେ ସ୍ଥିତ ଟାଟା ଇନ୍‌ଷ୍ଟିଚ୍ୟୁଟ ଅଫ ସୋସାଲ ସାଇନ୍‌ସ ମଧ୍ୟ କମିଶନଙ୍କୁ ସାହାଯ୍ୟ କରିଥିଲା । ଏହାଛଡ଼ା ଇଣ୍ଡିଆନ କାଉନ୍‌ସିଲ ଅଫ୍

Digitized by srujanika@gmail.com

ସୋସାଲ ସାଇନ୍ସ ରିସର୍ଚ୍ଚ, ଲେବର ବ୍ୟୁରୋ, ନ୍ୟାସନାଲ ଲେବର ଇନ୍ଷ୍ଟିଚ୍ୟୁଟ ପ୍ରଭୃତି କମିଶନ କାମରେ ସାହାଯ୍ୟ କରିଥିଲେ ।

ଏତେ ଗୁଡ଼ିଏ ଅବତାରଣା ଦେବାର କାରଣ ହେଉଛି ଆଜି ଯେଉଁମାନେ ଭ୍ରମରେ ପଡ଼ିଛନ୍ତି ବା ଜାଣି ଶୁଣି ଭ୍ରମ ସୃଷ୍ଟି କରାଇବାର ଅପଚେଷ୍ଟା କରୁଛନ୍ତି ଯେ, କମିଶନ, ତରବରିଆ ଭାବେ ଓ ବିଭିନ୍ନ ଦିଗରୁ ଯଥେଷ୍ଟ ଅନୁଧ୍ୟାନ ନ କରି ରିପୋର୍ଟ ଦେଇଛନ୍ତି, ସେହିମାନଙ୍କ ନିକଟରେ ସତ୍ୟକୁ ତୋଳି ଧରିବା । ମଣ୍ଡଳ କମିଶନ ବିଭିନ୍ନ ଦିଗରୁ ଯେତେ ପର୍ଯ୍ୟାପ୍ତ ଅନୁସନ୍ଧାନ କରିଛି, ତାହାର ତଥ୍ୟ ଗୁଡ଼ିକୁ ଖଣ୍ଡନ କରିବା ବାସ୍ତବତା ଦୃଷ୍ଟିରୁ ସମ୍ଭବ ନୁହେଁ । ଏହି ସମସ୍ତ ଗବେଷଣା, ଅନୁସନ୍ଧାନ, ବିଶେଷଜ୍ଞ ତଥା ଜନସାଧାରଣଙ୍କ ଠାରୁ ପ୍ରାପ୍ତ ତଥ୍ୟ ଗୁଡ଼ିକ ଭାରତୀୟ ସମାଜ ଜୀବନରେ ଜାତିର ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଆହୁରି ସ୍ପଷ୍ଟକରି ଆଗକୁ ଆଣିଲା । କାକା-କାଲେଲକର କମିଶନ ଭଳି ମଣ୍ଡଳ କମିଶନ ମଧ୍ୟ ଜାତି ବ୍ୟବସ୍ଥା ଓ ଜାତି ସ୍ଥିତି ହିଁ ପଶ୍ଚାଦ୍‌ପଦତାର ମାପକାଠି ବୋଲି ଦର୍ଶାଇଲେ ।

କମିଶନ ମତରେ ଜାତି ବ୍ୟବସ୍ଥା ହିନ୍ଦୁ ଧର୍ମ ସହ ଘନିଷ୍ଠ ଭାବେ ଜଡ଼ିତ । ଏହା ଫଳରେ ଉଚ୍ଚ ଜାତିମାନେ, ସାମାଜିକ ବ୍ୟବସ୍ଥାର ସାହାଯ୍ୟରେ ନିମ୍ନ ଜାତିମାନଙ୍କୁ ଶୋଷଣକରି ଚାଲିଛନ୍ତି । ଉଚ୍ଚ ଜାତିମାନେ କ୍ଷମତାସୀନ ଶ୍ରେଣୀ ଭାବେ ସେମାନଙ୍କର ବିଶେଷ ସୁବିଧା ସୁଯୋଗ ବଜାୟ ରଖିବା ନିମନ୍ତେ ଧର୍ମର ସାହାଯ୍ୟ ନେଇଥାନ୍ତି ।

"Ruling classes every where have tried to perpetuate their privilage through all shorts of devices and aristocracy has generally joined hands with the clergy in this Process"

(ମଣ୍ଡଳ କମିଶନ ରିପୋର୍ଟ, ପୃ ୧୪)

ପୁନଶ୍ଚ ଏହି ଜାତି ବ୍ୟବସ୍ଥା ଭାରତ ବର୍ଷର ସମାଜ ଜୀବନକୁ, ବ୍ରାହ୍ମଣବାଦୀ ଆଧିପତ୍ୟ ପ୍ରତିଷ୍ଠିତ କରି ରଖିବା ମାଧ୍ୟମରେ ଯେ କେବଳ ପଙ୍ଗୁ କରି ଦିଏ ତାହା ନୁହେଁ । କମିଶନ ମତରେ ଏହା ଶୋଷିତ ତଳ ଜାତିର ଚେତନା ଜଗତକୁ ମଧ୍ୟ ଭ୍ରଷ୍ଟ ବିଷାଦଗ୍ରସ୍ତ କରିଦିଏ । ଯାହା ଫଳରେ ସେ

Digitized by srujanika@gmail.com

ସମାଜରେ ତାହାର ମାନ ସ୍ଥିତିକୁ ସ୍ୱତଃ ଅଙ୍ଗୀକାର କରିନେଇ ସମାଜ ବିକାଶ କ୍ଷେତ୍ରରୁ ଦୂରେଇ ରହେ ।

The real triumph of the caste system lies not in upholding the Supremacy of the Brahmins; but in the conditioning the Consciousness of the lower Castes in accepting their inferior status in the ritual hierarchy as a part of the natural Order of the things.

(M. C. R Part I P. 14)

କାର୍ଲ ମାର୍କସଙ୍କ ବିଶ୍ଳେଷଣ ଅନୁଯାୟୀ ପୃଥିବୀରେ ଧର୍ମକୁ, ଜନଗଣଙ୍କ ମାନସିକ ସ୍ଥାବିରତା ସୃଷ୍ଟି ନିମନ୍ତେ ଶୋଷକ ଗୋଷ୍ଠି ଦ୍ୱାରା ଅଫିମ ଭାବେ ପ୍ରୟୋଗ କରାଯାଇଛି । କମିଶନଙ୍କ ମତ ଅନୁସାରେ, ଯଦି, ଧର୍ମ, କେଉଁଠିବି ବାସ୍ତବରେ ଜନଗଣର ଅଫିମ ଭାବେ ପ୍ରୟୋଗ ହୋଇଛି, ତାହା ହେଲା ଭାରତ ବର୍ଷ ।

"If religion was ever used as the opium of the masses, it was done in India."

(1 brid P.-19)

କମିଶନ ଦର୍ଶାଇଛନ୍ତି ଯେ, ଭାରତ ବର୍ଷରେ ମଣିଷ ମାନଙ୍କ ମଧ୍ୟରେ ଆଇନଗତ ସମତା ବା ଆଇନର ଶାସନ ବୋଲି କିଛି ନାହିଁ । ଯାହା ଅଛି, ତାହା ମଣିଷର ଜାତି ଅବସ୍ଥାନ ଦ୍ୱାରା ନିର୍ଦ୍ଧାରିତ ମାନ ନିୟମ । ନ୍ୟାୟ ବିଚାରର ସମସ୍ତ ତନ୍ତ୍ର ହିଁ ଜାତି ଅବସ୍ଥାନକୁ କେନ୍ଦ୍ର କରି ଗଢି ଉଠିଛି । ଏହି ପ୍ରସଙ୍ଗରେ ରାମାୟଣ, ମହାଭାରତର ଅନେକ ଉଦାହରଣ ଦିଆହୋଇଛି । ଯେପରିକି ସମ୍ବୁକ ଜାତିରେ ଶୁଦ୍ର ଦୋଷ କାରଣରୁ ଜ୍ଞାନ ଅର୍ଜନ ଅପରାଧରେ ରାମଙ୍କ ଦ୍ୱାରା ନିହତ ହୋଇଥିଲା । ତଥାପି ବି' ରାମଚନ୍ଦ୍ର ଏବେ ମଧ୍ୟ ଆମ ସମାଜରେ ମର୍ଯ୍ୟାଦା ପୁରୁଷ ! ଶବର ଆଦିବାସୀ ପିଲା ହୋଇ, ଏକଲବ୍ୟ ଧନୁର୍ବିଦ୍ୟାରେ କ୍ଷତ୍ରୀୟ ମାନଙ୍କୁ ଟପିଯିବା ଅପରାଧ ନିମନ୍ତେ ଦ୍ରୋଣ ବ୍ରାହ୍ମଣର "ନ୍ୟାୟ ବିଚାର"ରେ ପଙ୍ଗୁ ହୋଇଥିଲା । ତଥାପି ମହାଭାରତ ଏ ଦେଶର ପୁଣ୍ୟଗ୍ରନ୍ଥ !

Digitized by srujanika@gmail.com

ହିନ୍ଦୁ ସମାଜକୁ ବିଶ୍ଳେଷଣ କରି କମିଶନ ପ୍ରଶ୍ନ କରିଛନ୍ତି :—

In view of the foregoing, will it be too much to say that in the traditional Indian Socitey, Social backwardness was a direct consequence of Caste Status and further, that various other types of backwardness flowed directly from this crippling handicap ?"

(M. C. R. Part I P-27

ଅର୍ଥାତ୍ :—

"ଏ-ପରି କହିଲେ ବାହୁଲ୍ୟ ହେବାକି, ସନାତନ ଭାରତୀୟ ସମାଜରେ, ସାମାଜିକ ପଶ୍ଚାଦ୍ ପଦତା ହେଉଛି ସମାଜରେ ଜାତିଭେଦ ପ୍ରଥାର ହିଁ ପ୍ରତ୍ୟକ୍ଷ ଫଳ । ଏବଂ ଏହି ପଙ୍ଗୁତ୍ୱ ସୃଷ୍ଟିକାରୀ ବ୍ୟବସ୍ଥା ହିଁ ଅନ୍ୟାନ୍ୟ ଅନେକ ପଶ୍ଚାଦ୍ ପଦତାର କାରଣ ?"

ଆଧୁନିକ ଗଣତନ୍ତ୍ର ଯୁଗରେ ଜାତିପ୍ରଥା ଦୁର୍ବଳ ହୋଇ ଯାଉଥିବାର ଯୁକ୍ତିକୁ କମିଶନ ଗ୍ରହଣ କରି ପାରିନାହାଁନ୍ତି । ତାଙ୍କ ମତରେ, ଯଦିଓ ଆଗ୍ରହ ବ୍ୟବହାର କ୍ଷେତ୍ରରେ ଏହା କିଛି ହ୍ରାସ ପାଇଛି, ମାତ୍ର ଏହି ହ୍ରାସ ଭରଣା ହୋଇଯାଇଛି ରାଜନୈତିକ, ଅମଲାତାନ୍ତ୍ରିକ କ୍ଷେତ୍ରରେ । ପ୍ରମାଣସ୍ୱରୂପ ରଖିଛନ୍ତି କେନ୍ଦ୍ର ସରକାରଙ୍କ ୩୦ଟି ଦପ୍ତରରେ କର୍ମରତ କର୍ମଚାରୀଙ୍କ ନକ୍ସା :—

Table I

ଶ୍ରେଣୀ	ମୋଟ କର୍ମଚାରୀ	ତଫସିଲ ଜାତି/ ଉପଜାତି (%)	ଅନ୍ୟାନ୍ୟ ପଶ୍ଚାଦ୍‌ପଦ ଶ୍ରେଣୀ (%)
ପ୍ରଥମ ଶ୍ରେଣୀ	୧, ୭୪, ୦୪୩	୫.୬୮	୪.୬୯
ଦ୍ୱିତୀୟ ଶ୍ରେଣୀ	୯.୧୨, ୭୮୬,	୧୮.୧୮	୧୦.୬୩
ତୃତୀୟ ଓ ଚତୁର୍ଥ ଶ୍ରେଣୀ	୪, ୮୪, ୬୪୬	୨୪.୪୧	୨୪.୪୦
ସମସ୍ତ ଶ୍ରେଣୀ (ମୋଟ)	୧୫, ୨୧, ୪୭୫	୧୮.୭୧	୧୨.୫୫

ମଣ୍ଡଳ କମିଶନ ରିପୋର୍ଟ, ପ୍ରଥମଖଣ୍ଡ, ପୃ-୪୨

Digitized by srujanika@gmail.com

ଏହି ଟେବୁଲ ଦେଇ ସେ ଦର୍ଶାଇଛନ୍ତି ଯେ ସରକାରୀ, ଅମଲା ତାନ୍ତ୍ରିକ କ୍ଷେତ୍ରରେ କିପରି ଜାତି ବ୍ୟବସ୍ଥାକୁ ବଳବତ୍ତର ରଖାଯାଇଛି ।

ମୋଟ ଜନସଂଖ୍ୟାରେ ଏହି ପଶ୍ଚାଦ୍‌ପଦ ଜନଗୋଷ୍ଠୀ (ହରିଜନ, ଆଦିବାସୀ ଓ ଅନ୍ୟାନ୍ୟ ପଶ୍ଚାଦ୍‌ପଦ ଶ୍ରେଣୀ)ର ହାର ୭୫%ସତ୍ତ୍ୱେ ସରକାରୀ ଓ ଅମଲା ତାନ୍ତ୍ରିକ କ୍ଷେତ୍ରରେ ବାସ୍ତବ ପ୍ରତିନିଧିତ୍ୱରୁ ଏମାନେ ବଞ୍ଚିତ ।

ତାଙ୍କ ମତରେ ଏହି ପକ୍ଷପାତ ନୀତି ଦଳିତ ବର୍ଗଙ୍କ ମଧ୍ୟରେ କିଛିଟା ଘୃଣା ଉତ୍ତେଜନା ସୃଷ୍ଟି କରିଛି । ମାତ୍ର ଏହି ଉତ୍ତେଜନା ଉତ୍ତେଜନା ଭାବେ ରହିଯିବ ନା ଏହାର ଧକ୍‌କାରେ ପ୍ରଚଳିତ ସମାଜ ବ୍ୟବସ୍ଥା ଭୂଷୁଡ଼ି ପଡ଼ିବ, କମିଶନ ମତରେ, ତାହା ନିର୍ଭର କରୁଛି, ଉଚ୍ଚ ଜାତିମାନେ, ନିମ୍ନଜାତିର ନ୍ୟାଯ୍ୟ ଦାବୀ କ୍ଷେତ୍ରରେ, କିଭଳି ଦୃଷ୍ଟିଭଙ୍ଗୀ ନେବେ, ତାହା ଉପରେ ।

ସମ୍ବିଧାନର ୧୪ ଧାରା ପ୍ରଦତ୍ତ 'ସାମ୍ୟ' ଦଳିତ ମାନଙ୍କୁ ସମନ୍ୟାୟ ଦେଇପାରିବ ନାହିଁ । ପ୍ରତିଯୋଗିତା ଓ ଯୋଗ୍ୟତା ବିବେଚନାର ସାଧାରଣ ପ୍ରୟୋଗକୁ ସେ ଅସ୍ୱୀକାର କରିଛନ୍ତି । ତାଙ୍କ ମତରେ ସମକକ୍ଷ ନଥିଲେ ଏହି ସାମ୍ୟ ଆଇନ, ଯୋଗ୍ୟତା ଓ ପ୍ରତିଯୋଗିତା ଇତ୍ୟାଦି ସାମ୍ୟ ପରିବର୍ତ୍ତେ ଅସାମ୍ୟକୁ ହିଁ ବଜାୟ ରଖିବ । ସାମାଜିକ ନ୍ୟାୟରୁ ଦଳିତ ବର୍ଗକୁ ବଞ୍ଚିତ କରିବ । ସମ୍ବିଧାନର ୧୫ (୪) ଓ ୧୬ (୪) ଧାରାରେ ଦଳିତ ବର୍ଗଙ୍କ ନିମନ୍ତେ ପ୍ରଦତ୍ତ ବିଶେଷ ସୁବିଧା 'ସଂରକ୍ଷଣ' କୁ କମିଶନ ସମର୍ଥନ କରିଛନ୍ତି ।

ଏହି ସଂରକ୍ଷଣକୁ ନେଇ ଆଇନ ଅଦାଲତରେ ଯେତେ ମାମଲା ହୋଇଛି, ତାହାକୁ ମଧ୍ୟ କମିଶନ ଅନୁଧ୍ୟାନ କରିଛନ୍ତି । ଅନ୍ୟାନ୍ୟ ପଶ୍ଚାଦ୍‌ପଦ ଶ୍ରେଣୀ ପ୍ରଶ୍ନ ଉପରେ ଉଲ୍ଲେଖନୀୟ ମକଦ୍ଦମା, 'ବାଲାଜୀ ବନାମ ମହୀଶୂର ରାଜ୍ୟ' ଉପରେ ସୁପ୍ରୀମ କୋର୍ଟଙ୍କ ଟିପଣି, କମିଶନଙ୍କୁ ଆନ୍ଦୋଳିତ କରିଛି । ସୁପ୍ରୀମ କୋର୍ଟର ମତଥିଲା :—

"Social backwardness is in the ultimate analysis, the result of Poverty to a very large extent. Those classes of

Digitized by srujanika@gmail.com

citizens who were deplorably poor automatically become socialy backward''

(M. C. R, Part I. P. 30)

ଅର୍ଥାତ୍ :—

''ସାମାଜିକ ପଶ୍ଚାଦ୍‌ପଦତା ହେଉଛି ମୁଖ୍ୟତଃ ଦାରିଦ୍ର୍ୟତା କାରଣରୁ । ଅତ୍ୟନ୍ତ ଦରିଦ୍ର ଶ୍ରେଣୀର ନାଗରିକମାନେ ସାମାଜିକ କ୍ଷେତ୍ରରେ ସ୍ୱତଃ ପଶ୍ଚାଦପଦ ହୋଇଯାଉଛନ୍ତି'' । ମାତ୍ର କମିଶନ, ସୁପ୍ରିମ କୋର୍ଟର ଏହି ଦୃଷ୍ଟିଭଙ୍ଗିକୁ ମାନିପାରି ନାହାଁନ୍ତି । ତାଙ୍କ ମତରେ, ଦାରିଦ୍ର୍ୟତା କାରଣରୁ ଜଣେ କୁଳୀନ ବ୍ରାହ୍ମଣ ଓ ବୈଶ୍ୟର ମାତ ସ୍ଥିତିକୁ ଖସି ଆସେ ନାହିଁ କି ସ୍ୱଚ୍ଛଳତା କାରଣରୁ ମାତ ଜାତିର ନଣିଷଟିଏ ବ୍ରାହ୍ମଣର ସାମାଜିକ ମର୍ଯ୍ୟାଦା ପାଏନାହିଁ । ସୁପ୍ରିମକୋର୍ଟ ମତକୁ ସେ ଯଥାର୍ଥ ଭାବେ ଖଣ୍ଡନ କରିଛନ୍ତି :—

''It was the all Pervasive tyranny of this caste system which kept the lower castes socialy backward and economicaly poor. The poverty of these castes stemmed from their social discrimination and they did not become Socialy backward because of their poverty''

(M. C. R. Part I P-30)

ଅର୍ଥ ହେଲା :—

ଏହି ବର୍ଣ୍ଣାରଗ୍ରସ୍ତ ଜାତି ବ୍ୟବସ୍ଥାର କୁଟିଳ ଦମନ ହିଁ ତଳ ଜାତି ମାନଙ୍କୁ ସାମାଜିକ ପଶ୍ଚାଦପଦ ଓ ଆର୍ଥିକ ଦରିଦ୍ର କରି ଦେଇଛି । ଏହି ଜାତିମାନଙ୍କର ଦାରିଦ୍ର୍ୟତା ସେମାନଙ୍କର ସାମାଜିକ ପକ୍ଷପାତ କାରଣରୁ ସୃଷ୍ଟି ହୋଇଛି । ସେମାନେ ଦାରିଦ୍ର୍ୟତା କାରଣରୁ ସାମାଜିକ ପଶ୍ଚାଦ୍‌ପଦ ହୋଇ ନାହାଁନ୍ତି ।

ଏତଏବ ପଶ୍ଚାଦ୍‌ପଦତା କ୍ଷେତ୍ରରେ ଜାତି ବ୍ୟବସ୍ଥାର ଭୂମିକା ନିର୍ଦ୍ଧାରଣ, ମାତ୍ର କେଉଁ କେଉଁ ଜାତିମାନଙ୍କୁ ପଶ୍ଚାଦପଦ ଭାବେ ନିଆଯିବ,

Digitized by srujanika@gmail.com

ତାହା କମିଶନ ନିକଟରେ ଏକ କଠିନ ସମସ୍ୟା ଭାବେ ଦେଖାଦେଇଥିଲା । ଏଥିପାଇଁ କମିଶନ, ଜାତିମାନଙ୍କର ସାମାଜିକ ଓ ଶିକ୍ଷାଗତ ଅନୁସନ୍ଧାନ ଆରମ୍ଭ କରିଥିଲେ, ସମଗ୍ର ଦେଶର ୪୦୫ଟି ଜିଲ୍ଲାରେ । ସାମାଜିକ ଓ ଶିକ୍ଷାଗତ ପଶ୍ଚାଦ୍ ପଦତା ନିର୍ଦ୍ଧାରଣ ନିମନ୍ତେ କମିଶନ, ୧୧ଟି ନିର୍ଦ୍ଧାରକ ପ୍ରସ୍ତୁତ କରିଥିଲେ । ଏଗୁଡ଼ିକୁ ସାମାଜିକ, ଶିକ୍ଷାଗତ ଓ ଅର୍ଥନୈତିକ ଏପରି ତିନୋଟି ଭାଗରେ ବିଭକ୍ତ କରାଯାଇଥିଲା । ସାମାଜିକ ନିର୍ଦ୍ଧାରକକୁ ୩ ନମ୍ବର ଶିକ୍ଷାଗତକୁ ୨ ନମ୍ବର ଓ ଆର୍ଥିକ ନିର୍ଦ୍ଧାରକକୁ ୧ ନମ୍ବର ଦିଆ ହୋଇଥିଲା ।

ଏହାର ମୋଟ ଯୋଗଫଳ ଥିଲା ୨୨ । ପ୍ରତ୍ୟେକ ରାଜ୍ୟର ଅନୁସନ୍ଧାନ କ୍ଷେତ୍ରରେ ପ୍ରତ୍ୟେକ ଜାତି ନିମନ୍ତେ ଏହି ୧୧ଟି ନିର୍ଦ୍ଧାରକ ପ୍ରୟୋଗ କରାହୋଇଥିଲା । ଯେଉଁ ଜାତିଗୁଡ଼ିକ ନ୍ୟୁନତମ ୧୧ପଏଣ୍ଟ ପାଇଥିଲେ ସେଗୁଡ଼ିକୁ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ହିସାବରେ ଚିହ୍ନିତ ହେଉଥିଲେ । ବଛାଯାଇଥିବା ପ୍ରତ୍ୟେକ ଜିଲ୍ଲାର ଦୁଇଟିଗ୍ରାମ ଓ ଗୋଟିଏ ସହରାଞ୍ଚଳ ବ୍ଲକରେ ଏହି ନିରୀକ୍ଷା କରାଯାଇଥିଲା । ସେଥିଯୋଗୁ ଅନେକଗୁଡ଼ିଏ ଜାତିକୁ ଏହି ପରୀକ୍ଷାର ପରିସର ଭିତରକୁ ଆସିବା ସମ୍ଭବ ହୋଇପାରୁ ନଥିଲା । ଏହି ଦୁର୍ବଳତାକୁ ଅତିକ୍ରମ କରିବା ନିମନ୍ତେ କମିଶନ ଅନ୍ୟ ୨ଟି ପରିପୂରକ ବ୍ୟବସ୍ଥା ଗ୍ରହଣ କରିଥିଲେ । ପ୍ରଥମଟି ହେଲା ଭାରତର ରେଜିଷ୍ଟ୍ରାର ଜେନେରାଲ୍ ୧୯୬୧ରେ ଯେଉଁ ପ୍ରାଚୀନ ଜନଜାତି ଓ ଅପରାଧି ଉପଜାତି ପ୍ରଭୃତିକୁ ତାଲିକାଭୁକ୍ତ କରିଥିଲେ, ସେଗୁଡ଼ିକ ମଣ୍ଡଳ ନିଜର ତାଲିକାଭୁକ୍ତ କରିନେଲେ । ଦ୍ୱିତୀୟରେ ଜନସାଧାରଣଙ୍କ ସାକ୍ଷ୍ୟ ଓ କମିଶନର ସଦସ୍ୟ ମାନଙ୍କ ବ୍ୟକ୍ତିଗତ ଜ୍ଞାନ ଭିତ୍ତିରେ ଆଉ କିଛି ଜାତିକୁ ପଶ୍ଚାଦ୍ ପଦ ଭାବେ ଗ୍ରହଣ କରିଥିଲେ ।

ଏହିଭଳି ବହିର୍ମୁଖୀ ପ୍ରଚେଷ୍ଟା ମାଧ୍ୟମରେ ବିଭିନ୍ନ ରାଜ୍ୟର ପଶ୍ଚାଦ୍‌ପଦ ଶ୍ରେଣୀ ଗୁଡ଼ିକୁ ମଣ୍ଡଳ କମିଶନ ଚିହ୍ନିତ କରି ତାଲିକାଭୁକ୍ତ କରିଥିଲେ ।

ଏହା ହେଲା ହିନ୍ଦୁ ଜାତି ମାନଙ୍କର କଥା । ଅଣ ହିନ୍ଦୁ ଗୋଷ୍ଠି ମାନଙ୍କ କ୍ଷେତ୍ରରେ ତିନୋଟି ପୃଥକ ନିର୍ଦ୍ଧାରକର ସାହାଯ୍ୟ ନିଆଯାଇଥିଲା । କାରଣ ହିନ୍ଦୁମାନଙ୍କ କ୍ଷେତ୍ରରେ ପଶ୍ଚାଦ୍ ପଦତାର ନିର୍ଦ୍ଧାରକ ଗୁଡ଼ିକ ଜାତି

Digitized by srujanika@gmail.com

ଭିତ୍ତିକ ଥିଲ ଯାହାକି ଅଣହିନ୍ଦୁ ମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ । ପରିଶେଷରେ ଦେଖାଗଲା ଯେ ପଶ୍ଚାଦପଦ ଗୋଷ୍ଠିର ସଂଖ୍ୟା ହେଉଛି ମୋଟ ଜନ ସଂଖ୍ୟାର ୫୨ ଭାଗ । ଯେଉଁଥିରେ ଉଭୟ ହିନ୍ଦୁ ଓ ଅଣହିନ୍ଦୁ ଗୋଷ୍ଠି ସାମିଲ ।

ସୁପାରିଶ ସମୂହ

ତଫସିଲ ଜାତି, ଉପଜାତି ମାନଙ୍କ କ୍ଷେତ୍ରରେ ଯେପରି ସଂରକ୍ଷଣ ବ୍ୟବସ୍ଥା ରହିଛି, ସେହିଭଳି ପଶ୍ଚାଦ୍ପଦ ଶ୍ରେଣୀ ଗୁଡ଼ିକ କ୍ଷେତ୍ରରେ ଚାକିରିରେ ସଂରକ୍ଷଣ ବ୍ୟବସ୍ଥା ନିମନ୍ତେ କମିଶନ ସୁପାରିଶ କଲେ । ମାତ୍ର ତଫସିଲ ଜାତି ଉପଜାତି ନିଜ ସଂଖ୍ୟାର ସମାନୁପାତିକ ହାରର (୨୨.୫%) ସଂରକ୍ଷଣ ସୁବିଧା ପାଉଥିବା ବେଳେ, ମଣ୍ଡଳ କମିଶନ ପଶ୍ଚାଦ୍ପଦ ଶ୍ରେଣୀମାନଙ୍କ ନିମନ୍ତେ କେବଳ ୨୭%ସଂରକ୍ଷଣ ସୁପାରିଶ କରିଛନ୍ତି । ତା'ର କାରଣ ହେଲା ସୁପ୍ରିମ କୋର୍ଟର ରାୟ । ଏହି ରାୟ ବଳରେ ସୁପ୍ରିମ କୋର୍ଟ ସର୍ବୋଚ୍ଚ ସଂରକ୍ଷଣର ସିମା ୫୦%ନିର୍ଦ୍ଧାରିତ କରି ଦେଇଛନ୍ତି । ତେଣୁ କମିଶନ ଏହି ରାୟକୁ ଅତିକ୍ରମ କରି ନ ପାରି ୨୭%ସଂରକ୍ଷଣ ସୁପାରିଶ କରିଛନ୍ତି । ମାତ୍ର ଯେଉଁ ପ୍ରାର୍ଥୀମାନେ ଅବାଧ ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ହେବେ, ସେମାନେ ଏହି ୨୭%ସଂରକ୍ଷଣ ସୁବିଧାର ବାହାରେ ରହିବେ । ପଦୋନ୍ନତି କ୍ଷେତ୍ରରେ ମଧ୍ୟ ଏହି ସଂରକ୍ଷଣ ଅନୁସୃତ ହେବା ଦରକାର ବୋଲି କମିଶନ ନିଜର ମତ ଦେଇଛନ୍ତି । ବୟସ ସିମା କ୍ଷେତ୍ରରେ ମଧ୍ୟ କୋହଳ ନୀତି ଗ୍ରହଣ କରାଯିବାର ଆବଶ୍ୟକତା କମିଶନ ଦର୍ଶାଇଛନ୍ତି । ତଫସିଲ ଜାତି, ଉପଜାତି କ୍ଷେତ୍ରରେ ଯେପରି Roster ବ୍ୟବସ୍ଥା ରହିଛି, ପଶ୍ଚାଦପଦ ଶ୍ରେଣୀ କ୍ଷେତ୍ରରେ ମଧ୍ୟ ସେମିତି ଗ୍ରହଣ କରାଯିବା ଦରକାର ।

ସଂରକ୍ଷଣ ବ୍ୟବସ୍ଥା ନିମ୍ନଲିଖିତ ପ୍ରତିଷ୍ଠାନ ଗୁଡ଼ିକରେ ପ୍ରଯୁଜ୍ୟ ହେବା ଦରକାର ବୋଲି କମିଶନ ସୁପାରିଶ କରିଛନ୍ତି ।

୧) ସମସ୍ତ ସରକାରୀ ପ୍ରତିଷ୍ଠାନ (କେନ୍ଦ୍ର ଓ ରାଜ୍ୟ)
୨) ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକରେ (Nationaliled Banks)
୩) ସରକାରୀ ସାହାଯ୍ୟପ୍ରାପ୍ତ ବେସରକାରୀ ଉଦ୍ୟୋଗ ଗୁଡିକରେ
୪) ସମସ୍ତ ବିଶ୍ୱବିଦ୍ୟାଳୟ ଓ କଲେଜ ମାନଙ୍କରେ ।

Digitized by srujanika@gmail.com

କମିଶନର ଦ୍ୱିତୀୟ ଉଲ୍ଲେଖଯୋଗ୍ୟ ସୁପାରିଶ ହେଲ ! ଶିକ୍ଷା କ୍ଷେତ୍ରରେ ବିଶେଷ ସୁବିଧା ସୁଯୋଗ ଦାନ । ଅନୁନ୍ନତ ଶ୍ରେଣୀ ଗୁଡ଼ିକର ସାଂସ୍କୃତିକ ପରିବେଶର ଉନ୍ନତି କରିବା ବିଶେଷଭାବେ ପ୍ରୟୋଜନୀୟ । ପଶ୍ଚାଦପଦ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କର ପାରିବାରିକ ପରିବେଶ ଅନେକଭାବେ ଶିକ୍ଷା ଅର୍ଜନର ପରିପନ୍ଥୀ । ଚରମ ଦାରିଦ୍ର୍ୟ, ସାମାଜିକ ଲାଞ୍ଛନା—ଏ ସମସ୍ତ ସେମାନଙ୍କର ପାଠପଢ଼ା କ୍ଷେତ୍ରରେ ବାଧା ସୃଷ୍ଟି କରିଥାଏ ।

ଏହି ପରିପ୍ରେକ୍ଷିରେ ମଣ୍ଡଳ କମିଶନ ଗୋଟିଏ ଦ୍ୱିମୁଖୀ କର୍ମସୂଚୀ ଅନୁସରଣ କରିବାର ପ୍ରସ୍ତାବ ଦେଇଛନ୍ତି । ୧) ଅନ୍ୟାନ୍ୟ ପଶ୍ଚାଦପଦ ଶ୍ରେଣୀ ଅଧ୍ୟୁଷିତ ଅଞ୍ଚଳ ମାନଙ୍କରେ ପ୍ରାପ୍ତବୟସ୍କ ମାନଙ୍କର ଶିକ୍ଷା ନିମନ୍ତେ ସମୟ ନିର୍ଦ୍ଦିଷ୍ଟ (Time bound) କର୍ମସୂଚୀ ଗ୍ରହଣ କରିବା; ୨) ଏହି ସମସ୍ତ ଅଞ୍ଚଳରେ ପଶ୍ଚାଦ୍‌ପଦ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କର ଶିକ୍ଷା ନିମନ୍ତେ ଆବାସିକ ଶିକ୍ଷା ପ୍ରତିଷ୍ଠାନ (Boarding School) ସ୍ଥାପନ କରିବା ।

କାରିଗରୀ ଓ ପେଶାଦାରୀ ପ୍ରତିଷ୍ଠାନ ମାନଙ୍କରେ ୨୭%ସ୍ଥାନ ସଂରକ୍ଷଣର ପ୍ରସ୍ତାବ ମଧ୍ୟ ଦିଆଯାଇଛି । ଏହି ସମସ୍ତ ଶିକ୍ଷା ପ୍ରତିଷ୍ଠାନ ଗୁଡ଼ିକରେ କେବଳ ପ୍ରବେଶ କରିଦେଲେ ଯଥେଷ୍ଟ ହେବନାହିଁ, ତା'ସହିତ ଦରକାର ପଶ୍ଚାଦପଦ ଶ୍ରେଣୀର ପିଲମାନଙ୍କ ନିମନ୍ତେ ବିଶେଷ ପ୍ରଶିକ୍ଷଣ ସୁବିଧା କରିବା (coaching etc) । କମିଶନର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବହେଲା ପେଷାଧାରୀ ମାନଙ୍କୁ ସରକାରୀ ସାହାଯ୍ୟ ଦାନ । ଦେଶରେ ବୃହତ୍ ଶିଳ୍ପ ସ୍ଥାପନ ଫଳରେ ଗ୍ରାମାଞ୍ଚଳର କୁଟିର ଶିଳ୍ପ ଭାଙ୍ଗି ପଡ଼ିବାର ଅବସ୍ଥାରେ ପହଞ୍ଚିଛି । ଗ୍ରାମାଞ୍ଚଳର କ୍ଷୁଦ୍ରଶିଳ୍ପୀ ମାନଙ୍କର ଅର୍ଥନୈତିକ ଦୁରବସ୍ଥା ଅତି ସାଂଘାତିକ ଅବସ୍ଥାରେ ପହଞ୍ଚିଲଣି । ଏହି ପାରିବାରିକ ପେଷାଧାରୀ ମାନଙ୍କୁ ଅର୍ଥନୈତିକ ସହାୟତା ଜରିଆରେ ସରକାର ସେମାନଙ୍କୁ ସେମାନଙ୍କର କ୍ଷୁଦ୍ରଶିଳ୍ପ ଚଳାଇ ରଖିବାରେ ସାହାଯ୍ୟକରୁ ବୋଲି କମିଶନ ସରକାରଙ୍କୁ ଆହ୍ୱାନ କରିଛନ୍ତି ।

ସଂରକ୍ଷଣ, ଶିକ୍ଷା କ୍ଷେତ୍ରରେ ବିଶେଷ ସୁବିଧା ଓ ଅର୍ଥନୈତିକ ସହାୟତା—ଏ ସମସ୍ତ ସତ୍ତ୍ୱେ ମଧ୍ୟ କମିଶନ ସନ୍ତୁଷ୍ଟ ରହିନାହିଁ । ସମସ୍ୟାର

Digitized by srujanika@gmail.com

ସମାଧାନ ହେବା ମୂଳୋତ୍ପାଟନରେ ସମ୍ଭବ ନୁହେଁ । ତେଣୁ କମିଶନ ତା'ର ମତ ଦେଇଛି, ସଂପୂର୍ଣ୍ଣ ଭୂ ସଂସ୍କାର ନିମନ୍ତେ :—

"Until the strangle hold of the existing production relations is broken through radical land reforms, the abject dependance of underprivileged Classes on the dominant higher castes will continue indefinitely"

ଅର୍ଥାତ୍ ଯେ ପର୍ଯ୍ୟନ୍ତ ସଂପୂର୍ଣ୍ଣ ଭୂ-ସଂସ୍କାର ମାଧ୍ୟମରେ ଉତ୍ପାଦନ ସମ୍ପର୍କକୁ ପରିବର୍ତ୍ତିତ କରାଯାଇ ପାରିବନାହିଁ, ସେ ପର୍ଯ୍ୟନ୍ତ ନିମ୍ନଶ୍ରେଣୀର ମଣିଷମାନେ ଉଚ୍ଚଜାତି ଉପରେ ନିର୍ଭରଶୀଳ ହୋଇ ରହିଥିବେ ।

ଉତ୍ପାଦନ ବ୍ୟବସ୍ଥାର ଏହି ପରିବର୍ତ୍ତନ ହାସଲ କରିବାର ଗୁରୁତ୍ୱ ଉପରେ ମଣ୍ଡଳ କମିଶନ ଦର୍ଶାଇଛି :

"a radical transformation of the existing Production relations is the most important single step that can be taken for the welfare and upliftment of all backward Classes."

ଅର୍ଥାତ୍, ପଶ୍ଚାଦପଦ ଶ୍ରେଣୀ ଗୁଡ଼ିକର ଉନ୍ନୟନ ନିମନ୍ତେ ଉତ୍ପାଦନ ସମ୍ପର୍କର ପରିବର୍ତ୍ତନ ହିଁ ହେବ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

ମଣ୍ଡଳ କମିଶନ ବିଚାରରେ, ନାନା କାରଣରୁ ଶିଳ୍ପ କ୍ଷେତ୍ରରେ ଏହି ପରିବର୍ତ୍ତନ ସମ୍ଭବ ନ ହେଲେବି, ତାହା କୃଷି କ୍ଷେତ୍ରରେ ସମ୍ଭବ ଏବଂ ଆବଶ୍ୟକ ।

ଅନ୍ୟାନ୍ୟ ପଶ୍ଚାଦପଦ ଶ୍ରେଣୀ ମାନଙ୍କ ମଧ୍ୟରେ ଯେଉଁ ଅଂଶ ଅସ୍ପୃଶ୍ୟତା ଦୋଷର ଶିକାର ସେମାନଙ୍କୁ ତଫସିଲ୍ ଜାତି ଉପଜାତି ତାଲିକାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ କମିଶନ ସୁପାରିଶ କରିଛନ୍ତି ।

କେନ୍ଦ୍ରୀୟ ଓ ରାଜ୍ୟ ସ୍ତରରେ Backward classes Development Corporation ସ୍ଥାପନ କରିବା ନିମନ୍ତେ କମିଶନ ମଧ୍ୟ

Digitized by srujanika@gmail.com

ସୁପାରିଶ କରିଛନ୍ତି । ଏହି କରପୋରେସନ ଅନ୍ୟାନ୍ୟ ପଛୁଆପଡ଼ା ଶ୍ରେଣୀ-ଗୁଡ଼ିକର ବିକାଶ ନିମନ୍ତେ ସାମାଜିକ, ଶିକ୍ଷାଗତ ଓ ଆର୍ଥିକ ସୁବିଧା ସୁଯୋଗକୁ ରୂପାୟିତ କରିବାରେ ନିଯୁକ୍ତ ହେବ ।

ଅନ୍ୟାନ୍ୟ ପଛୁଆପଡ଼ା ଶ୍ରେଣୀମାନଙ୍କର ସ୍ୱାର୍ଥରକ୍ଷା ନିମନ୍ତେ କେନ୍ଦ୍ରୀୟ ଓ ରାଜ୍ୟସ୍ତରରେ ପୃଥକ ବିଭାଗ ସ୍ଥାପନର ପ୍ରୟୋଜନୀୟତା କଥା ମଣ୍ଡଳ କମିଶନ ଉଲ୍ଲେଖ କରିଛନ୍ତି । ଏହାଛଡ଼ା ମଧ୍ୟ ଏ ସମସ୍ତ ଉନ୍ନୟନ ପ୍ରକଳ୍ପର ସାର୍ଥକ ରୂପାୟନ ନିମନ୍ତେ ରାଜ୍ୟ ସରକାରମାନଙ୍କୁ କେନ୍ଦ୍ର ସରକାର ଆର୍ଥିକ ଅନୁଦାନ ଦେବାର ସୁପାରିଶ କରାଯାଇଛି ।

ଏହା ତ ହେଲା ମୋଟାମୋଟି ମଣ୍ଡଳ କମିଶନ, ତା'ର ଅନୁସନ୍ଧାନ, ବିଶ୍ଲେଷଣ ଓ ତଥ୍ୟ ସଂଗ୍ରହ ପ୍ରଣାଳୀ ଏବଂ ଏହା ଉପରେ ଭିତ୍ତିକରି ଦିଆଯାଇଥିବା ସୁପାରିଶ ସମୂହର ବୃତ୍ତାନ୍ତ । ମାତ୍ର ବର୍ତ୍ତମାନ ଦେଖାଯାଉ ଦାଖଲ ପରେ ଅବଧି କମିଶନ ରିପୋର୍ଟର ସ୍ଥିତି ସମ୍ପର୍କରେ । ଏହି ସ୍ଥିତିକୁ ଆଲୋଚନା କରିବା ନିମନ୍ତେ ଆଜି ଦିନର କେତେକ ଗୁରୁତ୍ୱପୂର୍ଣ୍ଣ ବିତର୍କ ଯଥା—ଜାତି ବ୍ୟବସ୍ଥା ଉପରେ ସ୍ପଷ୍ଟୀକରଣ, ଜାତିଆଣ ଭିତ୍ତିକ ସଂରକ୍ଷଣର ବୈପ୍ଳବିକ ବୈଧତା, "ଅର୍ଥନୀତି ଭିତ୍ତିକ ସଂରକ୍ଷଣ" ଯୁକ୍ତିର ବାସ୍ତବ ଚରିତ୍ର, "ଦକ୍ଷତା ଓ ଯୋଗ୍ୟତା" ସ୍ଲୋଗାନର ପ୍ରାସଙ୍ଗିକତା, ସଂରକ୍ଷଣ ବିରୋଧି ଆନ୍ଦୋଳନ ବିଶ୍ଲେଷଣ ରାଜନୈତିକ ଦଳମାନଙ୍କର ଭୂମିକା, କମ୍ୟୁନିଷ୍ଟ ବିପ୍ଳବ ଓ ସଂରକ୍ଷଣର ଅନ୍ତଃ ସମ୍ପର୍କ, ବର୍ତ୍ତମାନ ରିପୋର୍ଟର ସ୍ଥିତି ଓ ଭବିଷ୍ୟତ ଇତ୍ୟାଦିର ତର୍ଜମା ପାଠକମାନଙ୍କ ନିମନ୍ତେ ଉପସ୍ଥାପନ କରୁଛୁ ।

ଜାତି ବ୍ୟବସ୍ଥା (Caste System)

ସାଂପ୍ରତିକ ସମୟରେ ଦେଶର ଏକ ଅତ୍ୟନ୍ତ ବିବାଦମାନ ସମସ୍ୟା ଭିତରୁ ଗୋଟିଏ ହେଲା ଜାତି-ଭିତ୍ତିକ ସ୍ଥାନ ସଂରକ୍ଷଣ । ଏହାକୁ ନେଇ ଦୁଇ ବୃହତ୍ତ ସାମାଜିକ ଜନଗୋଷ୍ଠି ପରସ୍ପର ବିରୁଦ୍ଧରେ ଲଢ଼େଇ ପାଇଁ ମୋର୍ଚ୍ଚା ଠିଆକରି ଦେଇଛନ୍ତି, ଯାହାକି ଦେଶର ଏକତାକୁ ଭାଙ୍ଗିଦେବା ନିମନ୍ତେ ଯଥେଷ୍ଟ । ସଂରକ୍ଷଣ ବିରୋଧିଙ୍କ ମତରେ, ସ୍ୱାଧୀନତା-ପର କାଳରେ ଦେଶ ଏକ ଗଣତାନ୍ତ୍ରିକ ସମ୍ବିଧାନ ଗ୍ରହଣ କରିବା ଦ୍ୱାରା ଜାତି ବ୍ୟବସ୍ଥାର ବିଲୋପ

Digitized by srujanika@gmail.com

ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ମାତ୍ର ଜାତି ଭିତ୍ତିକ ସଂରକ୍ଷଣ ଲାଗୁ କରାଗଲେ ଏହି ପ୍ରକ୍ରିୟା ବାଧାପ୍ରାପ୍ତ ହୋଇ ପୁନଶ୍ଚ ଜାତି ବିଭାଜିତ ସମାଜ ପୁନର୍ଗଠିତ ହେବ । ଏହା ଦେଶର ଏକତା ଓ ଅଖଣ୍ଡତା ନିମନ୍ତେ ଶୁଭଙ୍କର ନୁହେଁ । ଭି. ପି. ସିଂହ ଓ ବି. ପି. ମଣ୍ଡଳଙ୍କୁ ଏଥିପାଇଁ ଦୋଷି ସାବ୍ୟସ୍ତ କରାଗଲା । ମାତ୍ର ସପକ୍ଷବାଦୀମାନେ ଯୁକ୍ତି କରନ୍ତି ଯେ ସନାତନ ହିନ୍ଦୁଧର୍ମ ଏହି ଘୃଣିତ ଜାତି ବ୍ୟବସ୍ଥାର ସୃଷ୍ଟି କର୍ତ୍ତା, ବି. ପି. ମଣ୍ଡଳ ନୁହଁନ୍ତି । ମଣ୍ଡଳ ତ କେବଳ ଜାତି ବ୍ୟବସ୍ଥାର ବାସ୍ତବ ବିଲୋପ ନିମନ୍ତେ ହିଁ ଯତ୍ନବାନ ହୋଇଛନ୍ତି ।

ଏହି ସମସ୍ତ ବାଦାନୁବାଦକୁ ବୁଝିବାକୁ ହେଲେ ଆମକୁ ଜାତି ବ୍ୟବସ୍ଥା ସଂପର୍କରେ ବୁଝିବା ଦରକାର । ଜାତି କ'ଣ ? କିପରି ଓ କାହିଁକି ଏହା ସୃଷ୍ଟି ହେଲା ? ବର୍ତ୍ତମାନ ଏହା କେଉଁ ଅବସ୍ଥାରେ ଅଛି ?

ଜାତି କ'ଣ, ତାହା ଭାରତବର୍ଷର ପ୍ରତ୍ୟେକ ଲୋକ ଭଲଭାବେ ଅବଗତ । ଏହା ଏପରି ଏକ ସାମାଜିକ ଅନୁଷ୍ଠାନ ଯେଉଁଥିରେ ଜଣେ ବ୍ୟକ୍ତି ତା'ର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବନ୍ଧା । ଭୋଜଭାତ, ଆଚାର ବ୍ୟବହାର, ରୀତି ନିୟମ, ବିବାହ, କର୍ମ ଇତ୍ୟାଦିରେ ପ୍ରତ୍ୟେକ ଜାତି ନିଜ ଭିତରେ କେନ୍ଦ୍ରୀତ । ବ୍ୟକ୍ତି ଏଠାରେ ଜନ୍ମପରେ ହିଁ ସେହି ଜାତିର ହୋଇଯାଏ ମୃତ୍ୟୁ ପର୍ଯ୍ୟନ୍ତ । ଅନ୍ୟ ଜାତିରେ ବିବାହ ନିଷେଧ, ଖାଦ୍ୟପେୟରେ ମଧ କଟକଣା ।

ଶାସ୍ତ୍ର ଅନୁସାରେ ଏହାର ସୃଷ୍ଟି ଅଶ୍ରୁଗ୍ରାକ ଦର୍ଶାଯାଏ । ମାତ୍ର ସମାଜବିତ୍ମାନେ ମୋଟାମୋଟି ଦୁଇଟି କାରଣରୁ ଜାତି ବ୍ୟବସ୍ଥା ସୃଷ୍ଟି ହୋଇଥିବାର ଦର୍ଶାନ୍ତି । ପ୍ରଥମଟି ହେଲା ବର୍ଣ୍ଣବିଚାର (Racial consideration) । ଏ କ୍ଷେତ୍ରରେ H. H. Risley ଓ Keith ଗ୍ରହଣଯୋଗ୍ୟ । "...Conquering Aryans behaved towards the conquered Dravidians the same way as some planters in America behaved towards the African slaves whom they imported."

H. H. Risley, 'The People of Idnia', P. 275

Digitized by srujanika@gmail.com

"ବିଜେତା ଆର୍ଯ୍ୟମାନେ ବିଜିତ ଦ୍ରାବିଡ଼ମାନଙ୍କ ସହିତ, ଆମେରିକାର ଗୋରାଲୋକେ ସେମାନଙ୍କର ଆଫ୍ରିକୀୟ କ୍ରୀତଦାସଙ୍କ ସହ ଯେଉଁଭଳି ଆଚରଣ କରନ୍ତି, ସେହିଭଳି ଆଚରଣ କରୁଥିଲେ ।"

"Aryan contact with aborigines raised question of purity of blood very like those which at present agitate the southern states of U. S. A. or the whole of the white people in South Africa"

· Keith "Cambridge History of India" P. 125

ଅର୍ଥ ହେଲା "ଆର୍ଯ୍ୟମାନେ ଏଠାରେ ସ୍ଥାୟୀ ବାସିନ୍ଦାଙ୍କ ସମ୍ପର୍କରେ ଆସିବା ପରେ ରକ୍ତର ଶୁଦ୍ଧିତା ଉପରେ ପ୍ରଶ୍ନ ଉଠିଲା । ବର୍ତ୍ତମାନ ଯେପରି ଆମେରିକାର ଦକ୍ଷିଣ ରାଜ୍ୟମାନଙ୍କରେ ଏବଂ ପୁରା ଦକ୍ଷିଣ ଆଫ୍ରିକାରେ ଗୋରା ଲୋକଙ୍କ ପାଖରେ ପ୍ରଶ୍ନ ଉଠିଛି ।"

ତା' ଅର୍ଥ ନିଜର ବର୍ଣ୍ଣ ପ୍ରାଧାନ୍ୟ ବିଲୋପ ହୋଇଯିବାର ଆଶଙ୍କାରେ ଆର୍ଯ୍ୟମାନେ ସମାଜକୁ ଜାତିଭାବେ ବିଭାଜନ କଲେ । ବିଜିତ ସ୍ଥାନୀୟ ଲୋକମାନଙ୍କୁ ସର୍ବନିମ୍ନ ପାହାଚରେ ନିର୍ଦ୍ଧାରିତ କରି ଅସ୍ପୃଶ୍ୟ ଓ ଶୂଦ୍ରଭାବେ ଘୋଷଣା କଲେ ।

ଦ୍ୱିତୀୟ କାରଣଟି ହେଲା ଶ୍ରମ ବିଭାଜନ (Division of Labour) ବା ସାମାଜିକ ସମ୍ପଦର ବଣ୍ଟନ (Distribution of social wealth) । ଶୁଦ୍ଧ ବର୍ଣ୍ଣମାନେ ସାମାଜିକ ସମ୍ପଦ ଓ ଉତ୍ପାଦନ ଉପରେ କର୍ତ୍ତୃତ୍ୱ ବଜାୟ ରଖି ନିଜ ପାଇଁ ବୃହତ ଅଂଶ ଆତ୍ମସାତ୍ କରିବା ନିମନ୍ତେ, ଏହିଭଳି ଏକ ବ୍ୟବସ୍ଥା କଲେ ଯାହା ଫଳରେ ପରାଜିତ ସ୍ଥାୟୀ ଅଧିବାସୀମାନଙ୍କ ନିମନ୍ତେ ଶାରୀରିକ ଶ୍ରମ ଓ ସାମାଜିକ ଲାଞ୍ଛନା ଲଦିଦିଆଗଲା । ଶୁଦ୍ଧ ବର୍ଣ୍ଣ (ଉଚ୍ଚ ଜାତି) ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନେ ଶାରୀରିକ ଶ୍ରମରୁ ଶାସ୍ତ୍ରମତେ ନିବୃତ୍ତ ରହିଲେ ଓ ଅନ୍ୟାନ୍ୟ ଶୂଦ୍ର ଓ ଅସ୍ପୃଶ୍ୟମାନଙ୍କ ନିମନ୍ତେ ଶାରୀରିକ ଶ୍ରମକୁ ଶାସ୍ତ୍ର ଧର୍ମ ବୋଲି ଘୋଷଣା କଲେ । ଏ କ୍ଷେତ୍ରରେ R. S. Sharmaଙ୍କ ମତକୁ ନିଆଯାଇପାରେ ।

Digitized by srujanika@gmail.com

"But in post-vedic time the emergent class of Priests and warriors not only discarded manual and artisan Labour but hated those who prictised it. Infact more they moved away from physical Labour and primary production, the more pure and noble they came to be regarded.

"Prospective of social and Economic History of early India" P-24

ଅର୍ଥ ହେଲା 'ପୁରୋହିତ ଓ କ୍ଷତ୍ରିୟ ଶ୍ରେଣୀମାନେ ଶାରୀରିକ ଓ ହସ୍ତଶିଳ୍ପରୁ ନିଜକୁ ଦୂରେଇ ରଖିଲେ ଏବଂ ଯେ ଏହା ବ୍ୟବହାର କଲେ ତାକୁ ଘୃଣା କଲେ । ଯେତେଯେତେ ସେମାନେ ଶାରୀରିକ ଶ୍ରମ ଓ ମୂଳ ଉତ୍ପାଦନଠାରୁ ଦୂରେଇ ଗଲେ ସେତେ ପରିମାଣରେ ଶୁଦ୍ଧ ଓ ସମ୍ଭ୍ରାନ୍ତ ବୋଲି ପ୍ରତିପାଦିତ କରିବାକୁ ଲାଗିଲେ ।"

ସେ ଆହୁରି ଚମତ୍କାର ଭାବେ ଦର୍ଶାଇଛନ୍ତି—

"The origine and growth of caste System can be better appreciated if we bear in mind that caste is a form of social differentiation arises out of social conflicts and unequal distribution of social resources and produce.

I bid—P-25

"ଜାତି ସୃଷ୍ଟି ଓ ପରିବୃଦ୍ଧିକୁ ସଠିକ ଭାବେ ବୁଝିହେବ ଯଦି ଆମେ ମନେରଖିବା ଯେ ଜାତି ହେଉଛି ସାମାଜିକ ବିଭାଜନର ଏକ ରୂପ ଯାହା କି ସାମାଜିକ ଦ୍ୱନ୍ଦ୍ୱ ଓ ସାମାଜିକ ସମ୍ପଦ ଓ ଉତ୍ପାଦନର ଅ-ସମ ବଣ୍ଟନ ନିମନ୍ତେ ସୃଷ୍ଟ ।"

ଯାହାହେଉ, ମୋଟାମୋଟି ଭାବେ ବୁଝିବାକୁ ଗଲେ ନିଜର ବର୍ଣ୍ଣ ଆଧିପତ୍ୟ (Racial dominance) ବଜାୟ ରଖିବା ନିମନ୍ତେ ଓ

Digitized by srujanika@gmail.com

ସାମାଜିକ ଉତ୍ପାଦନ ଓ ସମ୍ପଦ ସୃଷ୍ଟିରେ ଯେଉଁମାନଙ୍କ ଶ୍ରମ ବିନିଯୋଗ ନ କରି ତା'ର ଶୋଷଣ କରିବା ନିମନ୍ତେ ଏହି ଘୃଣିତ ଜାତି-ପ୍ରଥା ସୃଷ୍ଟି ହୋଇଥିଲା, ଯାହା ପୃଥିବୀରେ ବିରଳ।

ଧର୍ମ ନାଁରେ କୁତ୍ସିତ ଜାତି ନିୟମ ପ୍ରଣୟନ କରି ସମାଜର ଏକ ବୃହତ୍ ଶ୍ରମଦାନକାରୀ ଉତ୍ପାଦକ ଗୋଷ୍ଠିକୁ ଲାଞ୍ଛନା, ଘୃଣା, ଓ ନିଚତାର ଶିକାର କରାଇ ସେମାନଙ୍କର ଶ୍ରମ ଲବ୍ଧ ସମ୍ପଦର ବିରୋଧ ବିହୀନ ଶୋଷଣ ଜାରି ରଖିବାର ଚକ୍ରାନ୍ତର ଫଳ ହେଉଛି ଜାତି ବ୍ୟବସ୍ଥା।

କେତେକଙ୍କ ମତରେ ସ୍ୱାଧୀନତା ପରେ ଭାରତବର୍ଷରେ ଏହି ଜାତି ପ୍ରଥା କ୍ରମଶଃ ବିନାଶ ହୋଇଯାଉଛି। ଏବେ ଦେଖିବା ଏହି ବ୍ୟବସ୍ଥାର ବର୍ତ୍ତମାନ ଅବସ୍ଥା। ଏହି ବ୍ୟବସ୍ଥାର ମୁଖ୍ୟତଃ ତିନୋଟି ଦ୍ରଷ୍ଟବ୍ୟ ଚରିତ୍ର ପ୍ରଥମଟି ହେଲା ବର୍ଣ୍ଣ ବୈଷମ୍ୟବାଦୀ ବିକୃତିର ରୂପ, ଅସ୍ପୃଶ୍ୟତା। ଦ୍ୱିତୀୟଟି ହେଲା ବିବାହ, ଖାଦ୍ୟପେୟ ଉପରେ ଜାତିଆଣ କାନୁନ କଟକଣା ଓ ତୃତୀୟଟି ହେଲା ଶ୍ରମ ବିଭାଜନ।

ଅସ୍ପୃଶ୍ୟତା ଭଳି ବିକୃତ ଅପ୍ରାସଙ୍ଗିକତା ବିରୁଦ୍ଧରେ କିଛି ପରିମାଣରେ ସାମାଜିକ ସଚେତନତା ସୃଷ୍ଟି ହୋଇଛି। ଆଇନ ମଧ୍ୟ ପ୍ରଣୟନ ହୋଇଛି। ଗଣତାନ୍ତ୍ରିକ, ବୈଜ୍ଞାନିକ ଶିକ୍ଷା ବ୍ୟବସ୍ଥା ଅନେକ ପରିମାଣରେ ଯୁବମାନସରୁ ଏହି ବିକୃତିକୁ ଦୂର କରିବାରେ ସକ୍ଷମ ହୋଇଛି। ମାତ୍ର ଏବେ ବି ଆମର ଗ୍ରାମାଞ୍ଚଳରୁ ଏହା ଦୂର ହୋଇନାହିଁ।

ବିବାହ ଓ ଖାଦ୍ୟପେୟ ଭଳି ଜାତିଆଣ ବାରଣ ଏବେ ମଧ୍ୟ ସାମାଜିକ ଭାବେ ଚାଲୁରହିଛି। ଯଦିଓ ଅନ୍ୟ ଜାତି ବିବାହ ସପକ୍ଷରେ ଆଇନଗତ ବ୍ୟବସ୍ଥା ହୋଇଛି, ମାତ୍ର ତାହା ସାମାଜିକ ଭାବେ ଗ୍ରହଣୀୟ ହୋଇନାହିଁ।

ଶେଷ ଗୁରୁତ୍ୱପୂର୍ଣ୍ଣ ଚରିତ୍ରଟି ହେଲା ଶ୍ରମ ବିଭାଜନ। ଶିଳ୍ପକରଣ ଫଳରେ ବହୁ ହସ୍ତଶିଳ୍ପୀ ଓ ଶ୍ରମଜୀବି ମଣିଷ ନିଜର କୌଳିକ କର୍ମ ଛାଡ଼ି ଅନ୍ୟ କର୍ମରେ ପ୍ରବେଶ କରିଛନ୍ତି। ସେଥିପାଇଁ ଅନେକ "ତଥା କଥିତ ଜାତି ଲୋପ"

Digitized by srujanika@gmail.com

ହେଉଥିବା ତତ୍ତ୍ୱର ପ୍ରବକ୍ତାମାନେ ଏହି ଉଦାହରଣ ଦେଖାଇଥାନ୍ତି । ମାତ୍ର ଆମେ ଯଦି ଟିକେ ତର୍ଜମା କରି ଦେଖିବା, ତେବେ ଏହି ବନ୍ଧନ ବଳବତ୍ତର ରହିଥିବାର ଦେଖି ପାରିବା । ଏହା କ୍ଷୟ ପ୍ରାପ୍ତ (eroded) ହେବା ପରିବର୍ତ୍ତେ ଅବସ୍ଥାପିତ (retained) ହୋଇ ରହିଛି ।

ନିମ୍ନ ଟେବୁଲକୁ ଦେଖାଯାଉ ।

ବିହାର କୃଷି ଶ୍ରମିକ ସମିକ୍ଷା

ଜାତି	ଶତକଡ଼ା ହାର (1954)	ଶତକଡ଼ା ହାର (1986)
ଉଚ୍ଚବର୍ଣ୍ଣ	୦୦.୯୫	୦୦.୦୩.
ଅନ୍ୟାନ୍ୟ ପଶ୍ଚାଦପଦ ଶ୍ରେଣୀ	୪୭.୩୪	୪୩.୨.
ହରିଜନ ଆଦିବାସୀ	୫୧.[illegible]୧	୫୧.୫.
ମୁସଲମାନ	—	୧୦.୦.

ସୂତ୍ର—୧) କୃଷି ଶ୍ରମିକ ସମିକ୍ଷା, କୃଷି ମନ୍ତ୍ରଣାଳୟ, ଭାରତ ସରକାର ।

୨) ଏଗ୍ରୀକଲଚର ଲେବର ଏଣ୍ଡ ପିଜାଣ୍ଟ ପଲିଟିକସ,

ଏଗ୍ରାରିଆନ ମୁଭମେଣ୍ଟ (ଏ. ଏନ୍. ଦାସ) ପୃ-୧୦୨ ।

୧୯୫୪ରେ ଅନ୍ୟାନ୍ୟ ପଶ୍ଚାଦପଦ ଶ୍ରେଣୀ ଭିତରେ ମୁସଲମାନମାନଙ୍କୁ ମିଶାଇ ଗଣନା କରାଯାଇଥିଲା । ୧୯୮୬ରେ ଅଲଗା କରି ଗଣନା କରାଯାଇଛି । ଫଳରେ ଦେଖାଯାଉଛି ଯେ ଶ୍ରମକ୍ଷେତ୍ରରେ ଏବଂ ବାସ୍ତବ ଉତ୍ପାଦନ କ୍ଷେତ୍ରରେ ଯେଉଁଭଳି ଭାବେ ହରିଜନ, ଆଦିବାସୀ ଓ ଅନ୍ୟାନ୍ୟ ପଶ୍ଚାଦପଦ ଶ୍ରେଣୀମାନଙ୍କର ଅବସ୍ଥା ୧୯୫୪ରେ ଥିଲା ତାହାର କୌଣସି ପରିବର୍ତ୍ତନ ୧୯୮୬ରେ ହୋଇନାହିଁ ବରଂ ଉଚ୍ଚ ବର୍ଣ୍ଣମାନେ ଶ୍ରମ କ୍ଷେତ୍ରରେ ୧୯୫୪ରେ ଯେତିକି ସଂଖ୍ୟାରେ ଥିଲେ ୧୯୮୬ରେ ତାହା କମିଛି ।

ସରକାରୀ ଚାକିରି ବା ବିନା ଶାରୀରିକ ଶ୍ରମ କ୍ଷେତ୍ରରେ ଦେଖାଯାଉ । ଯେଉଁଥିରେ ଅମଲା ହାକିମ ଜରିଆରେ ପୂର୍ବତନ ପୁରୋହିତ ଓ ରାଜକର୍ମଚାରୀ

Digitized by srujanika@gmail.com

ସ୍ଥାନ ପୂରଣ କରିଯାଇ ସାମାଜିକ ଉତ୍ପାଦନ ଓ ଶ୍ରମକୁ ଶୋଷଣ କରିବାର ସୁଯୋଗ ରହିଥାଏ ।

ହାଇକମିଶନ ଅଫିସମାନଙ୍କରେ ଚାକିରୀଆମାନଙ୍କ ଶତକଡ଼ା ହାର

ଚାକିରୀର ଧରଣ	ଉଚ୍ଚ ବର୍ଣ୍ଣ	ଅନ୍ୟାନ୍ୟ ପଶ୍ଚାଦପଦ ଜାତି	ହରିଜନ/ ଆଦିବାସୀ
ପ୍ରଥମ ଶ୍ରେଣୀ	୯୦.୯	୦.୦	୯.୧
ଦ୍ୱିତୀୟ ଶ୍ରେଣୀ	୯୪.୦	୦.୭	୫.୩
ତୃତୀୟ ଶ୍ରେଣୀ	୯୨.୫	୧.୦	୬.୫
ଚତୁର୍ଥ ଶ୍ରେଣୀ	୯୧.୮	୦.୪	୭.୮

ସୂତ୍ର—ରାଜ୍ୟସଭା ବିତର୍କ, ସେପ୍ଟେମ୍ବର ୧୧, ୧୯୮୧ ।
ଓ ରଭେସନ (ଇଶ୍ୱର ପ୍ରସାଦ)

ବନା ଶ୍ରମ କ୍ଷେତ୍ରରେ ୧୫% ଉଚ୍ଚ ବର୍ଣ୍ଣ ନିଜର ଆଧିପତ୍ୟ ବଜାୟ ରଖିଛନ୍ତି ଏ କ୍ଷେତ୍ରରେ ଜାତି ବ୍ୟବସ୍ଥା କ୍ଷୟ ହୋଇନାହିଁ । ଅନ୍ୟ ରୂପରେ, ତଥାକଥିତ ଆଧୁନିକ ଟେକ୍ନୋକ୍ରାଟିକ ରୂପରେ ଚାଲିଛି ।

ତେଣୁ ଯେଉଁମାନେ ବି. ପି. ମଣ୍ଡଳଙ୍କୁ ଜାତିଆଣ ଭାବନାର କାରଣ ହିସାବରେ ଚିତ୍ରଣ କରୁଛନ୍ତି, ସେମାନେ ସତ୍ୟର ଅପଳାପ କରୁଛନ୍ତି । ସେମାନଙ୍କର ଯୁକ୍ତି ଅବାସ୍ତବ ଓ ଉଦ୍ଦେଶ୍ୟ ପ୍ରଣୋଦିତ । ସେ କେବଳ ବାସ୍ତବ ପରିସ୍ଥିତିର ବାସ୍ତବ ମୂଲ୍ୟାୟନ କରିଛନ୍ତି ଓ ଜାତି ବିଭାଜନକୁ ଦୂର କରିବାର କାର୍ଯ୍ୟକାରୀ ସମାଧାନ ଦେଖାଇଛନ୍ତି ।

ସଂରକ୍ଷଣ

ଏହି ପ୍ରସଙ୍ଗରେ ଆମେ ଜାତିଆଣ ଭିତ୍ତିକ ସଂରକ୍ଷଣର କାନୁନୀ, ସାମ୍ବିଧାନିକ ଦିଗର ଚର୍ଚ୍ଚା କରିବା । କାରଣ ଏହି ସଂରକ୍ଷଣ ପ୍ରଣାଳୀକୁ ନେଇ ବହୁ ସମ୍ବିଧାନବିତ୍ ତଥା ଆଇନଜ୍ଞ ଏହାର ବୈଧତାକୁ ଆହ୍ୱାନ

Digitized by srujanika@gmail.com

କରୁଛନ୍ତି । ସେମାନଙ୍କ ମତରେ, ସଂରକ୍ଷଣ ଫଳରେ ସମାଜରେ ନିର୍ଦ୍ଦିଷ୍ଟ କେତେକ ଗୋଷ୍ଠିକୁ ଅଲଗା ଭାବେ ବିଶେଷ ସୁବିଧା ସୁଯୋଗ ପ୍ରଦାନ ସମ୍ବିଧାନର ୧୪ ଧାରା ପ୍ରଦତ୍ତ ମୌଳିକ ଅଧିକାର ଯଥା—ପ୍ରତ୍ୟେକ ବ୍ୟକ୍ତିର ସମାନତା ପ୍ରାପ୍ତିର ସମାନ ହକକୁ, ଉଲଂଘନ କରୁଛି । ଏହା ଏପରି ଏକ ମାନସିକ ଦ୍ୱିଧା ଉତ୍ପନ୍ନ କରିଛି, ଯେଉଁଥିରେ କେତେକ ନିଷ୍ଠାପର ଗଣତାନ୍ତ୍ରିକ ବ୍ୟକ୍ତି ମଧ୍ୟ ପ୍ରଭାବିତ ହୋଇ ପଡ଼ୁଛନ୍ତି । ବର୍ଣ୍ଣବାଦୀମାନେ ଏହି ଯୁକ୍ତିକୁ ଦଳିତ ବର୍ଗ ବିରୁଦ୍ଧରେ ଆକ୍ରମଣାତ୍ମକ କୌଶଳ ଭାବେ ପ୍ରୟୋଗ କରୁଥିବାବେଳେ, ଏହା ଦଳିତ ବର୍ଗକୁ ମାନସିକ ସ୍ତରରେ ରକ୍ଷଣାତ୍ମକ ଅବସ୍ଥାନରେ ପହଞ୍ଚାଇ ଦେଉଛି ।

ବର୍ତ୍ତମାନ ଦେଖିବା ଏହି ସଂରକ୍ଷଣ ବ୍ୟବସ୍ଥା ଆଇନଗତ ଭାବେ ପରିପୁଷ୍ଟ ବା ସାମ୍ୟଧାରାର ପରିପନ୍ଥୀ କି ? ପ୍ରଥମ କଥା ହେଲା ସଂରକ୍ଷଣ ଧାରାଟି ସମ୍ବିଧାନ ଅନ୍ତର୍ଗତ କରାହୋଇ ଆଇନ ସିଦ୍ଧ ହୋଇଯାଇଛି । ଏବଂ ଏହି ଆଇନ, ଆଇନ ପ୍ରଣୟନକାରୀଙ୍କ ବିଚାର ଅପରିପକ୍ୱତା ବା କିଛି ନିର୍ଦ୍ଦିଷ୍ଟ ସାମାଜିକ ଜନଗୋଷ୍ଠୀ ଦ୍ୱାରା ସୃଷ୍ଟ ଅଯୁକ୍ତିକର ଚାପ ପ୍ରୟୋଗର ଗଣତନ୍ତ୍ର ଭାବଧାରା ବିରୋଧି ନକାରାତ୍ମକ ପରିଣତି ନୁହେଁ, ବରଂ ସାମାଜିକ ବାସ୍ତବତାର ଯୁକ୍ତିଯୁକ୍ତ ଓ ସଠିକ ଅଭିବ୍ୟକ୍ତି । ମନେ ରଖିବାକୁ ହେବ ଯେ, ଆଇନ ହେଉଛି ସାମାଜିକ ଆବଶ୍ୟକତାର ପରିପ୍ରକାଶ ।

ବର୍ତ୍ତମାନ ଏହି ସମାଜିକ ଆବଶ୍ୟକତା ଓ ସାମ୍ୟ ଆଇନ, ଉଭୟକୁ ବିଚାର କରି ଦେଖାଯାଉ । ଆମେ ସମସ୍ତେ ଜାଣୁ ଯେ ସାମ୍ୟ ଆଇନ ହେଲା ଗଣତନ୍ତ୍ର ଶରୀରର ଏକ ଅଭିଚ୍ଛେଦ୍ୟ ଅଙ୍ଗ । ମାତ୍ର ସମସ୍ୟାଟି ହେଲା ଆମ ଦେଶର ଶିକ୍ଷିତ, ବୁଦ୍ଧିଜୀବି ବା ସମ୍ବିଧାନବିତ୍ ଆଇନଜ୍ଞ ଯେଉଁ ସାମ୍ୟ ଆଇନକୁ ବୁଝନ୍ତି ବା ବ୍ୟାଖ୍ୟା କରନ୍ତି, ତାହା ହେଉଛି ଏ ଦେଶକୁ ପାଶ୍ଚାତ୍ୟ ଇଉରୋପ ଦେଶରୁ ଆମଦାନୀ କରା ସାମ୍ୟ ଧାରଧାରା । ସେ ଦେଶର ସାମାଜିକ ଆବଶ୍ୟକତାକୁ ଯେଉଁ ସାମ୍ୟ ରୂପାୟିତ କରିପାରିବ, ସେହି ଏକ ଧରଣୀୟ ସାମ୍ୟ ଭାବଧାରା ଏ ଦେଶର ସମାଜିକ ଆବଶ୍ୟକତାକୁ ବାସ୍ତବାୟିତ କରିପାରିବ, ଏହାର କୌଣସି ଅଳବତ ନିଶ୍ଚିନ୍ତତା ନାହିଁ ।

Digitized by srujanika@gmail.com

ଅନ୍ଧାନୁସରଣ ନୁହେଁ, ଦରକାର ଏହି ସାମ୍ୟ ଭାବଧାରାକୁ ସମାଜର ଆବଶ୍ୟକତା ପରିପୂରଣ କରି ପାରିବାର ଢଙ୍ଗରେ ପ୍ରୟୋଗ । ଜାତିଆଣ ଭାବେ ସଂରକ୍ଷିତ ସୁବିଧା (Reserved Privilage) ପାଶ୍ଚାତ୍ୟ ଗଣତାନ୍ତ୍ରିକ ସମ୍ବିଧାନ ଅନ୍ତର୍ଗତ ନୁହେଁ ବୋଲି ତାର ଅର୍ଥ ନୁହେଁ ଭାରତୀୟ ଗଣତନ୍ତ୍ରରେ ଅନ୍ତର୍ଭୁକ୍ତ ହୋଇଥିବାରୁ ସାମ୍ବିଧାନିକ ଭାବେ ଅସିଦ୍ଧ ବା ଅବୈଧ ବା ଗଣତାନ୍ତ୍ରିକ ଭାବଧାରାର ପରିପନ୍ଥୀ । ଗଣତାନ୍ତ୍ରିକ ଭାବଧାରାର ମୂଳଭିତ୍ତି ହେଲା ସମାଜର ପ୍ରତ୍ୟେକ ବ୍ୟକ୍ତି ପ୍ରତି ସାମ୍ୟଧାରାକୁ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ପ୍ରୟୋଗ କରାଇବା (ଅର୍ଥନୈତିକ କ୍ଷେତ୍ର ପାଇଁ ଏହି ଧାରା ପ୍ରଯୁଜ୍ୟ ନୁହେଁ) । ପାଶ୍ଚାତ୍ୟ ଇଉରୋପିୟ ସମାଜରେ ବ୍ୟକ୍ତି, ବ୍ୟକ୍ତି ଭାବେ ଜନ୍ମ ହୁଏ ଅନ୍ୟ ବ୍ୟକ୍ତି ଭଳି । ଏହି ଗଣତନ୍ତ୍ର ପ୍ରଦତ୍ତ ସାମ୍ୟ ହାସଲ ନିମନ୍ତେ ସେ ରାଜନୈତିକ ବା ସାମାଜିକ ଦିଗରୁ ଅନ୍ୟ ବ୍ୟକ୍ତିଠାରୁ ଅପଙ୍ଗ ନୁହେଁ । ମାତ୍ର ଭାରତବର୍ଷର ସମାଜରେ ବ୍ୟକ୍ତି ଜନ୍ମ ନିଏ ଜାତି ଭାବେ । ଜନ୍ମରୁ ହିଁ ନିର୍ଦ୍ଧାରିତ ହୋଇଯାଏ ତାର ଭାଗ୍ୟ ସାରା ଜୀବନ, ଉଚ୍ଚ ନୀଚ ସ୍ତରରେ । ସମାନ ଅଧିକାର ପାଇବାରୁ ଜଣେ ତଳ ଜାତିର ମଣିଷ ସାମାଜିକ ନିୟମ ଓ କାନୁନ କଣ୍ଟକଣା ଦିଗରୁ ଜନ୍ମରୁ ପଙ୍ଗୁ । ତେଣୁ ଏହି ସ୍ତରର ମଣିଷମାନଙ୍କ ପାଇଁ ଗଣତନ୍ତ୍ରର ସେହି ସାମ୍ୟ ସ୍ତରର ପ୍ରୟୋଗକୁ ଆଇନଗତ ଭାବେ ନିର୍ଦ୍ଦିଷ୍ଟ କରାଇବା ଗଣତନ୍ତ୍ରର ପରିପନ୍ଥୀ ନୁହେଁ ବରଂ ଏହି ପ୍ରକ୍ରିୟାକୁ ବାସ୍ତବାୟିତ କରି ପାରିବାର କାର୍ଯ୍ୟକାରୀ ପଦକ୍ଷେପ ।

ଏ କ୍ଷେତ୍ରରେ ଭାରତବର୍ଷର ସାମାଜିକ ଆବଶ୍ୟକତା ହେଲା, ଏହି ସାମ୍ୟଧାରାର ପ୍ରୟୋଗ ନିମନ୍ତେ ଆଇନ ବ୍ୟବସ୍ଥାର ପ୍ରକରଣ ବ୍ୟକ୍ତିଗତ ସ୍ତରର ନ ହୋଇ ଗୋଷ୍ଠିଗତ ସ୍ତରର ହେବା ଦରକାର । ଗୋଷ୍ଠିଗତ (ଜାତିଗତ) ଭାବେ ପକ୍ଷପାତର ଶିକାର ହେଉଥିବା ମଣିଷମାନଙ୍କ ନିମନ୍ତେ ଏହି ଧାରାର ବାସ୍ତବ ପ୍ରୟୋଗ ସମ୍ଭବ ହେବ, ଯଦି ଏମାନଙ୍କୁ, 'ସାମ୍ୟ' ପ୍ରାପ୍ତି ନିମନ୍ତେ ଆଇନଗତ ଭାବେ ହକଦାର କରିଦେବ । ପ୍ରତ୍ୟେକ ଜାତିଗୋଷ୍ଠି ଜନସଂଖ୍ୟାରେ ନିଜର ସମାନୁପାତିକ ହାରରେ ସୁବିଧା ସୁଯୋଗ ପ୍ରାପ୍ତି କ୍ଷେତ୍ରରେ ସମାନଭାବେ ହକଦାର ହେବା, 'ସାମ୍ୟ' ଭାବଧାରାକୁ ଏହି ସମାଜରେ ରୂପାୟିତ କରିବାର ଏକ ଆବଶ୍ୟକତା ଓ ଯୁକ୍ତିଯୁକ୍ତ ପଦକ୍ଷେପ ।

Digitized by srujanika@gmail.com

ପକ୍ଷପାତ (Discrimination) ଭାରତୀୟ ସମାଜ ବ୍ୟବସ୍ଥାର ଏକ ମୁଖ୍ୟ ଚରିତ୍ର । ଯେହେତୁ ତଳ ଜାତିର ମଣିଷଟିଏ ସମାନ ଅଧିକାର ପାଇବା ସୁଯୋଗରୁ ସାମାଜିକ ବିଧି ନିୟମ ଦୋଷରୁ ପଙ୍ଗୁ, ତେଣୁ ତାକୁ ଏହାର ପ୍ରାପ୍ତି କ୍ଷେତ୍ରରେ ସକ୍ଷମ କରିବା ନିମନ୍ତେ ଦରକାର ଏହି ପକ୍ଷପାତିତାକୁ ବିପରିତମୁଖୀ କରାଇବା । କେବଳ ଆଇନ ବହିରେ 'ସାମ୍ୟ' ଧାରାଟି ଯୋଡ଼ିଦେଲେ, ସେହି ବଞ୍ଚିତ ଲୋକଟି ଏହାର ସୁଫଳ ପାଇପାରିବ ନାହିଁ । ଏ କ୍ଷେତ୍ରରେ Blakeଙ୍କ ଉକ୍ତି ପ୍ରଣିଧାନ୍ୟ ଯୋଗ୍ୟ :—

"One law for lion and ox is oppression". ବାଘ ଓ ମିରିଗ ନିମନ୍ତେ ଯେପରି ଗୋଟିଏ ଆଇନ ସୁଫଳ ଦେଇପାରିବ ନାହିଁ, ତେଣୁ ଏହି ବଞ୍ଚିତ ବର୍ଗଙ୍କ ସାମ୍ୟପ୍ରାପ୍ତି ନିମନ୍ତେ ଏକ ବିଶେଷ ଆଇନ ଦରକାର । ଏମାନଙ୍କର 'ସାମ୍ୟ' ଅଧିକାର ପ୍ରାପ୍ତିକୁ ନିଶ୍ଚିନ୍ତ କରିବାର ଏହି କାନୁନ ବ୍ୟବସ୍ଥା ହେଲା ସଂରକ୍ଷଣ (Reservation) । ସଂରକ୍ଷଣ ଫଳରେ ସେହି ବଞ୍ଚିତ ଜନଗୋଷ୍ଠି, ନିଜର ସଂଖ୍ୟାନୁପାତିକ ଭାବେ ସମାନ ସୁଯୋଗ ପାଇପାରିବେ । ଏହାଦ୍ୱାରା ସେମାନଙ୍କ ଉପରେ ଚାଲିଥିବା ପକ୍ଷପାତକୁ ପରିବର୍ତ୍ତନ କରିହେବ । ଯେଉଁ ଚିନ୍ତାଧାରାକୁ କୁହାଯାଏ ପରିବର୍ତ୍ତିତ ପକ୍ଷପାତ (Reversed discrimination)

ଏହି ପରିବର୍ତ୍ତିତ ପକ୍ଷପାତିତା, ବାସ୍ତବରେ ଅନ୍ୟ କାହାରି ଅଧିକାର ପ୍ରାପ୍ତିକୁ ଖର୍ବ କରେନାହିଁ । ଏହା କେବଳ ଅଧିକାର ହାସଲ କରିବା ନିମନ୍ତେ ବଞ୍ଚିତମାନଙ୍କ ପାଇଁ ରକ୍ଷାକବଚ ଭାବେ କାମ କରେ । ଏବଂ ଯେହେତୁ ପକ୍ଷପାତ ବ୍ୟବହାର ଭାରତୀୟ ସମାଜରେ ଜାତି-ପ୍ରଥା ମାଧ୍ୟମରେ ସ୍ୱୀକୃତ, ତେଣୁ ଏହି ରକ୍ଷାକବଚର ଆଇନ ମଧ୍ୟ ଜାତିଗତ ଭାବେ ପକ୍ଷପାତକୁ ପରିବର୍ତ୍ତନ କରିବା ନିମନ୍ତେ ପ୍ରଣୟନ ହେବା ବିଧେୟ । ତେଣୁ ଜାତିଆଣ ଭାବେ ପ୍ରଣିତ ସଂରକ୍ଷଣ କାନୁନ ସମ୍ବିଧାନ ବିରୋଧି ବା ଅଗଣତାନ୍ତ୍ରିକ ନୁହେଁ । ଏହା ମଧ୍ୟ ଅନ୍ୟ କାହାର ଅଧିକାର ଛଡ଼ାଇ ଆଣିବାପାଇଁ ଅଭିପ୍ରେତ ନୁହେଁ ବା କାହାକୁ କାହାଦ୍ୱାରା ଦୟା ପ୍ରଦର୍ଶନର ସ୍ମାରକ ନୁହେଁ ।

ତେଣୁ ଯେଉଁ 'ତଥାକଥିତ' ପଣ୍ଡିତମାନେ ସଂରକ୍ଷଣ ବିରୁଦ୍ଧରେ କାନୁନୀ, ବୈଧାନିକ ପ୍ରଶ୍ନ ଉଠାଉଛନ୍ତି, ସେମାନେ ବାସ୍ତବରେ ଗଣତାନ୍ତ୍ରିକ

Digitized by srujanika@gmail.com

ଭାବଧାରାର ବିରୋଧୀ । ସେମାନେ ବଞ୍ଚିତ ବର୍ଗଙ୍କୁ, ସେମାନଙ୍କ ଅଧିକାର ପ୍ରାପ୍ତିଠୁ ସବୁଦିନ ନିମନ୍ତେ ବଞ୍ଚିତ କରି ରଖିବାର ପ୍ରୟାସ କରି ଚାଲିଛନ୍ତି । ଦଳିତ ବର୍ଗ ନିର୍ଭୟରେ ଏହି ଶକ୍ତିର ବିରୁଦ୍ଧାଚରଣ କରିବା ଦରକାର । ନଚେତ ଦଳିତ ବର୍ଗ ବିରୁଦ୍ଧରେ ଚାଲିଥିବା ଷଡ଼ଯନ୍ତ୍ରକୁ ପ୍ରତିହତ କରିହେବ ନାହିଁ ।

ସଂରକ୍ଷଣ ବିରୋଧୀଙ୍କ କେତୋଟି ଯୁକ୍ତି :—

"ଅର୍ଥନୀତି ଭିତ୍ତିକ ସଂରକ୍ଷଣ"

ଗଣତନ୍ତ୍ର ଭାବଧାରା, ଭାରତୀୟ ଜାତିବାଦୀ (ଉଚ୍ଚବର୍ଣ୍ଣ ବାଦୀ) ମାନଙ୍କ କ୍ଷେତ୍ରରେ ଏକ ପରିପନ୍ଥୀ ଭାବଧାରା । କାରଣ ଜାତିବାଦୀ ଦର୍ଶନ ହିଁ ହେଲା ମୂଳତଃ ଗଣତନ୍ତ୍ରର ବିରୋଧୀ । ଏବଂ ଆମ ସମାଜର ଉଚ୍ଚବର୍ଣ୍ଣମାନେ ଅସ୍ଥି ମଜ୍ଜାଗତ ଭାବେ ହେଲେ ଏହି ଜାତିବାଦୀ (ମନୁବାଦୀ) ଦର୍ଶନର ଶିଷ୍ୟ । ତେଣୁ ଏମାନେ ବଚନରେ ଯେତେ ଗଣତନ୍ତ୍ରର ଦୋହି ଦିଅନ୍ତୁନା କାହିଁକି କାର୍ଯ୍ୟରେ ଠିକ୍ ଏହାର ବିପରୀତ । ଏପରିକି ଆମ ସମାଜରେ ସାମ୍ୟବାଦ ମଧ୍ୟ ଜାତିବାଦ ଦ୍ୱାରା ପରାଭୂତ । ତାହାର ଏକ ମଜାଦାର ଉଦାହରଣ ହେଲା ଏହି ଅର୍ଥନୀତି ଭିତ୍ତିକ ସଂରକ୍ଷଣର ଯୁକ୍ତି ।

ଏ କ୍ଷେତ୍ରରେ ପ୍ରଥମେ ସେମାନଙ୍କର ଅସଙ୍ଗତିକୁ ଦେଖନ୍ତୁ । ଜାତିଆଣ ଭିତ୍ତିକ କ୍ଷେତ୍ରରେ ସଂରକ୍ଷଣ ସମ୍ବିଧାନ ସିଦ୍ଧ ଥିବାବେଳେ, ସେମାନେ ଏହାକୁ ଅବୈଧାନିକ, ଗଣତନ୍ତ୍ର ବିରୋଧୀ ବୋଲି ଚିତ୍କାର କରୁଛନ୍ତି ଅପର ପକ୍ଷରେ ଯାହା ବାସ୍ତବରେ ଅବୈଧାନିକ (ଆର୍ଥିକ ସଂରକ୍ଷଣ),ତାହାର ଯୁକ୍ତିରଖୁଛନ୍ତି । ପାଶ୍ଚାତ୍ ଇଉରୋପୀୟ ସମାଜରେ ଜାତି ସଙ୍କଟ ନାହିଁ, ମାତ୍ର ଅର୍ଥନୈତିକ ଭେଦାଭେଦ ରହିଛି । ଏହି ଆର୍ଥିକ ଭେଦାଭେଦର ଦୂରୀକରଣ ନିମନ୍ତେ କିନ୍ତୁ ସେଠାରେ ସଂରକ୍ଷଣର ଦରକାର ନାହିଁ । ଏବଂ ସେହି ସମ୍ବିଧାନହିଁ ଆମ ଗଣତନ୍ତ୍ରର ଆଦର୍ଶ ରୂପେ ଗ୍ରହଣ କରାହୋଇଛି । ତେବେ ଆମ ସମ୍ବିଧାନରେ ଆର୍ଥିକ ସଂରକ୍ଷଣ ପ୍ରଚଳନ କରିବା, କେଉଁ ଆଦର୍ଶ ପରିଚାଳିତ ହେବ ? ଆମେ ଏଠାରେ ସ୍ପଷ୍ଟ କରିବାକୁ ଚାହୁଁ ଯେ, ପ୍ରଚଳିତ ଗଣତନ୍ତ୍ରକୁ ପୁଞ୍ଜିବାଦୀ ଗଣତନ୍ତ୍ର କୁହାଯାଏ । ଯାହାର ଧର୍ମହେଲା ପୁଞ୍ଜିର ଶୋଷଣକୁ ଆଇନଗତ

Digitized by srujanika@gmail.com

ପୃଷ୍ଠ ପୋଷକତା ଯୋଗାଇଦେବା ଓ ଜନଗଣଙ୍କୁ ଆର୍ଥିକ ନିସ୍ୱ ଓ ଦରିଦ୍ର କରାଇବା । ଏହି ଅବସ୍ଥାର ପରିବର୍ତ୍ତନ ଦରକାର କରେ ବ୍ୟବସ୍ଥାର ଆମୂଳ ପରିବର୍ତ୍ତନ—ବ୍ୟକ୍ତିଗତ ସଂପତ୍ତିର ସୁରକ୍ଷା ନୁହେଁ, ବିଲୋପ—ସାମାଜିକ ସଂପତ୍ତି ଉପରେ ସମସ୍ତଙ୍କର ସମାନ ଅଧିକାର ଇତ୍ୟାଦି ଦାବି ଏବଂ ସବୁଠାରୁ ହାସ୍ୟାସ୍ପଦ ବିଷୟ ହେଲା, ଏହି ଆର୍ଥିକ ସଂରକ୍ଷଣ ଯୁକ୍ତିର ମୁଖ୍ୟ କାରପଟ-ଦାରି କରୁଥିବା ବ୍ୟକ୍ତି ହେଲେ, ସେହି ଦାରିଦ୍ର ସୃଷ୍ଟିକାରୀ, ଓଡ଼ିଶାର ପୁଞ୍ଜିପତି ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ । ଆହାଃ, ଦରିଦ୍ର ଉଦ୍ଧାରର କି ବିଚିତ୍ର ଅବତାର ! ଏବଂ ତାଙ୍କ ପଛକୁ ପାଳି ଧରିଥିବା ସେହି କାୟସ୍ଥ (କରଣ) 'ସାମ୍ୟବାଦୀ' ମୁଖ୍ୟମନ୍ତ୍ରୀ ବଙ୍ଗଳାର ଜ୍ୟୋତିବସୁ । ଆହାଃ, ଦଳିତ ବର୍ଗକୁ ଆର୍ଥିକ ନ୍ୟାୟ ଯୋଗାଇବାର କି ବିଚିତ୍ର ସାମ୍ୟବାଦୀ ଅବତାର ! ଏମାନଙ୍କ ପଛକୁ ପାଳିଧରି ଆହୁରି ଅନେକ "ଗଣତାନ୍ତ୍ରିକ" ଓ 'ସାମ୍ୟବାଦୀ' ମଧ୍ୟ ପଛକୁ ପଛ ଧାଡ଼ିବାନ୍ଧି ଠିଆହୋଇ ଯାଇଛନ୍ତି ।

ଏହି ତତ୍ତ୍ୱକୁ ଗ୍ରହଣଯୋଗ୍ୟ କରାଇବା ନିମନ୍ତେ ବହୁ ମାନସିକ ଶ୍ରମକରି ସେମାନେ ଯେଉଁ ଯୁକ୍ତିର ଅବତାରଣା ଦେଉଛନ୍ତି ତାହା ହେଲା ବିଗତ ୪୦-୪୫ ବର୍ଷର ସଂରକ୍ଷଣ ଫଳରେ ଦଳିତ ବର୍ଗର ବାସ୍ତବରେ କୌଣସି ସୁବିଧା ହୋଇ ପାରିନାହିଁ । ସେହି ବର୍ଗର ଗୋଟିଏ କ୍ଷୁଦ୍ର ସଂପନ୍ନ ଶ୍ରେଣୀ (elite class) ସୃଷ୍ଟି ହୋଇଛି ଏବଂ ଏହି ଶ୍ରେଣୀ ସଂରକ୍ଷଣର ସମସ୍ତ ସୁବିଧା ଆତ୍ମସାତ୍ କରିବା ଫଳରେ ଦଳିତବର୍ଗର ଅଭାବୀ ଲୋକେ, ତଥା ଉଚ୍ଚବର୍ଣ୍ଣର ମେଧାବୀ ଲୋକେ ନ୍ୟାଯ୍ୟ ଅଧିକାର ପାଇବା କ୍ଷେତ୍ରରୁ ବଞ୍ଚିତ ହେଉଛନ୍ତି । ତେଣୁ ଜାତିଆଣ ଭିତ୍ତିକ ସଂରକ୍ଷଣ, ସେମାନଙ୍କ ମତରେ, ନିର ଉଦ୍ଦେଶ୍ୟ ହରାଇଛି । ଏହା ପରିବର୍ତ୍ତେ ଆର୍ଥିକ ଭିତ୍ତି ନିଆଗଲେ ପ୍ରକୃତ ଅଭାବୀ ଲୋକେ ଉପକୃତ ହୋଇ ପାରିବେ ।

ସେମାନଙ୍କ ମତର ଏହି ଦଳିତ ସଂପନ୍ନ ବର୍ଗକୁ ଖୋଜି ବାହାର କରିବା ପୂର୍ବରୁ କିନ୍ତୁ ଆମେ ଟିକେ ସେହି ବିଜୁ ପଟ୍ଟନାୟକଙ୍କର ପଟ୍ଟନାୟକ, ବ୍ରାହ୍ମଣ ସଂପନ୍ନ ବର୍ଗକୁ ଦେଖିବା ବା ଜ୍ୟୋତିବାବୁଙ୍କର କାୟସ୍ଥ, ବୈଦ୍ୟ, ବ୍ରାହ୍ମଣ ସଂପନ୍ନ ବର୍ଗକୁ ଦେଖି ଦେବା ଦରକାର । ଏହା କହିବା ବାହୁଲ୍ୟ ଯେ ଦଳିତ ବର୍ଗରୁ ସୃଷ୍ଟି ହୋଇଥିବା ସଂପନ୍ନ ବର୍ଗ ଅପେକ୍ଷା କେତେ ଲକ୍ଷ

Digitized by srujanika@gmail.com

ଗୁଣରେ ଅଧିକ ଶକ୍ତିଶାଳୀ, ପରାକ୍ରମଶାଳୀ ବର୍ଗ ହେଲେ ଉଚ୍ଚବର୍ଣ୍ଣର ଏହି ପଟ୍ଟନାୟକ, କାୟସ୍ଥ, ବ୍ରାହ୍ମଣ ସଂପନ୍ନ ବର୍ଗ । ତେବେ ଏହି ପଟ୍ଟନାୟକ, ବସୁମାନେ ଦଳୀତ ସଂପନ୍ନ ବର୍ଗକୁ ବାଦଦେବା ସଙ୍ଗେ ସଙ୍ଗେ ଏହି ଉଚ୍ଚବର୍ଣ୍ଣ ସଂପନ୍ନ ବର୍ଗକୁ ଅଧିକ ସୁବିଧା ହାସଲ କ୍ଷେତ୍ରରୁ ବାଦ ଦେବା ନିମନ୍ତେ ଯୁକ୍ତି ରଖୁନାହାଁନ୍ତି କାହିଁକି ? କମସେ କମ୍ ସେମାନଙ୍କର ଉଦ୍ଦେଶ୍ୟତ ସନ୍ଦେହମୁକ୍ତ ହୋଇପାରି ଥାଆନ୍ତା । ଆମର ଏହି ବ୍ୟବସ୍ଥାର ଚରମ ହେଲା ଗୋଟିଏ ମଧ୍ୟବର୍ତ୍ତୀ ପରାଙ୍ଗଭୋଜ ସଂପନ୍ନ ଗୋଷ୍ଠି ତିଆରି କରିବା । ଯଦି ଦଳୀତ ବର୍ଗରୁ ଗୋଟିଏ ଛୋଟିଆ ଗୋଷ୍ଠି ଏହି ବର୍ଗରେ ସାମିଲ ହେଲେ, ତେବେ କ'ଣ କ୍ଷତି ହୋଇଗଲା ? ସେମାନଙ୍କର ଗାତ୍ରଦାହ ହେଉଛି କାହିଁକି ? ସେମାନେ କ'ଣ ଭାବୁଛନ୍ତି ଉଚ୍ଚବର୍ଣ୍ଣ ଶାସନାଧିକାରୀଙ୍କ ଦୟାରୁ ଏମାନେ ଜନ୍ମ ନେଉଛନ୍ତି ? ବା ସଂପନ୍ନ ହେବାର ଏକଚାଟିଆ ଅଧିକାର କେବଳ ସେହି ପଟ୍ଟନାୟକ, ବସୁ ଇତ୍ୟାଦି ଉଚ୍ଚବର୍ଣ୍ଣର ରହିଛି ?

ଏବେ ଆମେ ଦେଖିବା ଏହି ଦଳିତ ସମ୍ପନ୍ନ ଗୋଷ୍ଠିର ବାସ୍ତବିକତାକୁ । ପ୍ରଥମେ ଦେଖିବା କେଉଁ କ୍ଷେତ୍ରରେ ଏହି ସମ୍ପନ୍ନ ଶ୍ରେଣୀ ଅଧିକାର ମାଡ଼ି ବସିଛନ୍ତି । ବ୍ୟବସାୟ, ବାଣିଜ୍ୟ ଓ ଶିଳ୍ପ କ୍ଷେତ୍ରରେ ଯେ ହରିଜନ, ଆଦିବାସୀ ଓ ଅନ୍ୟାନ୍ୟ ପଛୁଆ ଶ୍ରେଣୀର ଏହି ତଥାକଥିତ "ସମ୍ପନ୍ନ ବର୍ଗ", ଦଖଲରେ ନାହାନ୍ତି, ତାହା ପ୍ରତ୍ୟେକ ଭାରତୀୟ ଜାଣନ୍ତି । ବର୍ତ୍ତମାନ ଦେଖାଯାଉ ଶିକ୍ଷିତ ବ୍ୟବସାୟ ବା ଉଚ୍ଚ ଅମଲା କ୍ଷେତ୍ରକୁ,

୧୯୭୯-୮୧ SC/ST କମିଶନର ରିପୋର୍ଟ ଅନୁଯାୟୀ :—

୧୯୭୯ ସୁଦ୍ଧା ସମସ୍ତ ହାଇକୋର୍ଟ ଜଜଙ୍କ ମଧ୍ୟରୁ ମାତ୍ର ୫ ଜଣ ଥିଲେ ହରିଜନ ଶ୍ରେଣୀରୁ ।

ଉଚ୍ଚ ଅଦାଲତ କ୍ଷେତ୍ରରେ, ସର୍ବଭାରତୀୟ ପ୍ରତିନିଧିତ୍ୱ ହେଲା :—

ହରିଜନ ୨.୧%, ଆଦିବାସୀ ୦.୨୪%

ରାଜ୍ୟ ନ୍ୟାୟାଳୟ କ୍ଷେତ୍ରରେ ଏହି ପରିମାଣ ହେଲା :—

ହରିଜନ ୭% ଆଦିବାସୀ ୦.୮୪%

ଏହି ଶତାଂଶ କେତେକ ମୁଖ୍ୟ ନ୍ୟାୟାଳୟ ଯଥା :—ବମ୍ବେ, କର୍ଣ୍ଣାଟକ, ମଧ୍ୟ ପ୍ରଦେଶ ଓ ପାଟଣା ଇତ୍ୟାଦିକୁ ବାଦ ଦେଇ ନିଆଯାଇଛି ।

Digitized by srujanika@gmail.com

କାରଣ ବମ୍ବେ ହାଇକୋର୍ଟ ସଂରକ୍ଷଣ ଲାଗୁ କରିବାକୁ ସିଧା ନାସ୍ତି କରି ଦେଇଥିବାବେଳେ, ଅନ୍ୟମାନେ ଆଂଶିକ ଭାବେ ଲାଗୁ କରିବାର ସ୍ୱୀକୃତି ଦେଇଥିଲେ । ଏମାନଙ୍କୁ ମିଶାଇ ହିସାବ ନଆଯାଇଥିଲେ ଶତାଂଶ ଆହୁରି କମ୍ ହୋଇଥାନ୍ତା ।

ଶିକ୍ଷା ବିଭାଗକୁ ଦେଖାଯାଉ :—୧୯୮୧ ଅନୁସାରେ, ହରିଜନ, ଆଦିବାସୀଙ୍କ ଶତାଂଶ ହେଲା ।

ପ୍ରଫେସର ୦.୭%, ରିଡର ୦.୬୩%, ଲେକ୍‌ଚରର ୦.୮୮% ।
ଚାକିରି କ୍ଷେତ୍ରକୁ ଦେଖାଯାଉ :—ସୁପରଭାଇଜର ଷ୍ଟାଫ୍—ହରିଜନ ୫.୩%
ଆଦିବାସୀ ୧.୧% ; କରାଣି-ହରିଜନ ୫.୩%, ଆଦିବାସୀ ୧.୬%
ଅଧସ୍ତନ କର୍ମଚାରୀ ହରିଜନ ୧୭.୪ %, ଆଦିବାସୀ ୨.୭ %

ସୁପ୍ରିମ କୋର୍ଟର ଜଣେ ଜଜ୍, ହାଇକୋର୍ଟର କେଇ ଶହ ଜଜ୍‌ଙ୍କ ମଧ୍ୟରୁ କେବଳ ୫ ଜଣ ହରିଜନ ଶ୍ରେଣୀର । ସେହିଭଳି ଶିକ୍ଷା ବିଭାଗର ହଜାର ହଜାର ପ୍ରଫେସର, ରିଡର, ଲେକ୍‌ଚରରଙ୍କ ମଧ୍ୟରୁ ଶତକଡ଼ା ୧-୨ ହରିଜନ ଆଦିବାସୀ ଶ୍ରେଣୀସ୍ଥ, ତଥା ଉଚ୍ଚ ପ୍ରଶାସନର ମାତ୍ର ୩-୪ ଶତାଙ୍କ ହରିଜନ ଆଦିବାସୀ କର୍ମଚାରୀ କେଉଁ ଧରଣୀସ୍ଥ ସମ୍ମାନ ଅବସ୍ଥାର ଦୃଷ୍ଟାନ୍ତ ରଖୁଛନ୍ତି ? ଏପରିକି ଯେଉଁଠି କରାଣି ପ୍ରଭୃତି ଚାକିରିରେ ମଧ୍ୟ ଏମାନେ ନିଜର କୋଟା ପୂରଣ କରିପାରୁ ନାହାନ୍ତି (ଯଦିଓ ଏହି ବର୍ଗର ଲକ୍ଷ ଲକ୍ଷ ଶିକ୍ଷିତ ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ନାମ ଦାଖଲ କରି ବେକାର ରହିଛନ୍ତି) । ସେ କ୍ଷେତ୍ରରେ ନିଜ ବର୍ଗର ଅଭାବ ଲୋକଙ୍କୁ ଅଧିକାରରୁ ବଞ୍ଚିତ କରିବାର ପ୍ରଶ୍ନ କେଉଁଠି ? ଉପରୋକ୍ତ ସ୍ଥାନରେ ତ ହରିଜନ/ଆଦିବାସୀ ସମ୍ମାନ ଶ୍ରେଣୀର ଦର୍ଶନ ମିଳୁନାହିଁ । ଯାହା ମିଳୁଛି ଅଧସ୍ତନ ଚପରାସି, ମେହେନ୍ତର, ଝାଡ଼ୁଦାର ସ୍ତରରେ । ଏବଂ ଏହି ବର୍ଗ ସେହି ସ୍ଥାନରେ ନିଜର 'ସମ୍ମାନ' ଆସ୍ଥାନକୁ ମାଡ଼ି ବସି ପାରିବେ, ଯେବେ ବି ଦୁନିଆର ଏହି ପଟ୍ଟନାୟକ, ରଥ, ବସୁମାନେ ସଂରକ୍ଷଣକୁ ଉଠାଇ ଦେବାରେ ସକ୍ଷମ ହୋଇପାରିବେ । କାରଣ ଯାଚକରି ଦେଲେ ମଧ୍ୟ ମେହେନ୍ତର ଝାଡ଼ୁଦାର ଚାକିରି ପାଇଁ ଉଚ୍ଚ ବର୍ଣ୍ଣରୁ ପ୍ରାର୍ଥୀ ମିଳିବେ କି ?

Digitized by srujanika@gmail.com

'ଅର୍ଥନୈତିକ ଭିତ୍ତି' ସପକ୍ଷରେ ଏମାନେ ଅନ୍ୟ ଯେଉଁ ତର୍କ ରଖନ୍ତି, ତାହା ହେଲା ଆଧୁନିକ ଗଣତନ୍ତ୍ର ପ୍ରତ୍ୟେକ ମଣିଷକୁ ଜାତିଧର୍ମ ନିର୍ବିଶେଷରେ ସମାନ ସୁବିଧା ସୁଯୋଗ ହାସଲର ଅଧିକାର ଦେଇଛି । ଯାହା ଫଳରେ ପୁରାତନ ଜାତି ବିଚାରର ଶ୍ରେଣୀ ପରିବର୍ତ୍ତେ, ନୂତନ ନିରପେକ୍ଷ ଆର୍ଥିକ ଶ୍ରେଣୀ ଗଢ଼ି ଉଠୁଛି । ଏବେ ଜଣେ ମଣିଷ କୌଣସି ବୃତ୍ତି ଗ୍ରହଣ କରିବା କ୍ଷେତ୍ରରେ ପୁରାତନ ଶୁଦ୍ଧ/ଅଚ୍ଛୁଆ ବିଚାରର ଜାତି ଗୋଷ୍ଠି ଭିତରେ ବନ୍ଦୀ ନୁହେଁ । ବୃତ୍ତି ଚଳମାନତା (Occupational mobility) ବା ବୃତ୍ତି ପରିବର୍ତ୍ତନ ଫଳରେ ଯେ କେହି ବ୍ୟକ୍ତି ଯେ କୌଣସି ବୃତ୍ତି ଗ୍ରହଣ କରିବାରେ ସକ୍ଷମ । ଦ୍ୱିତୀୟରେ ବର୍ତ୍ତମାନ ସମାଜରେ ପ୍ରତ୍ୟେକ ବର୍ଗ ମଧ୍ୟରେ ଆର୍ଥିକ ସୋପାନୀକରଣ (Economic stratification)ର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଯାହା ଜାତି, ଧର୍ମ ନିରପେକ୍ଷ ଆର୍ଥିକ ଶ୍ରେଣୀ ସୃଷ୍ଟିରେ ସହାୟକ । ତେଣୁ ଏହି ପରିପ୍ରେକ୍ଷିରେ ବର୍ତ୍ତମାନ ଯଦି 'ଜାତି'କୁ ସଂରକ୍ଷଣର ଭିତ୍ତି ହିସାବରେ ଗ୍ରହଣ କରାଯିବ, ତେବେ ଆରମ୍ଭ ହୋଇଥିବା ବର୍ତ୍ତମାନର ନିରପେକ୍ଷ ପ୍ରକ୍ରିୟା ବାଧା ପଡ଼ିବ ଓ ସମାଜ ପୁଣି ସେହି ବର୍ଣ୍ଣାଶ୍ରୟୀ ଜାତି ବିଚାରର ଶିକାର ହୋଇ ପଡ଼ିବ ।

ପ୍ରଥମେ ଦେଖାଯାଉ ଏହି ବୃତ୍ତି ଚଳମାନତା ଦିଗକୁ । ଆମେ ସେମାନଙ୍କ କଥାରେ ଏକମତ ଯେ ଏହି ପରିବର୍ତ୍ତନ ହାସଲ ହୋଇଛି । ମାତ୍ର ଏହା ଜାତି ବିଚାରର ଊର୍ଦ୍ଧ୍ୱରେ ଅଛି କି ? ଆମ ମତରେ ଯଦି ଜାତିଆଣ ଗଣ୍ଡି ନିର୍ଦ୍ଦେଶିତ ପୁରୁଣା ପାରମ୍ପରିକ ବୃତ୍ତି ଛାଡ଼ି ଜଣେ ଦଳିତ ଜାତିର ପିଲା ନୂତନ ଆଧୁନିକ ବୃତ୍ତି ହାସଲ କରିପାରିଛି, ତାହା ସମ୍ଭବ ହୋଇଛି ସେହି ଜାତି ପିଲାଟିର, ଏହି ବୃତ୍ତି ହାସଲ କରିବା ନିମନ୍ତେ ରଖାଯାଇଥିବା 'ସଂରକ୍ଷଣ' ସୁବିଧାର ଆଇନ ଫଳରେ । ସଂରକ୍ଷଣ ଚାଲୁ ରହିଥିବାବେଳେ, ତଳ ଜାତିର ଶିକ୍ଷିତ ପିଲାଟିଏ ଯେବେ କୌଶଳୀ ଉଚ୍ଚ ବର୍ଣ୍ଣଙ୍କ କାରସାଦି ଯୋଗୁଁ ନିଜର କୋଟା ଅଧିକାର ବୃତ୍ତି ପାଇବାରୁ ବଞ୍ଚିତ ରହୁଛି, ସେତେବେଳେ ଏହି ଜାତିଆଣ ସଂରକ୍ଷଣ ଉଠାଇ ଦେଲେ, ଏହି ବୃତ୍ତି ପରିବର୍ତ୍ତନର ପ୍ରକ୍ରିୟା କେତେଦୂର ସାକାର ହୋଇ ପାରିବ ?

Digitized by srujanika@gmail.com

ବିଶେଷତଃ ଦେଖାଯାଉ ଆର୍ଥିକ ସୋପାନୀକରଣ କ୍ଷେତ୍ରକୁ । ଆଧୁନିକ କ୍ଷେତ୍ରମାନଙ୍କରେ ପ୍ରବେଶ ଫଳରେ ଅବଶ୍ୟ ଦଳିତ ବର୍ଗ ମଧ୍ୟରେ କିଛି ପରିମାଣ ଆର୍ଥିକ ସ୍ୱଚ୍ଛଳ ଗୋଷ୍ଠି ଗଢ଼ି ଉଠିଛନ୍ତି । ମାତ୍ର ଏହି ଗୋଷ୍ଠିମାନେ ଅନ୍ୟାନ୍ୟ ବର୍ଗର ସେହି ଧରଣୀସ୍ତ ସ୍ୱଚ୍ଛଳ ଗୋଷ୍ଠିସହ ଏହି ଆର୍ଥିକ ପ୍ରକାର କାରଣ ଯୋଗୁଁ ସାଂସ୍କୃତିକ ଐକ୍ୟଦ୍ୱାରା ମିଳିତ ଏକ ଆର୍ଥିକ ଶ୍ରେଣୀ ସୃଷ୍ଟି କରୁଛନ୍ତି କି ? ଅର୍ଥାତ୍ ବ୍ରାହ୍ମଣ ଓ ହରିଜନ ବର୍ଗର ଦୁଇଜଣ କିରାଣି ବର୍ତ୍ତମାନ ଜାତିଗୁଡ଼ ନୂଆ ଏକ କିରାଣି ଆର୍ଥିକ ଶ୍ରେଣୀରେ ମିଳିତ ହୋଇଗଲେଣି କି ? ନା' ତା ପରିବର୍ତ୍ତେ ବାସ୍ତବିକତା ହେଉଛି ବ୍ରାହ୍ମଣ ବର୍ଗର କିରାଣିଟି ତା'ର ନୂଆ ବୃତ୍ତି କ୍ଷେତ୍ର ସହ ତାହାର ପୁରୁଣା ସମାଜିକ ସାଂସ୍କୃତିକ ଜାତି ପରିସର ମଧ୍ୟରେ ଆବଦ୍ଧ ଓ ସେହିପରି ହରିଜନ କିରାଣିଟି ମଧ୍ୟ । ଅର୍ଥାତ୍ ଯଦିଓ ନୂତନ ବୃତ୍ତି ଆର୍ଥିକ ସୋପାନୀକରଣର ବିନ୍ୟାସ କରିପାରିଛି, ମାତ୍ର ସେହି ବିନ୍ୟାସ ସିମିତ ରହିଛି ସେହି ପୁରାତନ ଜାତି ଗଣ୍ଡି ଭିତରେ । ଆର୍ଥିକ ଭାବେ ବିଭାଜିତ ଏହି ଜାତିବର୍ଗମାନେ ଏବେ ବି ସେହି ପୁରୁଣା ସାଂସ୍କୃତିକ ମେଣ୍ଟ ମଧ୍ୟରେ ସଙ୍ଗଠିତ । ସେମାନଙ୍କ ମଧ୍ୟରେ ଏବେ ବି' ସେହି ଜାତିଆଣ 'ଆମେ' ଓ 'ତୁମେ' ଭାବନା ବଳବତ୍ତର ରହିଛି । ଆମେ ଏକ ମତ ଯେ ଏହି ସୋପାନୀକରଣ ନିରପେକ୍ଷ ଆର୍ଥିକ ଶ୍ରେଣୀ ସୃଷ୍ଟିରେ ସହାୟକ । ମାତ୍ର ଏହା ସହିତ ଦରକାର ଅନ୍ୟ କେତେକ ଆନୁସଙ୍ଗିକ ସହାୟକ କର୍ମସୂଚୀ । ଏବଂ ସବୁଠାରୁ ବଡ଼ କଥା ହେଲା ଯେ ଯଦି ବା' ଦଳିତ ବର୍ଗ ମଧ୍ୟରେ ଏହି ଆର୍ଥିକ ଶ୍ରେଣୀ ପ୍ରକରଣ ସମ୍ଭବ ହୋଇଛି, ତାହା ହୋଇଛି ସେହି ଜାତିଆଣ ସଂରକ୍ଷଣ ଫଳରେ ।

କଥାଟିକୁ ମୋଟାମୋଟି ଭାବେ ଏହିଭଳି ଧରାଯାଉ—ପୁରାତନ ଶ୍ରେଣୀ ଥିଲା, ଜାତି ଭିତ୍ତିକ । ବୃତ୍ତି ଗ୍ରହଣ, ଶିକ୍ଷା, ସମ୍ପତ୍ତି ଅଧିକାର ଓ ରାଜନୈତିକ, ସାଂସ୍କୃତିକ କ୍ଷେତ୍ରରେ ତଳ ଜାତିର ଲୋକେ ପ୍ରବେଶ ଅଧିକାର କଟକଣାରେ ବନ୍ଦୀଥିଲେ । ପ୍ରଶ୍ନହେଲା ଏହା ସ୍ଥାନରେ ଆଧୁନିକ ଶ୍ରେଣୀ ପ୍ରକରଣର ପ୍ରକ୍ରିୟାକୁ ଅବସ୍ଥାପିତ କରିବା । ଯଦ୍ଦ୍ୱାରେ ଉପରୋକ୍ତ ଭେଦନୀତି ଫଳରେ ଜଣେ ମଣିଷ ବଞ୍ଚିତ ହେଉନଥିବ । ଏବଂ ତାହାର ନୂତନ ମର୍ଯ୍ୟାଦା ନିର୍ଦ୍ଧାରିତ ହେଉଥିବ ଯେ, କେଉଁ ଧରଣୀସ୍ତ ବୃତ୍ତି ହାସଲ କରିଛି—କାରଖାନାର ଶ୍ରମିକ

Digitized by srujanika@gmail.com

ନା’ ମାଳିକ ; ଆର୍ଥିକ ସ୍ଥିତି କ’ଣ—୫୦୦ ଟଙ୍କିଆ ମାସିକ ଆୟକାରୀ ନା’ ୫୦୦୦ ଟଙ୍କିଆ, ଏହି ଭେଦରେ ।

ଏଠାରେ ସ୍ୱତଃ ପ୍ରଶ୍ନ ଉଠୁଛି, ନିମ୍ନ ଜାତିମାନଙ୍କ କ୍ଷେତ୍ରରେ ଏହି ଯେଉଁ ବୃତ୍ତି ପରିବର୍ତ୍ତନ, (ମୁଁ ଏଠାରେ କୃଷି ଶ୍ରମିକରୁ, ଖଣିଖାଦାନ ବା କାରଖାନା ଶ୍ରମିକ ବା ସରକାରୀ ସ୍ତରର ଝାଡୁଦାର, ମେହେନ୍ତର ଧରଣୀୟ ବୃତ୍ତି ପରିବର୍ତ୍ତନ କଥା କହୁନାହିଁ, ମୋର ଉଦ୍ଦେଶ୍ୟ ହେଉଛି ସେହି ରାଜନୈତିକ ପ୍ରଶାସନିକ ଉଚ୍ଚ ପଦପଦବୀ କ୍ଷେତ୍ର) ସମ୍ଭବ ହୋଇଛି ବା ସେହି ଶ୍ରେଣୀ ମଧ୍ୟରେ ଯେଉଁ ଆର୍ଥିକ ସୋପାନିକରଣ ସମ୍ଭବ ହୋଇଛି । ତାହା କ’ଣ ସଂରକ୍ଷଣ ଭଳି ସହାୟକ ବ୍ୟବସ୍ଥା ନ ଥିଲେ ସମ୍ଭବ ହୋଇଥାନ୍ତା ? ଜାତିଆଣ ସଂରକ୍ଷଣ ଗୃହୀତ ରହିଥିବାବେଳେ ମଧ୍ୟ ଏହି ବର୍ଗ ଯେତେବେଳେ ଏହାକୁ ସଂପୂର୍ଣ୍ଣ ହାସଲ କରିପାରିବା କ୍ଷେତ୍ରରୁ ସୁଚତୁର ଭାବେ ବଞ୍ଚିତ ହେଉଛନ୍ତି, ଏହାକୁ ଉଠାଇ ଦେଲେ ବୃତ୍ତି ପରିବର୍ତ୍ତନ ଓ ଆର୍ଥିକ ସୋପାନିକରଣ ପ୍ରକ୍ରିୟାରୁ ଆମେ ସେମାନଙ୍କୁ ସଂପୂର୍ଣ୍ଣ ବଞ୍ଚିତ କରିବା ନାହିଁ କି ? ସେମାନଙ୍କୁ ସେମାନଙ୍କର ପୂର୍ବତନ ଜାତିକଟଣାର ପରିସର ମଧ୍ୟକୁ ଠେଲି ଦେବା ନାହିଁ କି ? ତଳ ଜାତିମାନଙ୍କୁ ଆଧୁନିକ କ୍ଷେତ୍ରରେ ପ୍ରବେଶ କରି ପାରିବାର କ୍ଷେତ୍ରରୁ ସଂପୂର୍ଣ୍ଣ ଦୂରେଇ ଦେବା ନାହିଁ କି ?

ଆମେ ଆଗରୁ ବର୍ଣ୍ଣାଇଛୁ ଯେ ଅର୍ଥନୈତିକ ଶୋଷଣ ପଦ୍ଧତି ଜାତି ସୃଷ୍ଟିର ଗୋଟିଏ କାରଣ, ମାତ୍ର ତାହା ଏକମାତ୍ର କାରଣ ନୁହେଁ । ଏ ଉପରେ ବି. ପି. ମଣ୍ଡଳଙ୍କ ବକ୍ତବ୍ୟ ମଧ୍ୟ ସ୍ପଷ୍ଟ । ଆର୍ଥିକ ସ୍ୱଚ୍ଛଳତା କାରଣରୁ ଜଣେ ହରିଜନ, ବ୍ରାହ୍ମଣର ସାମାଜିକ ମର୍ଯ୍ୟାଦା ବା ସମ୍ମାନ ପାଇପାରେ ନାହିଁ କି, ତା’ ଚାରିପଟେ ଗଢ଼ି ଉଠିଥିବା ରୋଟି-ବେଟିର (Commensality and endogamy) ପ୍ରାଚୀର ଭାଙ୍ଗିପାଏ ନାହିଁ । ସେହିଭଳି ଜଣେ ବ୍ରାହ୍ମଣ ଦାରିଦ୍ର୍ୟତା କାରଣରୁ, ହରିଜନର ସାମାଜିକ କଷଣ ଓ ନର୍ଯ୍ୟାତନା ଭୋଗ କରେ ନାହିଁ । କାରଣ ଆମର ଜାତିଆଣ ବ୍ୟବସ୍ଥା ହରିଜନକୁ ସାମାଜିକ ଭାବେ ସମାନ ଅଧିକାରରୁ ନିର୍ବାସିତ କରିଛି ଏବଂ ତା’ ପାଇଁ ନୀଚ କ୍ରୀତଦାସ ଧରଣୀୟ କର୍ମ ନିର୍ଦ୍ଧାରିତ କରିଛି ।

Digitized by srujanika@gmail.com

ତାର ଦାରିଦ୍ର ଗୁଣଗତ ଭାବେ ଜଣେ ସମଆୟକାରୀ ବ୍ରାହ୍ମଣର ଦାରିଦ୍ର୍ୟଠାରୁ ପୃଥକ । କାରଣ ବ୍ରାହ୍ମଣଟିର, ଜାତିଭାଇ, ସାଂସ୍କୃତିକ ସମ୍ପର୍କ ଇତ୍ୟାଦି ନେଇ ସମାଜର ଶିଖର ପର୍ଯ୍ୟନ୍ତ ପ୍ରବେଶାଧିକାର ରହିଛି । ତେଣୁ ଆୟ ପ୍ରମାଣ ପତ୍ର (Income certificate) ଯଦି ସଂରକ୍ଷଣ ସୁବିଧାର ନଥି ହୁଏ, ଜଣେ ଉଚ୍ଚ ବର୍ଣ୍ଣର ପିଲା ତାର ବ୍ୟାପକ ଓ ବଳିଷ୍ଠ ସମ୍ପର୍କ ଦ୍ୱାରା ସମସ୍ତ ସୁଯୋଗକୁ ଅକ୍ତିଆର କରିନେବ । କାରଣ ଆମ ଜାତି ପାଦାଚ ସମାଜରେ ଉଚ୍ଚ ବର୍ଣ୍ଣମାନେ ଉପରେ ଅଛନ୍ତି ଓ ସମାଜକୁ ବିଭିନ୍ନ ଦିଗରୁ ଆଧିପତ୍ୟାଧିନ କରି ରଖିଛନ୍ତି ।

'ଅର୍ଥନୈତିକ ଭିତ୍ତି' ବାସ୍ତବରେ ବର୍ଣ୍ଣବାଦୀ ଆଦର୍ଶ ପରିଚାଳିତ ଯୁକ୍ତି, ଯାହା ଦଳିତ ବର୍ଗକୁ ସମଅଧିକାର ପ୍ରାପ୍ତି ସୁଯୋଗରୁ ବଞ୍ଚିତ କରିବା ନିମନ୍ତେ ହିଁ ଉଦ୍ଦିଷ୍ଟ । ଏହି ଯୁକ୍ତିକୁ ପରାହତ କରିବା ପ୍ରତ୍ୟେକ ଦଳିତ ବର୍ଗର ଆବଶ୍ୟକତା ।

ଯୋଗ୍ୟତା/ଦକ୍ଷତା (Merit/Efficiency)

ସଂରକ୍ଷଣ ବିରୋଧିମାନେ ଯୁକ୍ତି ରଖନ୍ତି ଯେ, ସଂରକ୍ଷଣ ଫଳରେ ଯୋଗ୍ୟତା ଓ ଦକ୍ଷତାକୁ ଉପଯୁକ୍ତ—ଅଧିକାରରୁ ବଞ୍ଚିତ କରାଯାଉଛି । ସଂରକ୍ଷଣ ଫଳରେ ଅ-ଯୋଗ୍ୟ ଓ ଅ-ଦକ୍ଷ ପ୍ରାର୍ଥୀ ଦାୟିତ୍ୱ ସମ୍ପର୍ଣ୍ଣ କ୍ଷେତ୍ରକୁ ଚାଲି ଆସୁଛନ୍ତି । ଫଳରେ ନିମ୍ନମାନର ପିଲାଟି ଡାକ୍ତର, ଇଞ୍ଜିନିଅର ବା ଉଚ୍ଚ ପ୍ରଶାସକ ହୋଇ ବସିଲେ, ତାହା ଦେଶପାଇଁ ବା ସମାଜ ପାଇଁ ଶୁଭଙ୍କର ନୁହେଁ ।

କିନ୍ତୁ, ଆମେ ଏହି ଯୁକ୍ତିକୁ ସମର୍ଥନ କରୁନା । ଏହା ଆଧିପତ୍ୟବାଦୀ ମିଥ୍ୟା ଆତ୍ମମିକା ପରିଚାଳିତ । କାରଣ ଆମେ ମାନିପାରୁନା ଯେ "ଯୋଗ୍ୟତା ଓ ଦକ୍ଷତା" ଦ୍ୱାରା ପରିପୂର୍ଣ୍ଣ ଆମର ଶାସନ ବ୍ୟବସ୍ଥା ତ୍ରୁଟିହୀନ । ବୋଧହୁଏ ଆମ ଶାସନ ବ୍ୟବସ୍ଥା ଭଳି ଦୁର୍ନୀତିଗ୍ରସ୍ତ, ଅକର୍ମା ଗୋଷ୍ଠୀ ସଂସାରରେ ନଥିବ ଏବଂ ଏହି ଗୋଷ୍ଠିର ୯୮ % ଭାଗ ହେଉଛନ୍ତି ସେହି "ସୁଯୋଗ୍ୟ/ସୁଦକ୍ଷ" ଉଚ୍ଚ ବର୍ଣ୍ଣର ।

Digitized by srujanika@gmail.com

ଏହି ଯୋଗ୍ୟତା/ଦକ୍ଷତା ଉପାଖ୍ୟାନ-ଟିକୁ ଆଉ ଟିକିଏ ତର୍ଜମା କରି ଦେଖିବା । ଇଂରେଜମାନେ ଏହି ତତ୍ତ୍ୱ ପ୍ରଚଳନ କରୁଥିଲେ ଭାରତୀୟମାନଙ୍କ କ୍ଷେତ୍ରରେ । ଯୁକ୍ତିଥିଲା, ଭାରତୀୟମାନେ ଶାସନ ପରିଚାଳନା ନିମନ୍ତେ ଯୋଗ୍ୟ ନୁହଁନ୍ତି, ତେଣୁ ତାଙ୍କର ଶାସନ ଚଳାଇ ରଖିବା ଅନ୍ୟାୟ ନୁହେଁ । ହିଟଲର ଏହି ଯୁକ୍ତି ରଖିଥିଲା । ନାଜି ପାର୍ଟିର ଯୁକ୍ତିଥିଲା ପୃଥିବୀରେ ଜର୍ମାନମାନେ ହିଁ ଅଧିକ ସଭ୍ୟ ଓ ଯୋଗ୍ୟ । ସେହି ତତ୍ତ୍ୱରେ ପୃଥିବୀ ଶାସନର ଦାବୀ ମଧ୍ୟ କରିଥିଲା । ବର୍ତ୍ତମାନ ଆମେରିକା, ଦକ୍ଷିଣ ଆଫ୍ରିକା ଇତ୍ୟାଦିରେ ଗୋରା ଲୋକେ, କଳା ଲୋକଙ୍କ ପ୍ରତି ଏହି ଯୁକ୍ତି ରଖୁଛନ୍ତି । ଆଉ ଭାରତବର୍ଷରେ ତ' ଅନାଦି ମନୁଯୁଗରୁ ଦଳିତ ଲୋକେ ପାରମ୍ପରିକ ଭାବେ 'ଅଯୋଗ୍ୟ' !

ଏହି ଯୁକ୍ତି ତତ୍ତ୍ୱ କେବଳ ବାକ୍ ବିତଣ୍ଡାର କଳରବରେ ସୀମିତ ରହିନାହିଁ । ଏହା ପ୍ରମାଣ କରିବାକୁ ବିଜ୍ଞାନର ପ୍ରୟୋଗ ନିମନ୍ତେ ମଧ୍ୟ ଚେଷ୍ଟା ହୋଇଛି । ଦଳେ ଫାସିଷ୍ଟ ବୈଜ୍ଞାନିକ ଏକଦା ପ୍ରମାଣ କରିବାକୁ ଚାହିଁଥିଲେ ଯେ କଳା ଲୋକେ, ନିଜ ଶରୀରର ଜୀବକୋଷ ଗଠନ ଦୃଷ୍ଟିରୁ ଗୋରାଲୋକଙ୍କ ଠାରୁ ଦକ୍ଷତା ଓ ବୁଦ୍ଧିମତ୍ତାରେ କମ୍ । ଜୈବିକ କାରଣରୁ ଏହି କର୍ମ ପ୍ରମାଣ କରିବାର ପ୍ରଚେଷ୍ଟା, ମାନସିକ ସ୍ତରରେ କଳା ଲୋକଙ୍କୁ ହୀନମନ୍ୟତାର ଶିକାର କରାଇବା ନିମନ୍ତେ ଉଦ୍ଦିଷ୍ଟ ଥିଲା । ସେହିପରି ଆଉ ଏକ ପ୍ରଚେଷ୍ଟା ନିଆଯାଇଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ; ବୁଦ୍ଧିମତ୍ତା (I. Q. Test) ଉପରେ ଏକ ପରିସଂଖ୍ୟାନ ମାଧ୍ୟମରେ । ସେହି ପରୀକ୍ଷାରେ ଦର୍ଶାଗଲା ଯେ ଗୋରା ଲୋକେ, ବୁଦ୍ଧିମତ୍ତାରେ କଳା ଲୋକଙ୍କ ଠାରୁ ଅଧିକ । ମାତ୍ର ବର୍ଣ୍ଣବାଦୀଙ୍କର ଏ ଫିସାଦ ବ୍ୟର୍ଥ ହୋଇଗଲା ଜଣେ ସଜାଗ ଅନୁସନ୍ଧାନୀଙ୍କ ଦ୍ୱାରା । ସେ ଏହି ପରୀକ୍ଷାକୁ ବର୍ଗୀକରଣ କରି ଆଉ ଟିକେ ଆଗେଇ ନେଲେ । ପ୍ରମାଣ କଲେ ଯେ ସହରର ଗୋରା ଲୋକଟି ବୁଦ୍ଧିମତ୍ତାରେ ସହରର କଳା ଲୋକଠାରୁ ଅଧିକ, ମାତ୍ର ସହରର କଳା ଲୋକଟି ଗ୍ରାମାଞ୍ଚଳର ଗୋରା ଲୋକଠାରୁ ବୁଦ୍ଧିମତ୍ତାରେ ଅଧିକ । ଅବଶ୍ୟ ଏହି ଅନୁସନ୍ଧାନୀଙ୍କର ଏହି ତଥ୍ୟ ପ୍ରକାଶିତ ହେବା ପରେ ପରେ, ଏ ପ୍ରକାର ଭଣ୍ଡାମି ପ୍ରହସନ ବନ୍ଦ

Digitized by srujanika@gmail.com

କରି ଦିଆଯାଇଥିଲା ଏବଂ ଏ ପ୍ରକାର ଆଲୋଚନା ମଧ୍ୟ ବନ୍ଦ ହୋଇଯାଇଥିଲା । ପାରିପାର୍ଶ୍ୱିକ ପରିବେଶ ହିଁ ଯୋଗ୍ୟତା ଓ ବୁଦ୍ଧିମତ୍ତାକୁ ଗଠନ କରିଥାଏ । ପରିବେଶ ପାଇଲେ ଯେ କେହି ଯୋଗ୍ୟ ହୋଇପାରିବ ।

ଦଳିତ ବର୍ଗର ଗୋଟିଏ ପିଲା ଆର୍ଥିକ ଓ ପାରିପାର୍ଶ୍ୱିକ କାରଣରୁ ଜଣେ ଉଚ୍ଚ ବର୍ଣ୍ଣ ସ୍ୱଚ୍ଛଳ ପରିବାରର ପିଲା ଭଳି ସୁବିଧା ଓ ସୁଯୋଗ ପାଇ ନ ଥାଏ । ଆମ ସମାଜରେ ଦଳିତ ବର୍ଗଙ୍କ ନିମନ୍ତେ 'ଯୋଗ୍ୟତା/ଦକ୍ଷତା' ନାମକ ଯେଉଁ ଯୁକ୍ତିତନ୍ତ୍ରର ଆଶ୍ରୟ ନିଆଯାଉଛି, ତାହା ବ୍ରିଟିଶ ଉପନିବେଶିକ ଶାସକ, ଫାସିଷ୍ଟ ହିଟଲର ଓ ଦକ୍ଷିଣ ଆଫ୍ରିକାର ବର୍ଣ୍ଣବାଦୀ ଗୋରା ଶାସକମାନଙ୍କର ଯୁକ୍ତିତନ୍ତ୍ର ସହ ସମାନ । ଯେଉଁ ଯୁକ୍ତିତନ୍ତ୍ର ବିଂଶ ଶତାବ୍ଦିର ଆରମ୍ଭ ଯୁଗରୁ ହିଁ ପରାଜିତ ହୋଇଯାଇଛି । ଗଣତନ୍ତ୍ର ଯୁଗରେ ଦେଶର ଶାସନ ଓ ପରିଚାଳନାରେ ପ୍ରତ୍ୟେକ ବ୍ୟକ୍ତିର ଅଂଶ ଗ୍ରହଣର ସୁଯୋଗ ସୃଷ୍ଟି ନକରି ପାରିଲେ ଏହି ଆଦର୍ଶ ପ୍ରସଙ୍ଗ ବିଧାନ, ନିରର୍ଥକ ହୋଇଯିବ ।

ସଂରକ୍ଷଣ ହିଁ ଏହି ସୁଯୋଗ ରୂପାୟିତ କରିବାର ବାସ୍ତବ ପ୍ରତିଶ୍ରୁତି । ଏହା ଦ୍ୱାରା ହିଁ ଅଧିକାରରୁ ବଞ୍ଚିତ ବର୍ଗଙ୍କ ଯୋଗ୍ୟତା ବୃଦ୍ଧି ନିମନ୍ତେ ପରିବେଶ ସୃଷ୍ଟି କରାଯାଇ ପାରିବ ।

ସର୍ବୋପରି, ବର୍ତ୍ତମାନ ଯେପରି ସାକ୍ଷାତକାର (interview) ଓ ନମ୍ବର ତାଲିକା (Mark list) ଭିତରେ ଯୋଗ୍ୟତା ଓ ଦକ୍ଷତାକୁ ମପାଯାଉଛି, ତାକୁ ମଧ୍ୟ ଆମେ ଗ୍ରହଣ କରିପାରୁନା । ଯେଉଁ ଦେଶରେ ଚାକିରି ମୂଲ୍ୟତାଲିକା (Price Tag) ମରାଯାଇ ବିକ୍ରି ହୁଏ ବା ମନ୍ତ୍ରୀ, ଅଫିସର, କ୍ଷମତାଶାଳୀଙ୍କର ସମ୍ପର୍କ ବଳରେ ନିର୍ଦ୍ଧାରିତ ହୁଏ ସେ ଦେଶରେ 'ସାକ୍ଷାତକାର (interview)ର ଦକ୍ଷତା ବା ଯୋଗ୍ୟତାର ମାନେ କ'ଣ ? ଟଙ୍କା ଥଳି ବା ବଡ଼ବଡ଼ିଆଙ୍କ ସମ୍ପର୍କ ନ ହୋଇଥିଲେ ଉଚ୍ଚ ଜାତିର କେତେ ଯୋଗ୍ୟ ଗରିବ ଚାକିରି ପାଇଁ ହକଦାର ହେଉଛନ୍ତି ? ସେହିଭଳି ନମ୍ବର ତାଲିକା (Mark list) ମଧ୍ୟ ଯୋଗ୍ୟତା ବା ଦକ୍ଷତାର ମାପକାଠି ହୋଇ ନ ପାରେ । ତା'ହେଲେ ଭାରତର ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ନ

Digitized by srujanika@gmail.com

ହୋଇ ଅନ୍ୟ କେହି ହୋଇଥାନ୍ତେ । ଯେଉଁ କିରାନି ଚାକିରି ପାଇଁ ବର୍ତ୍ତମାନ ପ୍ରଥମ ଶ୍ରେଣୀ ଗ୍ରାଜୁଏଟ ଦରକାର ହେଉଛନ୍ତି, ୧୫ ବର୍ଷ ତଳେ ସେହି ଚାକିରି ଜଣେ ତୃତୀୟ ଶ୍ରେଣୀରେ ପାଶ ମାଟ୍ରିକୁଲେଟ କରି ପାରୁଥିଲେ । ତା' ଅର୍ଥ ନୁହେଁ ଯେ ଆଜି ସେହି କିରାନି ଚାକିରିର ମାନ ବା ଗୁଣର ବୃଦ୍ଧି ଘଟିଛି, ତା ଅର୍ଥ ହେଲା ସେତେବେଳେ ଶିକ୍ଷିତ ପ୍ରାର୍ଥୀ କମ ଥିଲେ, ଆଜି ବହୁତ ଅଧିକ ହୋଇଯାଇଛନ୍ତି । ତେବେ ଆଜି ସେଥିପାଇଁ ଜଣେ ତୃତୀୟ ଶ୍ରେଣୀପ୍ରାପ୍ତ ଦଳିତ ଗ୍ରାଜୁଏଟ ବଛାଗଲେ, ଅସୁବିଧା କେଉଁଠି ? ଏହାଦ୍ୱାରା କ'ଣ ସେହି କିରାଣି କାମର ଗୁଣାତ୍ମକ ମାନ କମିଯିବ ?

ସଂରକ୍ଷଣ ବିରୋଧୀ ଉଚ୍ଚବର୍ଣ୍ଣର ସେହି ମଧ୍ୟବିତ୍ତ ଓ ଗରିବ ପିଲଙ୍କୁ ଚେତେଇ ଦେବାକୁ ଚାହୁଁ ଯେ, ତୁମର ବେକାରୀ ସମସ୍ୟା, ସଂରକ୍ଷଣ ଉଠାଇଦେଲେ ସମାଧାନ ହେବନାହିଁ । ଏହି ସମସ୍ୟାର ସମାଧାନ ନିର୍ଭର କରୁଛି ଏକ ବ୍ୟବସ୍ଥାଗତ ପରିବର୍ତ୍ତନ ଉପରେ, ସଂରକ୍ଷଣ ଉଠାଇବାରେ ନୁହେଁ । ସଂରକ୍ଷଣକୁ ସମର୍ଥନ କରିଆରେ ହିଁ ତୁମେ ଏହି ପରିବର୍ତ୍ତନ ନିମନ୍ତେ ସାଥୀ ପାଇପାରିବ ।

ପରିଶେଷରେ ଆମେ ସ୍ପଷ୍ଟ କରିଦେବାକୁ ଚାହୁଁ ଯେ ଯୋଗ୍ୟତା ଓ ଦକ୍ଷତା ଉତ୍ତରାଧିକାର ସୂତ୍ରୀୟ ନୁହେଁ, ଏହାକୁ ଯେ କେହି ହାସଲ କରିପାରେ । ବର୍ତ୍ତମାନ ଉଚ୍ଚବର୍ଣ୍ଣୀମାନଙ୍କର ଅଧିକ ଯୋଗ୍ୟତା ଓ ଦକ୍ଷତା ଯଦିବା ରହିଛି ତାହାର କାରଣ ସେମାନେ ନିଜ ଜୀବନରେ ଉନ୍ନତ ଶିକ୍ଷା ଓ ଜ୍ଞାନ ଆହରଣର ସହଯୋଗୀ ସୁଯୋଗ ପାଇ ପାରୁଛନ୍ତି । ସେହି ସୁଯୋଗ ପାଇଲେ ଜଣେ ଦଳିତ ଜାତିର ପିଲା ମଧ୍ୟ ଅଧିକ ସୁଯୋଗ୍ୟ ଓ ସୁଦକ୍ଷ ହୋଇ ପାରିବେ ।

ସଂରକ୍ଷଣ ବିରୋଧୀ ଆନ୍ଦୋଳନ ଓ ରାଜନୈତିକ ଦଳମାନଙ୍କର ଭୂମିକା

ସଂରକ୍ଷଣ ବିରୋଧ ଆନ୍ଦୋଳନର ଚରିତ୍ର ବର୍ଣ୍ଣନା କରିବା ପୂର୍ବରୁ ବିଶିଷ୍ଟ ଶିକ୍ଷାବିତ୍, ଐତିହାସିକ ଈଶ୍ୱରୀ ପ୍ରସାଦଙ୍କୁ ସ୍ମରଣ କରୁଛୁ :—

"The genesis of agitation is the fear complex of advance caste people that their whole I structural

Digitized by srujanika@gmail.com

advantage are in danger. They have impending danger that once other castes enter in to education and in to modern sector, their supremacy will be jeopardised."

Reservation by Iswariprasad.

ସରଳ ଅର୍ଥ ହେଲା :— ସଂରକ୍ଷଣ ବିରୋଧି ଆନ୍ଦୋଳନର ଜନ୍ମ ଆଗୁଆ ଜାତିମାନଙ୍କର ଭୟ ମାନସିକତା ମଧ୍ୟରୁ କାରଣ ସେମାନଙ୍କର ସମସ୍ତ ବ୍ୟବସ୍ଥାଗତ ସୁବିଧା ବିପଦଗ୍ରସ୍ତ ହୋଇପଡ଼ିବ । ସେମାନେ ଆତଙ୍କିତ, ଯଦି ଅନ୍ୟ ଜାତିମାନେ ଶିକ୍ଷା ଓ ଆଧୁନିକ କ୍ଷେତ୍ରରେ ପ୍ରବେଶ କରନ୍ତି, ତେବେ ସେମାନଙ୍କର ଏକଗୁଟିଆ ଆଧିପତ୍ୟ ଖର୍ବ ହୋଇଯିବ ।

ଘର୍ଘଷଣ ତଳେ ଲିଖିତ ତାଙ୍କର ଏହି ଉକ୍ତି କେତେ ବାସ୍ତବ ତାହା ପ୍ରମାଣିତ ହୋଇଛି, ନିକଟ ଅତୀତର ସଂରକ୍ଷଣ ବିରୋଧି ଆନ୍ଦୋଳନରେ । ଯେପରି ଦର୍ଶାଯାଏ ଯେ ଏହି ଆନ୍ଦୋଳନ ଗୁଣ୍ଡ ଓ କେତେକ ମୁଷ୍ଟିମେୟ ବେକାର ଯୁବକଙ୍କ ଯଥାର୍ଥ କ୍ରୋଧରୁ ସୃଷ୍ଟି, ତାହା ନୁହେଁ, ଏହି ଆନ୍ଦୋଳନ ଥିଲା ସମଗ୍ର ଉଚ୍ଚ ଜାତିମାନଙ୍କର, ନିମ୍ନ ଜାତିମାନଙ୍କ ବିରୁଦ୍ଧରେ । ଏଥିରେ ଅଂଶ ଗ୍ରହଣ କରିଥିଲେ ସମଗ୍ର ଆଗୁଆ ଜାତି—ବୁଦ୍ଧିଜୀବି, ଆଇନଜ୍ଞ, ଶାନ୍ତି ରକ୍ଷାକାରୀ ଗୋଷ୍ଠି, ସମ୍ବାଦପତ୍ର, ଅମଲାତନ୍ତ୍ର ଓ ସମସ୍ତ ଉଚ୍ଚବର୍ଣ୍ଣ ରାଜନୈତିକ ଦଳ ।

ଆନ୍ଦୋଳନର କୌଶଳ ଆଜିର ନୁହେଁ । ଦଳିତବର୍ଗର ଅଦ୍ୱିତୀୟ ନେତା, ବିଶିଷ୍ଟ ଦେଶପ୍ରେମୀ, ସଂବିଧାନର ପ୍ରଣେତା ଡକ୍ଟର ଆମ୍ବେଦକରଙ୍କ ବିରୁଦ୍ଧରେ ମଧ୍ୟ ଆନ୍ଦୋଳନ କରାଯାଇଥିଲା । ତାଙ୍କୁ ଦେଶଦ୍ରୋହୀ, ଦଲାଲ ଓ ସମାଜ ବିଭାଜନର ଷଡ଼ଯନ୍ତ୍ରକାରୀ ଦର୍ଶାଯାଇ କଂଗ୍ରେସ ଦଳ ୧୯୩୨ ମସିହାରେ ଅହମଦାବାଦଠାରେ କଳାପତାକା ପ୍ରଦର୍ଶନ ଓ ଆନ୍ଦୋଳନ କରିଥିଲା । ଏହି ଦୋଷରେ ତାଙ୍କ ବିରୁଦ୍ଧରେ ଗାନ୍ଧୀ ମଧ୍ୟ ପୁନାଠାରେ ଆମରଣ ଅନଶନ କରିଥିଲେ । ସେତେବେଳେ ପତ୍ରପତ୍ରିକା ଓ ଖବର କାଗଜ ମଧ୍ୟ ସମ୍ପାଦକୀୟ, ଅଗ୍ରଲେଖା, ବିବୃତି ଇତ୍ୟାଦି ମାଧ୍ୟମରେ ଆମ୍ବେଦକରଙ୍କୁ ଦେଶଦ୍ରୋହୀ ଦର୍ଶାଇ ଘୃଣାମୂଳକ ଲେଖାମାନ ଲେଖିଥିଲେ ।

Digitized by srujanika@gmail.com

ଦେଶର ପ୍ରାପ୍ତ ସମସ୍ତ ଉଚ୍ଚବର୍ଣ୍ଣ ବୁଦ୍ଧିଜୀବୀ ଏହି ମତ ପୋଷଣ କରିଥିଲେ । ରବିନ୍ଦ୍ରନାଥ ଠାକୁର ସଂରକ୍ଷଣ ଚୁକ୍ତିକୁ ବିରୋଧ କରି ଟେଲିଗ୍ରାମ ପଠାଇ-ଥିଲେ । ତାଙ୍କ ଭାଷାରେ "(a wrong done against our country's permanent interest······)" ଆମ ଦେଶର ସ୍ଥାୟୀ ସ୍ୱାର୍ଥ ବିରୁଦ୍ଧରେ ଏହା ଏକ ଅନ୍ୟାୟ କାମ କରାଗଲା ।

ଗତ ଆନ୍ଦୋଳନର କୌଶଳ ମଧ୍ୟ ଏହିପରି ଥିଲା । ପ୍ରଥମେ ଶିକ୍ଷିତ ବୁଦ୍ଧିଜୀବୀ, ଆଇନଜ୍ଞ, ହାଇକୋର୍ଟ ଜର୍ଜ, ସାମ୍ବାଦିକ, ରାଜନୈତିକ ଦଳର ନେତା, ୟୁନିଭରସିଟି ପ୍ରଫେସର, ଛାତ୍ରନେତା ଇତ୍ୟାଦି ଯେଉଁମାନେ ମାତ୍ର, ଆଦର୍ଶରେ ଘୋର ସଂରକ୍ଷଣ ବିରୋଧି, ସେହିମାନଙ୍କୁ ନେଇ ବିଭିନ୍ନ ଆଲୋଚନା ଚକ୍ରମାନ ଆୟୋଜନ କରାଗଲା । ଏଥିରେ ସଂରକ୍ଷଣକୁ ବିରୋଧ କରି ଯେଉଁ ବକ୍ତବ୍ୟ ଓ ତର୍କ ରଖାଗଲା, ପରେ ତାକୁ ବିଭିନ୍ନ ସମ୍ବାଦପତ୍ର ପ୍ରମୁଖ ସ୍ଥାନ ଦେଇ ପ୍ରକାଶ କଲେ । ତା'ପରେ ସମ୍ପାଦକୀୟ, ବିଶିଷ୍ଟ ସଂରକ୍ଷଣ ବିରୋଧିଙ୍କ ଲେଖା ଓ ବିବୃତିମାନ ପ୍ରକାଶ କରି ଏହାକୁ ଦେଶର ସ୍ୱାର୍ଥ ବିରୁଦ୍ଧରେ, ଗୁଣି/ଜ୍ଞାନୀ ପିଲାଙ୍କ ନ୍ୟାଯ୍ୟ ଅଧିକାର ବିରୁଦ୍ଧରେ; ସାମାଜିକ ଏକତା ପ୍ରତିଷ୍ଠା କ୍ଷେତ୍ରରେ ଏକ ବିରାଟ ଅନ୍ୟାୟ ଓ ଷଡ଼ଯନ୍ତ୍ର ହିସାବରେ ଚିତ୍ରଣ କରି ପ୍ରଚାର କରାଗଲା । ଯାହାର ଉଦ୍ଦେଶ୍ୟ ହେଉଛି ଉଚ୍ଚ ଜାତିର ସବୁ ଶ୍ରେଣୀ ମନରେ ସନ୍ଦେହ, ଘୃଣା, ମିଥ୍ୟା ଆତଙ୍କ ଇତ୍ୟାଦି ସୃଷ୍ଟି କରାଇବା । ତା'ପରେ ଆରମ୍ଭ ହୁଏ ନିର୍ଦ୍ଦିଷ୍ଟ ଛାତ୍ରନେତାଙ୍କ ନେତୃତ୍ୱରେ ଆନ୍ଦୋଳନ, ଗାଡ଼ି ମଟର ବନ୍ଦ, ଭଙ୍ଗାରୁଜା, ସ୍ୱାଭାବିକ ଜୀବନଯାତ୍ରା ଅଚଳ କରିବାର କୌଶଳ ।

ତା'ପରେ ଆରମ୍ଭ ହୁଏ ଏହି ଅରାଜକତା, ଅଶାନ୍ତି ନଷ୍ଟଭ୍ରଷ୍ଟର କାରଣ ଭାବେ ସଂରକ୍ଷଣ ସମର୍ଥକ ନେତୃତ୍ୱକୁ ଦାୟୀ କରାଯାଇ, ସାମୁହିକ ନିନ୍ଦାବାଦ । ଯୋଜନା ହେଲା ସଂରକ୍ଷଣ ସମର୍ଥନକାରୀ ନେତୃତ୍ୱକୁ ଉପୁଯୁକ୍ତ କରି ନୈତିକ ଦମନ କରିବା । ସଙ୍ଗଠିତ ଶକ୍ତି ପ୍ରଦର୍ଶନ—ଯାହାର ଉପରେ ଦଳିତ ବର୍ଗକୁ ଆତଙ୍କିତ କରିଦେବା; ଯାହାର ପୃଷ୍ଠରେ, ଉପରେ ଦଳିତ ବର୍ଗର ନ୍ୟାଯ୍ୟ ଦାବୀକୁ କଣ୍ଠରୁଦ୍ଧ କରିବା ।

Digitized by srujanika@gmail.com

ଏଥିରେ ଦଙ୍ଗା ନଯାଇ ଯଦି କେଉଁଠି ସ୍ୱରଉତ୍ତୋଳନ ହୁଏ ସେଠାରେ ନିର୍ମମ ଆକ୍ରମଣ, ଗୁଳିଦାଡ଼ି ଓ ହତ୍ୟାର ଆଶ୍ରୟ ନିଆଯାଏ । ଏହା ପଛରେ ସମଗ୍ର ଶାସନ କଳର ସହଯୋଗ, ସମର୍ଥନ ଓ ପ୍ରଶ୍ରୟ ଥାଏ । ସେଥିପାଇଁ ଏ ଧରଣୀସ୍ତ ଅପରାଧର ଜଣେ ହେଲେ ଆଜ ପର୍ଯ୍ୟନ୍ତ ଅପରାଧି ଭାବେ ସାବ୍ୟସ୍ତ ହୋଇ ପାରିନାହାନ୍ତି, ଦଣ୍ଡ ପାଇବା ତ ଦୁରର କଥା ।

ଏ ସମସ୍ତ ଅପକର୍ମ ପଛରେ ଖବର କାଗଜ ଓ ଗଣମାଧ୍ୟମର ଭୂମିକା ଯେପରି ଜଘନ୍ୟ, ତା'ଠାରୁ ଆହୁରି ଜଘନ୍ୟ ଓ ମାରାତ୍ମକ ହେଉଛି ଉଚ୍ଚବର୍ଣ୍ଣ ରାଜନୈତିକ ଦଳମାନଙ୍କର ଭୂମିକା ।

ଏହି ବର୍ଣ୍ଣବାଦୀ ରାଜନୈତିକ ଦଳ ଓ ନେତ୍ରମାନେ ସର୍ଶସ୍ତ ହୋଇ-ଯାଇଥିଲେ, ଯେଉଁଦିନ ପ୍ରଧାନମନ୍ତ୍ରୀ ଭାବେ ଭି. ପି. ସିଂହ, ମଣ୍ଡଳ ରିପୋର୍ଟର କେବଳ ଗୋଟିଏ ସୁପାରିଶ, ଯଥା—ସରକାରୀ ଚାକିରୀରେ ଅନ୍ୟାନ୍ୟ ପଶ୍ଚାଦ୍‌ପଦ ଶ୍ରେଣୀ ନିମନ୍ତେ ମାତ୍ର ୨୭ % ସ୍ଥାନ ସଂରକ୍ଷଣ କରାଯିବାର ନିଷ୍ପତ୍ତି ଘୋଷଣା କରିଦେଲେ । ପ୍ରଥମେ ଏହି ନିଷ୍ପତ୍ତିକୁ ବିରୋଧ କରିଥିଲେ, ସେହି ଦଳର କେତେକ ଶୁଙ୍ଗ ନେତା—ସଂରକ୍ଷଣ ବିରୋଧିମାନଙ୍କ ସହ ସ୍ୱର ମିଳାଇ ।

ଏମାନଙ୍କ ମଧ୍ୟରୁ ଓଡ଼ିଶାର ବିଜୁ ପଟ୍ଟନାୟକ, ଗୁଜୁରାଟର ଚିମନଭାଇ ପଟେଲ, ଦେବୀଲାଲ ଓ ଚନ୍ଦ୍ରଶେଖର ଅନ୍ୟତମ । ସହଯୋଗୀ ଦଳ C. P I. (M) ନେତା ଜ୍ୟୋତି ବସୁ ଏବଂ ଭାରତୀୟ ଜନତା ପାର୍ଟି । ସେମାନେ ଏହି ନିଷ୍ପତ୍ତିକୁ "ଦୁର୍ଭାଗ୍ୟଜନକ, ଭି. ପି. ସିଂହଙ୍କର ସୁବିଧାବାଦୀ ରାଜନୈତିକ ଦୂଷ୍ଟତା, ଏକତରଫା ମନମୁଖି ଇତ୍ୟାଦି ଦୋଷାରୋପ କରିଥିଲେ । ଆମେ ଏଠାରେ ସୂଚାଇ ଦେବାକୁ ଚାହୁଁ ଯେ ଜନତା ଦଳର ନିର୍ବାଚନ ଇସ୍ତାହାରରେ ମଣ୍ଡଳ ସୁପାରିଶ କାର୍ଯ୍ୟକାରୀ କରାଯିବାର ପ୍ରତିଶ୍ରୁତି ଥିଲା ଓ ଏହି ନେତାମାନେ ସେହି ଇସ୍ତାହାର ଉପରେ ନିର୍ବାଚନ ଲଢ଼ି କ୍ଷମତାକୁ ଆସିଥିଲେ । ସମର୍ଥକ ଦଳମାନେ ନି-ସର୍ତ୍ତ ସମର୍ଥନର ଘୋଷଣା କରି ସରକାରକୁ ସମର୍ଥନ କରୁଥିଲେ ।

Digitized by srujanika@gmail.com

ପରେ ପରେ ଏମାନେ ସଂରକ୍ଷଣ ବିରୋଧୀ ଆନ୍ଦୋଳନକୁ ନୈତିକ ସମର୍ଥନ, ସହଯୋଗ ଓ ପ୍ରୋତ୍ସାହନ ଯୋଗାଇବା ସଙ୍ଗେ ସଙ୍ଗେ ହୁଙ୍କାର ଦେଲେ ଭି. ପି. ସିଂହଙ୍କ ନେତୃତ୍ୱ ବିରୁଦ୍ଧରେ, କ୍ଷମତାଚ୍ୟୁତ କରାଇବା ନିମନ୍ତେ । ଏଥିପାଇଁ ଭି. ପି. ସିଂହଙ୍କୁ ଦେଶଦ୍ରୋହୀ, ଦେଶକୁ ଭାଗ ଭାଗ କରିବାର ଷଡ଼ଯନ୍ତ୍ରକାରୀ ହିସାବରେ ଅଭିହିତ କରାଗଲା । ମାତ୍ର ଯେତେବେଳେ ଦେଖାଗଲା ଯେ ଆନ୍ଦୋଳନ ବିରୁଦ୍ଧରେ ଦଳିତବର୍ଗ ପ୍ରତି ଆନ୍ଦୋଳନ ପ୍ରସ୍ତୁତି ଆରମ୍ଭ କରିଦେଲେ ; ସଂରକ୍ଷଣ ସପକ୍ଷବାଦୀଙ୍କ ଶକ୍ତି ବଢ଼ିବା ଆରମ୍ଭ ହୋଇଗଲା, ଏହି ନେତାମାନେ ଦ୍ୱନ୍ଦରେ ପଡ଼ିଗଲେ । ଏଥିପାଇଁ ତିଆରି ହେଲା ନୂଆ ଯୋଜନା, ନୂଆ ସଙ୍କଟର ରୂପରେଖ । ଲୋକଙ୍କ ଦୃଷ୍ଟିର କେନ୍ଦ୍ରକୁ ଦୁରାଇ ନିଆଯାଉ ଅନ୍ୟ ସଙ୍କଟଆଡ଼କୁ, ଏହି ନେତୃତ୍ୱ ବିରୁଦ୍ଧରେ ଅନ୍ୟ ଭୟଙ୍କର ସମସ୍ୟା ଠିଆ କରାଯାଉ । ଏଥର ନେତୃତ୍ୱ ନେଲା ଭାରତୀୟ ଜନତା ପାର୍ଟି (B. J. P.) । ହିଟଲର ପାଇଁ 'ଜୁ' ମାନେ ଯେମିତି ଥିଲେ ବଳୀ ପଶୁର ଏକ ସଂରକ୍ଷିତ ବାହିନୀ, ସେହିଭଳି B. J. P. ନିମନ୍ତେ ରହିଛନ୍ତି ଭାରତର ମୁସଲମାନ । ଦେଶବ୍ୟାପୀ 'ରାମରଥ' ପ୍ରଦର୍ଶନ ମାଧ୍ୟମରେ "ବାବ୍ରୀ ମସ୍‌ଜିଦ୍‌-ରାମ ମନ୍ଦିର" ବ୍ୟାପାରକୁ କେନ୍ଦ୍ରୀଭୂତ କରାଗଲା । ରଥ ଗଡ଼ିଗଲା ମୁସଲମାନଙ୍କ କଙ୍କାଳ ଉପରେ—ରକ୍ତସ୍ନାନ କରି । ହଜାର ହଜାର ମୁସଲମାନଙ୍କୁ ହତ୍ୟା କରାଯାଇ, ଦେଶରେ ଏପରି ଏକ ଅଭାବନୀୟ ସାଂପ୍ରଦାୟିକ ସଂକଟ ସୃଷ୍ଟି କରାଗଲା, ଯାହା ଦେଶ ବିଭାଜନ ସମୟର ପରିସ୍ଥିତି ଠାରୁ ଆହୁରି ଭୟାବହ । ଏବଂ ସବୁଠାରୁ ମଜାର ବିଷୟ ଯେ ଏ ସମସ୍ତ ପରିସ୍ଥିତି ପାଇଁ ଭି. ପି. ସିଂହଙ୍କୁ ଦୋଷି ସାବ୍ୟସ୍ତ କରି ତାଙ୍କ ସରକାରକୁ ଭାଙ୍ଗି ଦିଆଗଲା । କଂଗ୍ରେସ ସମେତ ଏହି ସମସ୍ତ ବର୍ଣ୍ଣବାଦୀ ରାଜନୈତିକ ଦଳମାନଙ୍କର ବିଜୟ ଘଟିଲା । ଏହାଙ୍କ ସମର୍ଥନରେ ଦଳତ୍ୟାଗୀ ବହୁରୂପୀ ଚନ୍ଦ୍ରଶେଖର-ଦେବୀଲାଲଙ୍କ ସଂଖ୍ୟାଲଘୁ ଗୋଷ୍ଠି କେନ୍ଦ୍ରରେ ସରକାର ଗଢ଼ିଲେ ।

ଆତଙ୍କବାଦର ରୂପରେଖ ଦିଆଯାଇଥିଲା କେବଳ ଏହି ମଣ୍ଡଳ କମିଶନ ପ୍ରସଙ୍ଗକୁ ସମ୍ଭାବନା ବିହୀନ ଗଭୀରତା ମଧ୍ୟକୁ ଠେଲିଦେବା ନିମନ୍ତେ । ଏଥିରେ ଆତ୍ମବଳୀ ଦେବାକୁ ହୋଇଥିଲା ଦେଶର ନିରୀହ, ନିର୍ଦ୍ଦୋଷ ମୁସଲମାନମାନଙ୍କୁ । ଆହାଃ, ଦେଶର ଏକତା ରକ୍ଷାର କି ଚମତ୍କାର

Digitized by srujanika@gmail.com

ନିଦର୍ଶନ ! ଏ ପ୍ରସଙ୍ଗରେ ସମାଜ ବିଜ୍ଞାନୀ ଭାସ୍କର ନନ୍ଦୀଙ୍କର ଉକ୍ତିର ଯଥାର୍ଥତା ଦୃଢ଼ଭାବେ ପ୍ରମାଣିତ ହେଉଛି—"The well-to-do upper castes which dominates the life of the country in every sphere are so violently hostile towards the SC's & ST's, that they will use their power in every conceivable way to keep the latter down at the level of abject degradation"

F. N. D., April 8-6, P-13

ଅର୍ଥାତ୍—'ସ୍ୱଚ୍ଛଳ ସବର୍ଣ୍ଣ ଜାତିମାନେ, ଯେଉଁମାନେ କି ଦେଶର ଜୀବନଧାରାର ପ୍ରତ୍ୟେକ କ୍ଷେତ୍ରକୁ ଅଧିକାରାଧୀନ କରି ରଖିଛନ୍ତି, ସେମାନେ ଦଳିତ ଜାତିମାନଙ୍କ ପ୍ରତି ଏତେ ହିଂସ୍ରକ ବିରୋଧି ଯେ, ସେମାନେ ଏମାନଙ୍କୁ ଚରମ ନିର୍ଯାତନା ମଧ୍ୟରେ ରୁପି ରଖିବାକୁ ନିଜର କ୍ଷମତାକୁ ସମସ୍ତ ସମ୍ଭାବ୍ୟ ଉପାୟରେ ପ୍ରୟୋଗ କରିବେ ।

ଏଥିରୁ ଆମେ କ'ଣ ଶିଖିଲେ ? ଆମେ ଦେଖିଲେ ଯେ ଉଚ୍ଚ ବର୍ଣ୍ଣବାଦୀ ରାଜନୈତିକ ନେତୃବୃନ୍ଦ ଦଳିତ ବର୍ଗର ଉତ୍ଥାନକୁ କଦାପି ସହ୍ୟ କରିପାରିବେ ନାହିଁ । ଦରକାର ପଡ଼ିଲେ ନରହତ୍ୟା ଓ ଦଙ୍ଗା ଘଟାଇ କରାଇ ନିଜ ଦଳର ସରକାରକୁ ମଧ୍ୟ କ୍ଷମତାଚ୍ୟୁତ କରିବାକୁ ପଛାଇବେ ନାହିଁ । ଦଳଗତଭାବେ ଯେତେ ବିଭାଜିତ ହୋଇଥିଲେ ମଧ୍ୟ ଜାତିଆଣ ପ୍ରଶ୍ନ ଉପରେ ଗୋଟିଏ ଧାଡ଼ିରେ ଠିଆ ହୋଇଯିବେ ।

କମ୍ୟୁନିଷ୍ଟ ଓ ସଂରକ୍ଷଣ

ନୂତନ ଆଦର୍ଶବାଦ ଅଭିଷିକ୍ତ ହେବା ନିମନ୍ତେ ପୂର୍ବ ସର୍ତ୍ତ ହେଲା ପୁରାତନ ଆଦର୍ଶବାଦ, ମୂଲ୍ୟବୋଧ ଓ ନୀତି ବ୍ୟବସ୍ଥାକୁ ଯଥାର୍ଥ ଭାବେ ଉନ୍ମୋଚିତ କରିବା ଓ ପରାହତ କରିବା । ଏହା ବ୍ୟତିରେକେ ନୂତନ ସମାଜ ବ୍ୟବସ୍ଥା ଅଧିଷ୍ଠିତ ହେବା ସମ୍ଭବ ନୁହେଁ । ଏହି ପରିପ୍ରେକ୍ଷିରେ ଜାତି ପ୍ରଶ୍ନର ସମାଧାନ, ଭାରତୀୟ କମ୍ୟୁନିଷ୍ଟମାନଙ୍କ ନିକଟରେ ନିଶ୍ଚିନ୍ତ ଏକ ମୁଖ୍ୟ ଆବଶ୍ୟକତା । ମଣ୍ଡଳ କମିଶନ ଘୋଷଣା ଦ୍ୱାରା ସୃଷ୍ଟି ହୋଇଥିବା ସାମ୍ପ୍ରତିକ ଦ୍ରୁତ ଚଳମାନ ଘଟଣାବଳୀ, ଏ ଦେଶର କମ୍ୟୁନିଷ୍ଟମାନଙ୍କୁ ବାଧ୍ୟ କରୁଛି, ପ୍ରଶ୍ନଟିର ତୁରନ୍ତ ସମାଧାନ ନିମନ୍ତେ ।

ଜାତି ପ୍ରତିନିଧିତ୍ୱ କରେ ପୁରୁଣା ସମାଜ ବ୍ୟବସ୍ଥାର ଶ୍ରେଣୀ ପ୍ରକରଣକୁ । ଏହା ହେଉଛି ସାମନ୍ତବାଦର ସମାଜ ବିନ୍ୟାସ, ଯାହାଫଳରେ

Digitized by srujanika@gmail.com

ଜାତି ସିଡ଼ିର ତଳେଥିବା ମେହେନତି ବର୍ଗଗୁଡ଼ିକ ହାତରୁ ଉଦ୍‌ବୃତ୍ତ ଚିପୁଡ଼ି-ହୋଇ ଆସେ ଉତ୍ପାଦନରେ ଅଂଶ ଗ୍ରହଣ କରୁନଥିବା, ମାତ୍ର ସିଡ଼ିର ଉପର ପାହାଚରେ ଅଧିଷ୍ଠିତ ଉଚ୍ଚ ଜାତିମାନଙ୍କ ହାତକୁ । ଏହି ଶୋଷଣକୁ ନୈତିକ, ବୈଧାନିକ ସିଦ୍ଧ କରିବା ନିମନ୍ତେ ତିଆରି ହୋଇଛି ସମସ୍ତ ସାମାଜିକ ମୂଲ୍ୟବୋଧ, ରୀତିନୀତି, ନ୍ୟାୟବ୍ୟବସ୍ଥା, ସଂସ୍କୃତି ଓ ଧର୍ମୀୟ ଧ୍ୟାନ ଧାରଣା । ବ୍ରାହ୍ମଣ ବର୍ଗର ନେତୃତ୍ୱ ଓ ନିର୍ଦ୍ଦେଶରେ ପରିଚାଳିତ ଏହି ଭାବାଦର୍ଶ—ବ୍ରାହ୍ମଣବାଦ, ହେଲା ପୂର୍ବତନ ସାମନ୍ତ ସମାଜ ବ୍ୟବସ୍ଥାର ଆଦର୍ଶବାଦ । ଏହାର ବିଲୋପ ବିନା ସାମ୍ୟବାଦୀ ଆଦର୍ଶବାଦ ପ୍ରତିଷ୍ଠିତ ହେବା ଅସମ୍ଭବ । କିନ୍ତୁ, ଏହାକୁ ମୁକାବିଲା କରିବା ପୂର୍ବରୁ, ଏହାର କୁଟିଳ ଓ ଜଟିଳ ଚରିତ୍ରକୁ ସଠିକଭାବେ ବୁଝିନେବା ଦରକାର, ନଚେତ୍ ଏହା ବିରୁଦ୍ଧରେ ଲଢ଼ିବା ପରିବର୍ତ୍ତେ, ଏହାର ଶିକାର ହୋଇ, ଏହି ଭିତରେ ହିଁ ବିଲୀନ ହୋଇଯିବାକୁ ପଡ଼ିବ ।

ବହୁ ବିରୋଧୀ ସଂସ୍କୃତି ଓ ମୂଲ୍ୟବୋଧର ଜନଗୋଷ୍ଠି ଏହି ଉପମହାଦେଶ ମଧ୍ୟରେ ପ୍ରବେଶ କରିଛନ୍ତି, ବ୍ରାହ୍ମଣବାଦ ବିରୁଦ୍ଧରେ ସଂଗ୍ରାମ କରିଛନ୍ତି, ମାତ୍ର ବୁଝିପାରିବା ପୂର୍ବରୁ ପରାଜିତ ହୋଇ ଏହା ମଧ୍ୟରେ ବିଲୀନ ହୋଇଯାଇଛନ୍ତି । ବୌଦ୍ଧଧର୍ମ ଭଳି ସର୍ବବ୍ୟାପି, ସୁଧାରବାଦୀ ଧର୍ମୀୟ ବ୍ୟବସ୍ଥା, ଭାରତ ମାଟିରେ ବିଲୁପ୍ତ ବ୍ରାହ୍ମଣବାଦର ପରାକ୍ରମରେ । ଏହା ବିରୁଦ୍ଧରେ ପରିଚାଳିତ ସକଳ ସଂସ୍କାରବାଦୀ ଆନ୍ଦୋଳନ ସାହାଯ୍ୟ କରିଛି ଏହାର କାୟା ବିସ୍ତାରରେ । ଇସଲାମ, ଖ୍ରୀଷ୍ଟିଆନ ଭଳି ବିସ୍ତାରବାଦୀ ଧର୍ମ ଶିକ୍ଷା ଲାଭ କରିଛି ବ୍ରାହ୍ମଣବାଦ ସହ ଶାନ୍ତି ପୂର୍ଣ୍ଣ ସହାବସ୍ଥାନର । ପ୍ରତ୍ୟେକ ଆକ୍ରମଣ ଓ ନିର୍ଦ୍ଦିଷ୍ଟ ବିଲୀନକୁ କପରି ଅତିକ୍ରମ କରିହୁଏ, ତାହା ପ୍ରମାଣ କରି ଦେଇଛି ଏହି ବ୍ରାହ୍ମଣବାଦ । ଜାତି ବ୍ୟବସ୍ଥା ହେଉଛି ବ୍ରାହ୍ମଣବାଦର ବିଚକ୍ଷଣତା । ଏହି ଆଦର୍ଶବାଦର ବ୍ୟବହାରିକ ପ୍ରୟୋଗ—ସାମାଜିକ ସମ୍ପ୍ରସାରଣ । ବ୍ରାହ୍ମଣବାଦ ବଞ୍ଚିରହିଛି ଜାତି ବ୍ୟବସ୍ଥା ଭିତର ଦେଇ । ତେଣୁ ଜାତିବାଦର ବିଲୋପ ବିନା ବ୍ରାହ୍ମଣବାଦର ବିଲୋପ ସମ୍ଭବ ନୁହେଁ ।

ଜାତି ଭିତ୍ତିକ ସ୍ଥାନ ସଂରକ୍ଷଣ, ଭାରତବର୍ଷର ଜାତି ପ୍ରଶ୍ନ ସମାଧାନର

Digitized by srujanika@gmail.com

ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟକାରୀ କର୍ମସୂଚୀ । ଜାତିଆଣଭାବେ ପକ୍ଷପାତର ଶିକାର ଜନଗୋଷ୍ଠିକୁ ସମାନ ସୁଯୋଗ ପ୍ରଦାନର ନିଶ୍ଚିନ୍ତ ବିକଳ୍ପ ଏହି ସଂରକ୍ଷଣ ବ୍ୟବସ୍ଥା, ଜାତିବାଦର ନିଷ୍ଠୁରତାକୁ ଲାଘବ କରିପାରିବା ସଙ୍ଗେ ସଙ୍ଗେ ବ୍ରାହ୍ମଣବାଦକୁ ଦୁର୍ବଳ କରିପାରିବ, ଏଥିରେ କୌଣସି ସନ୍ଦେହ ନାହିଁ ।

ମାତ୍ର ସମସ୍ୟାଟି ସୃଷ୍ଟି ହେଉଛି, ଏହି ସଂରକ୍ଷଣ ଉପରେ କମ୍ୟୁନିଷ୍ଟମାନଙ୍କର ଦୃଷ୍ଟିଭଙ୍ଗିକୁ ନେଇ । ଅନ୍ୟାନ୍ୟ ସମସ୍ତ ଜାତୀୟ, ଆନ୍ତର୍ଜାତିକ ପ୍ରଶ୍ନ ଭଳି, ଏହି ପ୍ରଶ୍ନ ଉପରେ ମଧ୍ୟ ଆମ ଦେଶର କମ୍ୟୁନିଷ୍ଟମାନେ ମତ ବିଭାଜିତ । ସି. ପି. ଏମ୍ ନେତୃତ୍ୱର ବାମଫ୍ରଣ୍ଟ, ଭାରତର ଏକମାତ୍ର "ସଚ୍ଚା" କମ୍ୟୁନିଷ୍ଟ ଏସ୍. ୟୁ. ସି. ଆଇ ତଥା ଆଇ. ପି. ଏଫ୍, ଇଉ. ସି. ପି. ଆଉ. ଆଇ (ଏମ୍-ଏଲ୍) ଭଳି କେତେକ ତଥା କଥିତ ବିପ୍ଳବୀ କମ୍ୟୁନିଷ୍ଟ ଗୋଷ୍ଠି ଏହି ସରକ୍ଷଣ ବ୍ୟବସ୍ଥାଟିକୁ ଭାଗଗତ ଭାବେ ଗ୍ରହଣ କରୁନାହାନ୍ତି । ବି. ଜେ. ପି., କଂଗ୍ରେସ ଭଳି ବର୍ଣ୍ଣବାଦୀ ପ୍ରତିକ୍ରିୟାଶୀଳ ଦଳମାନଙ୍କ ଅବସ୍ଥାନ ପାଖାପାଖି, ଏମାନେ ମଧ୍ୟ ନାନାଦି ଯୁକ୍ତି ଦର୍ଶାଇ ଏହାର ବିରୁଦ୍ଧାଚରଣ କରୁଛନ୍ତି । କମ୍ୟୁନିଷ୍ଟମାନେ ଯେହେତୁ ଶ୍ରମିକ ଶ୍ରେଣୀର ପାରମ୍ପରିକ ମିତ୍ର ହିସାବରେ ଗ୍ରହଣ କରାଯାଆନ୍ତି, ଏବଂ ଯେହେତୁ ଶ୍ରମିକ ଶ୍ରେଣୀ କହିଲେ ହିଁ ଭାରତବର୍ଷର ଦଳିତ ବର୍ଗହିଁ ବୁଝାଯାଏ, ତେଣୁ ଏହି ଦ୍ୱନ୍ଦଟିର ଆଶୁ ସମାଧାନ ଦରକାର । ନଚେତ୍ ଏହା ଉଭୟ ଶ୍ରମିକ ଶ୍ରେଣୀର ମୁକ୍ତି ସଂଗ୍ରାମ ଓ ଦଳିତ ବର୍ଗର ସାମାଜିକ ନ୍ୟାୟ ସଂଗ୍ରାମକୁ ବିଭ୍ରାନ୍ତଗ୍ରସ୍ତ କରାଇ କ୍ଷତି ସାଧନ କରିବ ।

ବର୍ତ୍ତମାନ ଏହି ବିରୋଧୀମାନଙ୍କର କେତେକ ଯୁକ୍ତିକୁ ବିଶ୍ଳେଷଣ କରି ଦେଖିବା । ଦେଖିବା ଏହି ଯୁକ୍ତି କେତେଦୂର କମ୍ୟୁନିଷ୍ଟ ଭାବାଦର୍ଶ ଅନୁକୂଳିତ । ଏମାନଙ୍କର ପ୍ରଥମ ଯୁକ୍ତି ହେଲା ଦେଶରେ ପୁଞ୍ଜିବାଦୀ, ଗଣତାନ୍ତ୍ରିକ ସମ୍ବିଧାନ ପ୍ରକରଣ ଫଳରେ ସାମନ୍ତବାଦର ବିଲୋପ ସାଧନ ହୋଇଛି । ସେ କ୍ଷେତ୍ରରେ ସାମନ୍ତବାଦର ଆଦର୍ଶ-ବ୍ରାହ୍ମଣବାଦ ବା ତା'ହାର ସାମାଜିକ ରୂପାନ୍ତର-ଜାତି ବିରୁଦ୍ଧରେ ସଂଗ୍ରାମ ପ୍ରସଙ୍ଗ ବିହୀନ । ତେଣୁ ବର୍ତ୍ତମାନ ପରିସ୍ଥିତିରେ ଜାତିଆଣ ସଂରକ୍ଷଣକୁ ସମର୍ଥନ ଦେବା ଅର୍ଥ ପୁଣି ମୃତ ବ୍ୟବସ୍ଥାକୁ ସ୍ୱୀକୃତି ଦେବା ଓ ଅଦରକାରୀ ଦ୍ୱନ୍ଦ ଭିତରେ ଫସି ରହିବା ।

Digitized by srujanika@gmail.com

ଏହା ଶ୍ରମିକ ଶ୍ରେଣୀର ଏକତାକୁ ଜାତିଆଣ ବିସ୍ତରରେ ବିଭେଦ ଗ୍ରସ୍ତ କରାଇ, ଭାଙ୍ଗିଦେବ ଓ ମୁଖ୍ୟ ଶତ୍ରୁ—ପୁଞ୍ଜିବାଦ ବିରୁଦ୍ଧରେ ସଂଗ୍ରାମ କ୍ଷତିଗ୍ରସ୍ତ ହେବ ।

ମାତ୍ର ଆମେ, ସେମାନଙ୍କର ଏହି ତର୍କକୁ ଗ୍ରହଣ କରିପାରୁ ନା । ଆମେ ମନେକରୁ ଯେ ଏହା ସେମାନଙ୍କର ଅନ୍ଧାନୁସରଣ ପ୍ରସୂତ । ବାସ୍ତବତାର ବିଶ୍ଳେଷଣ ଉପରେ ଆଧାରିତ ନୁହେଁ । ଏ କ୍ଷେତ୍ରରେ ପ୍ରଥମ କଥା ହେଲା ପୁଞ୍ଜିବାଦୀ ପ୍ରକରଣ—ଆମେ ସେହି 'କମ୍ୟୁନିଷ୍ଟ'ମାନଙ୍କୁ ସୂଚାଇ ଦେବାକୁ ଚାହୁଁ ଯେ ସାମନ୍ତବାଦ ଭାଙ୍ଗିବାର ଅର୍ଥ କାର ପୁଞ୍ଜିବାଦର 'ପ୍ରକରଣ' ନୁହେଁ, ଏହାର ସ୍ୱାଧୀନ ବିକାଶର ଧାରାହିଁ ବହନ କରେ । ମାତ୍ର ଭାରତବର୍ଷରେ ଏହି ସ୍ୱାଧୀନ ବିକାଶର ଐତିହାସିକ ପର୍ଯ୍ୟାୟ ପରିପୂର୍ଣ୍ଣ ହୋଇପାରିନାହିଁ । ସାମନ୍ତବାଦୀ ଭିତ୍ତି ଉପରେ, ଏଠାରେ ପୁଞ୍ଜିବାଦ ଅବସ୍ଥାପିତ କରାଯାଇଛି ବ୍ରିଟିଶ ସାମ୍ରାଜ୍ୟବାଦ ଦ୍ୱାରା । ତାହାର ନିୟନ୍ତ୍ରଣରେ ପରିଚାଳିତ ହୋଇଛି—ତାହାର ସ୍ୱାର୍ଥ ପାଇଁ । ଏକ ଆକ୍ରମଣକାରୀ, ଦଖଲକାରୀ ଶକ୍ତି ନିମନ୍ତେ ସର୍ବଦା ଉପଯୋଗୀ ପନ୍ଥା ହେଲା, ସମାଜରୁ ଦଳେ ଦଲାଲ ଯୋଗାଡ଼ କରିବା, ନିଜର ଶାସନ ଓ ଶୋଷଣରେ ସହଯୋଗୀ ଭାବେ । ତେଣୁ ସାମନ୍ତବାଦ ବିରୁଦ୍ଧରେ ଲଢ଼ିବା ପରିବର୍ତ୍ତେ ସେହି ପଚୁଆ ଦୃଷ୍ଟିଭଙ୍ଗିର ଜର୍ଜର ଶକ୍ତିମାନଙ୍କୁ ନୂଆ ଭାବେ ଅଭିଷିକ୍ତ କରାଗଲା 'ସ୍ଥାୟୀ ବନ୍ଦୋବସ୍ତ' (Permanent Settlement Act) ଆଇନର ସ୍ୱୀକୃତି ଓ କ୍ଷମତା ପ୍ରଦାନ ମାଧ୍ୟମରେ । ଏବଂ ପୁଞ୍ଜିବାଦ ନାମରେ ଯେଉଁ ଦଳେ ପୁଞ୍ଜିପତି ତିଆରି କରାଗଲା ସେମାନେ ଐତିହାସିକ ବିକାଶର ଧାରା ଦେଇ ସାମନ୍ତବାଦକୁ ଲଢ଼େଇକରି ସୃଷ୍ଟି ହୋଇନଥିଲେ, ସେମାନେ ବଛା ଯାଇଥିଲେ ଏହି ସାମନ୍ତବାଦ ମଧ୍ୟରୁ । ଯେଉଁମାନଙ୍କର ଚରିତ୍ର ଗତ ଭାବେ ଯୋଗ୍ୟତା ମପାଯାଇଥିଲା ବ୍ରିଟିଶ ସ୍ୱାର୍ଥ ସେବକର 'ଦଲାଲ' (Comprador) ହିସାବରେ । ଯେଉଁମାନେ ଦେଶ ଭିତରେ ପୁଞ୍ଜିର ବିକାଶ ପରିବର୍ତ୍ତେ, ଦେଶର ଅର୍ଥକୁ ସାମ୍ରାଜ୍ୟବାଦ ହାତରେ ଭେଟି ରୂପେ ଟେକି ଦେବାକୁ ମତ ହିସାବରେ ଗ୍ରହଣ କରିନେଲେ । ବିଜ୍ଞାନ ଭିତ୍ତିକ, ଗଣତନ୍ତ୍ରିକ ଶିକ୍ଷା ବ୍ୟବା ନାମରେ ଯେଉଁ ଆଧୁନିକ ଶିକ୍ଷାର ପ୍ରସାର କରାଗଲା, ତାହାଥିଲା, ବାସ୍ତବରେ ମାନସିକ ଦାସତ୍ୱ ସୃଷ୍ଟିକାରୀ, ପରାଙ୍ଗ ପୁଷ୍ଟ କରାଣି ତିଆରି ଶିକ୍ଷା ବ୍ୟବସ୍ଥା ।

Digitized by srujanika@gmail.com

ଏ ଦେଶର ଶିକ୍ଷିତ ବର୍ଗ ସମାଜର ପଥପ୍ରଦର୍ଶକ ହେବା ପରିବର୍ତ୍ତେ ଉଭୟ ହେଲେ ଅଦରକାରୀ ଚୋଷକଭାବେ । ଶିଳ୍ପ ବିକାଶର ମାନେ ହେଲା ସାମ୍ରାଜ୍ୟବାଦୀ ଶିଳ୍ପର ବିକାଶ ନିମନ୍ତେ କଞ୍ଚାମାଲ ଯୋଗାଇଦେବା, ତାଙ୍କର ପୁରୁଣା କାରିଗରୀ ଓ ଜ୍ଞାନ କୌଶଳକୁ ଏ ଦେଶର ଶିଳ୍ପ କ୍ଷେତ୍ରରେ ରୋପଣ କରିବା ଓ ସେମାନଙ୍କ ଉତ୍ପାଦିତ ସାମଗ୍ରି ପାଇଁ ଦେଶର ବଜାରକୁ ନିଃଶର୍ତ୍ତ ଖୋଲା କରିଦେବା । ସର୍ବୋପରି ଗଣତନ୍ତ୍ର ଆଇନର ସମ୍ବିଧାନ ନାମରେ ଯେଉଁ ଆଇନ ପ୍ରଣୟନ କରାଗଲା, ତାହା ବାସ୍ତବରେ ଜନଗଣଙ୍କ ନିମନ୍ତେ ସମାନତା ଓ ଅଧିକାର ଯୋଗାଇବାର ସ୍ମାରକ ନ ହୋଇ, ଅସମତା ଓ ଅଧିକାର କାଢ଼ି ନେବାର ଏକ ଦମନକାରୀ ଯନ୍ତ୍ରରେ ପରିଣତ ହୋଇଛି ।

ଭାରତର 'ସ୍ୱାଧୀନତା' ହାସଲ ପରେ ଦେଶର ଶାସନ ଡୋରୀ ପଡ଼ିଯାଇଛି ଏହି ସାମନ୍ତୀ ପୁଞ୍ଜିପତି ବର୍ଗଙ୍କ ହାତରେ । ତେଣୁ ପୁଞ୍ଜିର ବିକାଶ ନିମନ୍ତେ ଆବଶ୍ୟକୀୟ କ୍ଷେତ୍ର ପ୍ରସ୍ତୁତି, ଦେଶ ଗଠନ, ଜାତିର ବିକାଶ ଓ ଜନଗଣଙ୍କ ନିମନ୍ତେ ଏକ ସମନ୍ୟାୟ ପୂର୍ଣ୍ଣ ଗଣତାନ୍ତ୍ରିକ ସମାଜ ପ୍ରତିଷ୍ଠା ପରିବର୍ତ୍ତେ, ସାମ୍ରାଜ୍ୟବାଦ ନିକଟରେ ଆତ୍ମ ସମର୍ପଣ, ଦେଶ ଲୁଣ୍ଠନ ଓ ଜନଗଣଙ୍କୁ ଦମନ ହୋଇଯାଇଛି ଏମାନଙ୍କର କର୍ମକାଣ୍ଡ । ଏବଂ ସାମନ୍ତବାଦ ଭାଙ୍ଗିବା ନିମନ୍ତେ ଭୂ-ସଂସ୍କାର ଓ ଉଦ୍‌ବୃତ୍ତ ଜମି ବଣ୍ଟନର ସଂଗ୍ରାମ ଏବେ ବି ଚାଲିଛି—ସଶସ୍ତ୍ର, ରକ୍ତାକ୍ତ ରୂପରେ । ହଜାର ହଜାର ଦଳିତ ସର୍ବହରା ଓ ବିପ୍ଳବୀ କର୍ମୀ ଟଳି ପଡ଼ୁଛନ୍ତି ସେହିମାନଙ୍କ ଗୁଳିରେ—ଝୁଲି ଯାଉଛନ୍ତି ସେହିମାନଙ୍କ ଫାଶି ଖୁଣ୍ଟରେ, ଯେଉଁ ପୁଞ୍ଜିବାଦୀ ଶାସକ ଗୋଷ୍ଠିର ସାମନ୍ତବାଦ ଭାଙ୍ଗିବା ଥିଲା ଏକ ଐତିହାସିକ ଦାୟିତ୍ୱ ।

ଯେଉଁ କମ୍ୟୁନିଷ୍ଟମାନେ ବର୍ତ୍ତମାନ ଅବସ୍ଥାକୁ ସାମନ୍ତବାଦ ଅବକ୍ଷୟର ଚରିତ୍ର ହିସାବରେ ଦାଖଲ କରନ୍ତି, ଆମେ ସେଥିରେ ଏକମତ ନୋହୁଁ । ଆମ ମତରେ କିନ୍ତୁ ଏହି ସ୍ଥିତିକୁ ଅବଧାରଣ / ଅବକ୍ଷୟ (Retaintion/ Erosion) ପ୍ରକ୍ରିୟା କୁହାଯାଇପାରେ । ଯାହାର ମୁଖ୍ୟ ଚରିତ୍ର ହେଲା ଅବଧାରଣ । ଜାତି ଆଧିପତ୍ୟ ସ୍ଥିତିକୁ ତର୍ଜମା କଲେ ଏହି ଅବଧାରଣ ପ୍ରକ୍ରିୟାକୁ ସଠିକ ଭାବେ ଚିହ୍ନି ହେବ । ତା' ସହିତ ସେହି 'କମ୍ୟୁନିଷ୍ଟ-ମାନଙ୍କର ଯୁକ୍ତି—ଜାତି ବ୍ୟବସ୍ଥା ଓ ବ୍ରାହ୍ମଣବାଦର ପ୍ରାସଙ୍ଗିକତାକୁ ମଧ୍ୟ

Digitized by srujanika@gmail.com

ବୁଝି ହେବ । ଏବେ ଆମେ ଦେଖିବା ଜାତି କପରି ଅବଧାରିତ ହୋଇ ରହିଛି । ସାମନ୍ତବାଦୀ ବ୍ୟବସ୍ଥାର ଜାତିମାନଙ୍କର ଭୂ-ସମ୍ପର୍କ ବଦଳିଛି କି ? କାରଣ ଜାତି ହେଉଛି ସାମନ୍ତବାଦର ଅନୁଷ୍ଠାନ । ଅବଶ୍ୟ ବ୍ୟକ୍ତିଗତ ପୁଞ୍ଜି ଓ ମାଲିକାନା ଯୁଗରେ ବିଶ୍ୱ ସାମନ୍ତବାଦ, ସମାଜକୁ ଶ୍ରେଣୀ ବିଭକ୍ତ କରିଥିଲା— ଭୂ-ସ୍ୱାମୀ ଓ ଭୂ-ଦାସ ଭାବେ । ମାତ୍ର ଭାରତୀୟ ସାମନ୍ତବାଦର ଦ୍ରଷ୍ଟବ୍ୟ ବିଶେଷତା ହେଲା ଏହି ପ୍ରକରଣକୁ ବଂଶାନୁଗତିକ ସ୍ଥାୟୀ ଅନୁଷ୍ଠାନରେ ପରିଣତ

କରିବା । ତାହା ପୁଣି ବିଜେତା ଉଚ୍ଚ ବର୍ଣ୍ଣମାନେ ବଂଶାନୁଗତିକ ଭାବେ ଭୂ-ସ୍ୱାମୀ ଓ ବିଜିତ ନିମ୍ନ ବର୍ଣ୍ଣମାନେ ବଂଶାନୁଗତିକ ଭାବେ ଭୂ-ଦାସ । ଏହି ପୃଷ୍ଠଭୂମିରେ ଆମେ ପର୍ଯ୍ୟାଲୋଚନା କରିବା ପ୍ରଥମେ ଭୂ-ସମ୍ପର୍କକୁ ଓ ତା' ସହିତ ଦେଖିବା ଏହି ଜାତିଆଣ ବଂଶାନୁକ୍ରମିକ ଶ୍ରେଣୀ ପ୍ରକରଣର ପ୍ରକ୍ରିୟା ପରିବର୍ତ୍ତିତ ହୋଇ ଆର୍ଥିକ ସ୍ତରର ଶ୍ରେଣୀ ସୃଷ୍ଟି ହେଲାଣି କି ? ଆମେ ପୂର୍ବ ପ୍ରସଙ୍ଗରେ ବିହାର ପ୍ରଦେଶର କୃଷି ଶ୍ରମିକ ସମୀକ୍ଷା (ପୃ-୨୩) ମାଧ୍ୟମରେ ଦର୍ଶାଇଛୁ ଯେ ହରିଜନ, ଆଦିବାସୀ ଓ ଅନ୍ୟାନ୍ୟ ପଶ୍ଚାଦପଦ୍ ଶ୍ରେଣୀମାନେ କୃଷି ଶ୍ରମିକ କ୍ଷେତ୍ରରେ କପରି ନିଜର ପାରମ୍ପରିକ ସ୍ଥିତି ବଜାୟ ରଖିଛନ୍ତି । ଦ୍ୱିଷ୍ଟାପୂରେ ଭୂମି-ସମ୍ପର୍କ ଉପରେ ଦେଶରେ ଆଜି ପର୍ଯ୍ୟନ୍ତ ଯେତେ ସର୍ଭେ ହୋଇଛି, ପ୍ରତ୍ୟେକରୁ ଜଣା ପଡ଼ୁଛି ଯେ ବର୍ତ୍ତମାନ ମଧ୍ୟ ଭୂମି ମାଲିକାନା ବଜାୟ ରହିଛି ସେହି ମୁଷ୍ଟିମେୟ ଉଚ୍ଚବର୍ଣ୍ଣ ଭୂ-ସ୍ୱାମୀମାନଙ୍କ ହାତରେ । ପୂର୍ବର ରାଜା, ଜମିଦାର, ରାଜକର୍ମଚାରୀ, ପୁରୋହିତ, ବୈଶ୍ୟ ବଣିକ ଥିଲେ ଉଦ୍‌ବୃତ୍ତ ଉପଭୋଗକାରୀ—ଉଚ୍ଚ ବର୍ଣ୍ଣର । ବର୍ତ୍ତମାନର ଉଦ୍‌ବୃତ୍ତ ଉପଭୋଗକାରୀ ଭୂ-ସ୍ୱାମୀ ଜମିଦାର, ମନ୍ତ୍ରୀ ନେତା, ବଡ଼ ଚାକିରିଆ, ଅମଲା ହାକିମ, ଶିଳ୍ପପତି, ବଡ଼ ବ୍ୟବସାୟୀ, ଠିକାଦାର ଇତ୍ୟାଦି ସମସ୍ତେ ହେଉଛନ୍ତି ସେହି—ଉଚ୍ଚ ବର୍ଣ୍ଣର । ମାରୱାଡ଼ି, ଗୁଜରାଟି ବୈଶ୍ୟ ବଣିକଙ୍କର ଅର୍ଥ ବ୍ୟବସ୍ଥା ଉପରେ ପାରମ୍ପରିକ ବଂଶାନୁଗତ ଏକଚାଟିଆ କର୍ତ୍ତୃତ୍ୱ ଭାଙ୍ଗିଲାଣି କି ? ଜାତି ଶ୍ରେଣୀ ପରିବର୍ତ୍ତେ ସ୍ୱାଧୀନ ଆର୍ଥିକ ଶ୍ରେଣୀ ଜନ୍ମଗ୍ରହଣ ବିଷୟୁତ' ଆମେ ପୂର୍ବରୁ ଦର୍ଶାଇଛୁ ଯେ ଏହା କପରି ସଂରକ୍ଷଣ ଦ୍ୱାରା ସମ୍ଭବ ହେଉଛି ମାତ୍ର ସେହି ଶ୍ରେଣୀ ପ୍ରକରଣ ପ୍ରକ୍ରିୟା ଏବେ ମଧ୍ୟ ସେହି ଜାତି ଗଣ୍ଡି ମଧ୍ୟରେ ଆର୍ଥିକ ସୋପାନୀକରଣ ପ୍ରକ୍ରିୟାରେ ହିଁ ସୀମିତ ରହିଛି । ଜାତିଆଣ ସ୍ତରକୁ ବୁଝି

Digitized by srujanika@gmail.com

ହେବ ଆଜ ଗୋଟିଏ କ୍ଷେତ୍ରକୁ ଦୃଷ୍ଟିପାତ କଲେ । ତା'ହା ହେଲ ସଂରକ୍ଷଣ ନ ଥିଲେ ହରିଜନ, ଆଦିବାସୀର କେତେଜଣ M. L. A., M. P. ହୋଇ ପାରନ୍ତେ ? ବର୍ତ୍ତମାନ ଅ-ସଂରକ୍ଷିତ ସ୍ଥାନରୁ କେତେଜଣ ନିର୍ବାଚିତ ହୋଇ ପାରୁଛନ୍ତି ?

ଏହି 'କମ୍ୟୁନିଷ୍ଟ'ମାନେ ଜାତିକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରି, ଆର୍ଥିକ ଶ୍ରେଣୀ ନାମରେ—ବ୍ରାହ୍ମଣବାଦ ନୁହେଁ, ତଥାକଥିତ ପୁଞ୍ଜିବାଦୀ ଆଦର୍ଶ ବିରୁଦ୍ଧରେ ବହୁ ସଂଗ୍ରାମ ଲଢ଼ିଛନ୍ତି । କିନ୍ତୁ ଏ ସମସ୍ତ ପରୀକ୍ଷା ନିରୀକ୍ଷା ବିଫଳ ହୋଇଯାଉଛି । ତାହାର ଜ୍ୱଳନ୍ତ ଉଦାହରଣ ହେଲ ବିଗତ ୫୦।୬୦ ବର୍ଷର ଅର୍ଥନୈତିକ ଆନ୍ଦୋଳନର ଅଭିଜ୍ଞତା ସତ୍ତ୍ୱେ, ଏ ଦେଶର ଜନସାଧାରଣ ଯେତେ ବ୍ୟାପକ ଭାବେ ସଂରକ୍ଷଣ ବିରୋଧୀ ବା ସମର୍ଥକ ଶିବିରରେ ବାଣ୍ଟି ହୋଇଗଲେ ବା ଯେତେ ବ୍ୟାପକ ଭାବେ ଏହି ପ୍ରସଙ୍ଗ ଉପରେ ଆନ୍ଦୋଳନ ଠିଆ କରାଇ ପାରିଲେ, ସେ କ୍ଷେତ୍ରରେ ବର୍ତ୍ତମାନର ଅସହ୍ୟ ଦରଦାମ ବୃଦ୍ଧି, ବେଲଗାମ ସମ୍ରାଜ୍ୟବାଦୀ ଶୋଷଣ ବିରୋଧୀ ଅର୍ଥନୈତିକ ଆନ୍ଦୋଳନ କାହିଁ ?

ତାହାର କାରଣ ହେଲ, ଏ ସମାଜରେ ପୁଞ୍ଜିବାଦ ହେଉଛି ବ୍ରାହ୍ମଣ ବାଦର ରୂପାନ୍ତର ଓ ଶ୍ରମିକ ଶ୍ରେଣୀ ହେଉଛନ୍ତି ଦଳିତ ଜାତିବର୍ଗ । ସଙ୍କଟ ସମୟରେ ପୁଞ୍ଜିବାଦ ଲୁଚି ଯାଉଛି ବ୍ରାହ୍ମଣବାଦର ଉଦର ଭିତରେ ଓ ଶ୍ରମିକ ବାଧ୍ୟ ହେଉଛନ୍ତି ଫେରିଯିବାକୁ ନିଜ ଜାତି ଗଣ୍ଡି ମଧ୍ୟକୁ । ବ୍ରାହ୍ମଣବାଦର ଧ୍ୱଂସ ବିନା ପୁଞ୍ଜିବାଦକୁ ଧରି ହେବନି ବା ଶ୍ରମିକ ଶ୍ରେଣୀକୁ ତାର ଜାତି ଗଣ୍ଡି ମଧ୍ୟରୁ କାଢ଼ିଆଣି ହେବନାହିଁ ।

ଇଉରୋପରେ ପୁଞ୍ଜିବାଦର ସାମନ୍ତବାଦ ବିରୋଧି ବହୁ ସଂଗ୍ରାମର ନଜିର ରହିଛି । ମାତ୍ର ଆମ ଦେଶରେ, ସେହି 'କମ୍ୟୁନିଷ୍ଟ' ମାନେ କୌଣସି ଗୋଟିଏ ନଜିର ଦେଖାଇ ପାରିବେକି', କେବେ, କେଉଁ ରୂପରେ ସାମନ୍ତବାଦ ବିରୁଦ୍ଧରେ ପୁଞ୍ଜିବାଦ ସଂଗ୍ରାମ କରିଛି ? ଆମ ଦେଶରେ ବ୍ରାହ୍ମଣବାଦର ବିଚକ୍ଷଣତା ହେଲା, ସେ ପୁଞ୍ଜିବାଦକୁ ନିଜ ଭିତରେ ମିଶାଇ ନେଇଛି ।

Digitized by srujanika@gmail.com

ନିଜ ଭିତରୁ ପୁଞ୍ଜିବାଦ ପାଇଁ ଲୋକ ଯୋଗାଇ ଦେଉଛି । ଏ ଦେଶର ପୁଞ୍ଜିପତିଟିଏ ନିଜ କାରଖାନାଟିଏ ପ୍ରତିଷ୍ଠା କରିବା ପୂର୍ବରୁ ତା'ପରିସର ଭିତରେ ମନ୍ଦିରଟିଏ ପ୍ରତିଷ୍ଠାକରେ, ସାମନ୍ତବାଦକୁ ଲଢ଼ିବା ବଦଳରେ ମହାସାମନ୍ତ ଜଗନ୍ନାଥଙ୍କର ଆରାଧନା କରେ; ବ୍ରାହ୍ମଣର ପାଦଧୂଳି ମୁଣ୍ଡରେ ମାରି ଆଶିର୍ବାଦ ଭିକ୍ଷାକରେ, ହରିଜନ ଶ୍ରମିକଟିକୁ ଛୁଇଁଦେଲେ ଗାଧୋଇକରି ଘରେ ପଶେ । ଧର୍ମ/ସଂପ୍ରଦାୟ, ମନ୍ଦିର/ମସଜିଦ, ରାମାୟଣ, ମହାଭାରତ ଓ ଜାତି ବର୍ତ୍ତମାନ ଦେଶର ମୁଖ୍ୟ ରାଜନୀତି ନୁହେଁ କି ? ଏହି ପୁଞ୍ଜିବାଦକୁ, ବ୍ରାହ୍ମଣବାଦର ବହୁ ଅବତାର ଭଳି ବରଂ ଏକ ଅବତାର—ପୁଞ୍ଜିବାଦୀ ଅବତାର ଭାବେ ବିବେଚନା କଲେ, ବାସ୍ତବତା ପାଖାପାଖି ହୋଇପାରେ ।

ସେମାନଙ୍କର ଅନ୍ୟ ଯୁକ୍ତିଟି ହେଲା ସଂରକ୍ଷଣ ଫଳରେ ଦଳିତ ବର୍ଗ ମଧ୍ୟରୁ ଗୋଟିଏ ଛୋଟିଆ ସୁବିଧାବାଦୀ 'ବୁର୍ଜୁଆ' ଗୋଷ୍ଠି ସୃଷ୍ଟି ହେବେ । ଅପର ପକ୍ଷରେ ଏହା ନିରପେକ୍ଷ ଶ୍ରେଣୀ ପ୍ରକରଣର ପ୍ରକ୍ରିୟାକୁ ବାଧକହୋଇ ଜାତିବାଦକୁ ବଳବତ୍ତର କରିବ ।

ବ୍ୟକ୍ତିବାଦ, ସୁବିଧାବାଦ ଇତ୍ୟାଦି ହେଉଛି ଶ୍ରେଣୀ ସମାଜର ସଂସ୍କୃତି । ଏହି ପରିସୀମା ମଧ୍ୟରେ ଆବଦ୍ଧ ଦଳିତ ଲୋକଟିଏ ଏହାର ଅଧିକାରୀ ହେବା ଏକ ଅପରାଧ କି ? ନିରପେକ୍ଷ ଶ୍ରେଣୀ ପ୍ରକରଣର ପ୍ରକ୍ରିୟାକୁ ଆମେ ସ୍ୱାଗତ କରୁ । ଦଳିତ ବର୍ଗ ମଧ୍ୟରେ 'ବୁର୍ଜୁଆ' ପ୍ରକରଣ ହେଉଛି, ତାହାତ ଏହି ନିରପେକ୍ଷ ପ୍ରକ୍ରିୟା କାର୍ଯ୍ୟରତ ରହିଛି, ତାହାର ନିଦର୍ଶନ । ଯଦି, ସଂରକ୍ଷଣ ଫଳରେ ଏହି ପ୍ରଗତିଶୀଳ ପ୍ରକ୍ରିୟା ଅଗ୍ରଗାମୀ ହୋଇପାରୁଛି ତା' ହେଲେତ ଏହାର ପରିବୃଦ୍ଧି ନିମନ୍ତେ ସମର୍ଥନ ଦେବା ଦରକାର । ଦୃଷ୍ଟିରେ ବିପ୍ଳବ ନିମନ୍ତେ 'ବୁର୍ଜୁଆ' ମାନଙ୍କରତ କିଛି ଭୂମିକା ରହିଛି । କଥାଟି ହେଲା ଏହି 'ବୁର୍ଜୁଆ' ମାନେ ସେହି ପ୍ରଗତିଶୀଳ ବିପ୍ଳବୀ ଭୂମିକା ସଂପୂର୍ଣ୍ଣ କରିବେ ନା ପ୍ରତିକ୍ରିୟାଶୀଳ ଶିବିରରେ ଯୋଗ ଦେବେ, ତାହାହିଁ ବିଚାର୍ଯ୍ୟ । କମ୍ୟୁନିଷ୍ଟ-ପାର୍ଟି ମାନଙ୍କ ମଧ୍ୟରେ ଉଚ୍ଚବର୍ଣ୍ଣ ବୁର୍ଜୁଆଙ୍କର ଅବସ୍ଥିତି ନାହିଁକି ? ଗଣତାନ୍ତ୍ରିକ ଆନ୍ଦୋଳନ ମାନଙ୍କରେ, ସମାଜ ପରିବର୍ତ୍ତନର ବିପ୍ଳବୀ ସଂଗ୍ରାମରେ ଏହି ବୁର୍ଜୁଆ ମାନଙ୍କ ମଧ୍ୟରୁ ଯଦି କିଛି ପ୍ରଗତିଶୀଳ ଭୂମିକା ଗ୍ରହଣ କରି

Digitized by srujanika@gmail.com

ପାରୁନାହାନ୍ତି, ତେବେ ଦଳିତ ବୁର୍ଜୁଆଙ୍କ ଠାରୁ ଆମେ ପ୍ରଗତିଶୀଳ ଭୂମିକା କାହିଁକି ଆଶା କରି ପାରିବା ନାହିଁ ? ଭୂମି ସଂଗ୍ରାମରେ ଏମାନେ ନିଜର ଦଳିତ ଭୂମିହୀନ ଭାଇ ସପକ୍ଷରେ ଠିଆ ହେବେ ହିଁ—ଉଚ୍ଚବର୍ଣ୍ଣ ଭୂ ସ୍ୱାମୀ ଜମିଦାର ବିରୁଦ୍ଧରେ । ଠିଆ ହେବେ ଦଲାଲ ପୁଞ୍ଜିବାଦର ଟି. ଭି., ଭି. ସି. ଆର, ଶିତତାପ ନିୟନ୍ତ୍ରିତ ଯୌଥିକ କାର ସଂସ୍କୃତି ବିରୁଦ୍ଧରେ—ନିଜର ଅଗଣିତ ଅନାହାର କ୍ଳିଷ୍ଟ ଦରିଦ୍ର ଭାଇର ଆର୍ଥିକ ମୁକ୍ତି ସଂଗ୍ରାମ ପକ୍ଷରେ । ଏହି ମର୍ମକୁ ଦେଶର ଶାସକ ଗୋଷ୍ଠି ହୃଦବୋଧ କରି ସାରିଲେଣି । ନଚେତ୍ ସଂରକ୍ଷଣକୁ ଏତେ ତୀବ୍ରଭାବେ ସଙ୍ଗଠିତ ବିରୋଧ କାହିଁକି କରିଥାନ୍ତେ । କିଛି ମୁଷ୍ଟିମେୟ ଲୋକଙ୍କ' ଯଦି ସାମାନ୍ୟ ସରକାରୀ ଚାକିରୀରେ ପଶିଯାଉଥିଲେ ଆକାଶ ଛିଣ୍ଡି ପଡ଼ୁନଥିଲା ? ବ୍ୟବସ୍ଥାଗତ ସ୍ଥିତିର ଭାଙ୍ଗି ପଡ଼ୁନଥିଲା ? ନିଜ ସାଙ୍ଗକୁ ଭାଇ ହିସାବରେ କିଛି 'ବୁର୍ଜୁଆ'ଙ୍କ ପାଇପାରୁଥିଲେ ! ତେବେ ଏତେ ପ୍ରାଣମୁର୍ଚ୍ଛା ସଂଘର୍ଷ କାହିଁକି ? ଏତେ ବଡ଼ ନରମେଧ ଯଜ୍ଞର ଆବଶ୍ୟକତା କଣ ଥିଲା ?

ଏବେ ଦେଖିବା ଏହି ନିରପେକ୍ଷ (Secular) ଶ୍ରେଣୀ ପ୍ରକରଣର ବାଧକ ତଥା ଜାତିବାଦ ପ୍ରତିଷ୍ଠା ଉପରେ ସଂରକ୍ଷଣର ଭୂମିକା ଯୁକ୍ତିକୁ ।

ସମାନ ସୁଯୋଗ ହାସଲ କରିପାରିବା କ୍ଷେତ୍ରରେ ନିମ୍ନଜାତି ମଣିଷଟିର କେତେକ ଅଭାବ ରହିଛି । ଏହି ଅଭାବ ଆର୍ଥିକ ସ୍ୱଚ୍ଛଳତା ଯୋଗାଇ ଦେଲେ ମଧ୍ୟ ଭରଣା ହୋଇ ପାରିବ ନାହିଁ । କେବଳମାତ୍ର ଜନ୍ମଜାତ ଦୋଷ ଏହାର କାରଣ ନୁହେଁ, ସମାଜ ବିକାଶର ବିଭିନ୍ନ ଐତିହାସିକ ପର୍ଯ୍ୟାୟର ଅଭିଜ୍ଞତା ଏହା ସହ ସଂପୃକ୍ତ । ଅତୀତ ସାମନ୍ତବାଦୀ ଆର୍ଥିକ ଓ ରାଜନୈତିକ ବ୍ୟବସ୍ଥାରେ ଗୋଟିଏ ଗୋଷ୍ଠି ସମସ୍ତ ସୁଯୋଗ ପାଉଥିବା ବେଳେ, ଅପର ଗୋଷ୍ଠିଟି ସଂପୂର୍ଣ୍ଣ ବଂଚିତ ରହିଥିଲେ । ନିମ୍ନ ଜାତିର ମଣିଷମାନେ ଶିକ୍ଷା କ୍ଷେତ୍ରରେ ପ୍ରବେଶ ଅଧିକାରରୁ ମଧ୍ୟ ବଂଚିତ ଥିଲେ । ଦଳେ ଶିକ୍ଷାର ପରମ୍ପରାକୁ ଉତ୍ତରାଧିକାର ସୂତ୍ରରେ ହାସଲ କରୁଥିବା ବେଳେ, ଅନ୍ୟ ଦଳଟି ଏ କ୍ଷେତ୍ରରେ ନୂଆ ଅଧ୍ୟାୟ ଖୋଲୁଛନ୍ତି । ଗୋଷ୍ଠିଗତ ଜୀବନ ଧାରଣର ବାତାବରଣ ମଧ୍ୟ ଅନେକ ଭାବେ ଏହାକୁ ପ୍ରଭାବିତ କରୁଛି । ଆର୍ଥିକ ସ୍ୱଚ୍ଛଳତା ସତ୍ତ୍ୱେ ବର୍ତ୍ତମାନ

Digitized by srujanika@gmail.com

ମଧ୍ୟ ସ୍ୱଚ୍ଛଳ ହରିଜନ ଟିଏ ଗ୍ରାମର ସ୍ୱଚ୍ଛଳ ଉଚ୍ଚବର୍ଣ୍ଣ ସହ ଗୋଷ୍ଠିଗତ ଜୀବନ ଯାପନ କରି ନ ଥାଏ । ଏବେ ବି' ସେ ତାହାର ଗରିବ ହରିଜନ ସହ ଗୋଟିଏ ବସ୍ତିରେ ଉଚ୍ଚଜାତି ବସ୍ତିଠାରୁ ଅଲଗା ଭାବେ ଗୋଷ୍ଠି ଜୀବନ ଯାପନ କରୁଛି । ତେଣୁ ଶିକ୍ଷା କ୍ଷେତ୍ରରେ ଗରିବ ବ୍ରାହ୍ମଣ ପିଲାଟିଏ ଯେଉଁ ସହାୟକ ପରିବେଶ ପାଇ ପାରୁଛି, ହରିଜନ ପିଲାଟି ସେଥିରୁ ବଂଚିତ ହେଉଛି । ଏହି ତଥା କଥିତ ଉଚ୍ଚବର୍ଣ୍ଣମାନେ କେବଳ ଯେ ସମ୍ପତ୍ତି ଉପରେ ଯୁଗ ଯୁଗ ଧରି କର୍ତ୍ତୃତ୍ୱ ହାସଲ କରିଥିଲେ, ତାହା ନୁହେଁ, ସେମାନେ ଜନଗଣର ସଂସ୍କୃତି ଉପରେ ମଧ୍ୟ ପ୍ରଭୁତ୍ୱ ଦଖଲ କରିଥିଲେ । ଏହା ଫଳରେ ନାନା କୌଶଳରେ ଜନଗଣ ମଧ୍ୟରେ ନିଜର ପ୍ରଭୁତ୍ୱର ଆଦର୍ଶ ପ୍ରଚାର କରିବା ସଙ୍ଗେ ସଙ୍ଗେ, ନିମ୍ନବର୍ଣ୍ଣଙ୍କ ନିମନ୍ତେ ଯେଉଁ ଆଦର୍ଶ ପ୍ରଚାର କରିଥିଲେ ତାହାଥିଲା, ସେମାନଙ୍କ ନିମନ୍ତେ ଦାସତ୍ୱକୁ ମାନିନେବା ଆଦର୍ଶ । ଏହା ଫଳରେ ଉଚ୍ଚବର୍ଣ୍ଣର ପିଲାଟି ଆରମ୍ଭରୁ ଉଚ୍ଚାଭିଳାଷି ହୋଇପାରୁଛି ଓ ନିମ୍ନ ବର୍ଣ୍ଣର ପିଲାଟିର ଆଶା ଆକାଂକ୍ଷା ଆରମ୍ଭରୁ ସୀମିତ ରହିଯାଉଛି । ଏ ହେଲା ମୋଟାମୋଟି କେତେକ କାରଣ । ଶିକ୍ଷା ବା ଚାକିରି କ୍ଷେତ୍ରରେ ଯାହା କିଛି ପର୍ଯ୍ୟାୟକୁ ଏ ସ୍ତରର ଲୋକେ ଯାଇ ପାରିଛନ୍ତି, ତାହା ସଂରକ୍ଷଣ ଯୋଗୁଁ ହିଁ ସମ୍ଭବ ହୋଇଛି । Table । ପୃ-୧୧ ପରିସଂଖ୍ୟାନରୁ ଏହି ତଥ୍ୟ ପ୍ରମାଣିତ ହୋଇଯାଉଛି । ଆର୍ଥିକଭାବେ ଅନ୍ୟାନ୍ୟ ପଶ୍ଚାଦ୍‌ପଦ ଜାତିମାନେ ହରିଜନମାନଙ୍କଠାରୁ ପାରମ୍ପରିକ ଭାବେ ଆଗୁଆ ଥିଲେ ସୁଦ୍ଧା, ଏବଂ ଜନସଂଖ୍ୟାରେ ହରିଜନ ଆଦିବାସୀଙ୍କଠାରୁ ୨ ଗୁଣରୁ ଅଧିକ ଥିବା-ସ୍ଥଳେ, ଶିକ୍ଷା ଓ ଚାକିରି କ୍ଷେତ୍ରରେ ସଂରକ୍ଷଣ ଅଭାବରୁ ଏମାନେ ହରିଜନ, ଆଦିବାସୀଙ୍କଠାରୁ ମଧ୍ୟ ପଛରେ ପଡ଼ି ରହିଛନ୍ତି ।

ଅବଶ୍ୟ ଏହି ଜାତିଆଣ ସଂରକ୍ଷଣ ନିମ୍ନଜାତିର ଉପରବର୍ଗ ଲୋକଙ୍କୁ ହିଁ ଉପକୃତ କରିଛି । ଏହା ଫଳରେ ନିମ୍ନ ଜାତି ମଧ୍ୟରେ ଆର୍ଥିକ ଶ୍ରେଣୀ ବିଭାଜନ ଆରମ୍ଭ ହୋଇଗଲାଣି । ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ଉଚ୍ଚବର୍ଣ୍ଣମାନେ ହିଁ ମଧ୍ୟମ ଶ୍ରେଣୀ ଦଖଲ କରି ରହିଥିଲେ । ସଂରକ୍ଷଣ ଫଳରେ ନିମ୍ନଜାତିର ଲୋକେ ନିଜ ସଂଖ୍ୟାନୁପାତରେ ଅନେକ କମ୍ ହେଲେ ମଧ୍ୟ ଏହି ମଧ୍ୟମ ଶ୍ରେଣୀ ଭିତରେ ପ୍ରବେଶ କରିବା ଆରମ୍ଭ କରିଦେଲେଣି । ଏହା

Digitized by srujanika@gmail.com

ପ୍ରତିଷ୍ଠ ନହେଲେ ମଧ୍ୟ ନିରପେକ୍ଷ ଶ୍ରେଣୀ ଗଠନରେ କଷ୍ଟମାନଙ୍କରେ ଅଗ୍ରଗତି । ଏହି ଅବସ୍ଥାରେ ଯଦି ସଂରକ୍ଷଣ ବନ୍ଦ କରି ଦିଆଯାଏ ବା ଏହାର ଭିତ୍ତିକୁ ଜାତି କ୍ଷେତ୍ରରୁ ଆର୍ଥିକ କ୍ଷେତ୍ରକୁ ପରିବର୍ତ୍ତନ କରାଯାଏ, ତେବେ ବହୁ ପ୍ରତିବନ୍ଧକ ଭିତରେ ଶିକ୍ଷା ପାଇଥିବା ନିମ୍ନ ଜାତିର ମଣିଷଟି, ଉଚ୍ଚବର୍ଣ୍ଣର ପ୍ରାର୍ଥୀ ସହିତ ପ୍ରତିଯୋଗିତାରେ ସଫଳ ହୋଇ ପାରିବ କି ? ନିମ୍ନ ବର୍ଣ୍ଣର ଉପର ବର୍ଗ ପ୍ରାର୍ଥୀଟି ଉଚ୍ଚ ବର୍ଣ୍ଣର ଉପର ବର୍ଗ ପ୍ରାର୍ଥୀ ସହିତ ପ୍ରତିଯୋଗିତାରେ ସମର୍ଥ ହୋଇ ପାରିବ ନାହିଁ କି ନିମ୍ନବର୍ଣ୍ଣର ତଳ ବର୍ଗର ପ୍ରାର୍ଥୀଟି ଉଚ୍ଚବର୍ଣ୍ଣର ସେହି ବର୍ଗର ପ୍ରାର୍ଥୀ ତୁଳନାରେ ସମର୍ଥ ହୋଇପାରିବ ନାହିଁ । ତେଣୁ ଉଭୟେ ହିଁ ହାରିଯିବେ ଓ ଧୀରେ ଧୀରେ ଯେଉଁ 'ନିରପେକ୍ଷ' ଶ୍ରେଣୀ ପ୍ରକରଣ ଆରମ୍ଭ ହୋଇଥିବ, ତାହା ହେବ ସମଗ୍ର ଉଚ୍ଚବର୍ଣ୍ଣ—ଉଚ୍ଚଶ୍ରେଣୀ ଓ ସମଗ୍ର ନିମ୍ନବର୍ଣ୍ଣ—ନିମ୍ନଶ୍ରେଣୀ ଏହି-ଦର । ଏହି ଧାରଣୀସ୍ଥ 'ଜାତିବାଦ' ବିରୁଦ୍ଧରେ ବା 'ନିରପେକ୍ଷ' ଶ୍ରେଣୀ ସୃଷ୍ଟି ପକ୍ଷରେ ଯଦି ସେହି 'କମ୍ୟୁନିଷ୍ଟ' ମାନେ ଚିନ୍ତା ରଖୁଛନ୍ତି, ତେବେ ସେମାନେ ନିଜର ଯୁକ୍ତିର ପ୍ରାସଙ୍ଗିକତାକୁ ଆଉଥରେ ବିଗ୍ଭର କରନ୍ତୁ, ଏହା ଆମର ସେମାନଙ୍କୁ ଅନୁରୋଧ ।

ଏହା ହେଲା ମୋଟାମୋଟି ଭାରତୀୟ ଜାତିପ୍ରଶ୍ନ ସମାଧାନ କ୍ଷେତ୍ରରେ ସଂରକ୍ଷଣର ଭୂମିକା । ଏ ଉପରେ ଲେନିନଙ୍କ ବିଚାରଧାରା ଦେଖାଯାଉ—
"Nothing holds up of the development and strengthening of proletarian class solidarity so much as national injustice; 'offended' nationals are not sensitive to anything as much as to the feeling of equality and the violation of this equality, if only through negligence or jest—to the violation of the equality by their proletarian comrades. That is why in this case, it is better to overdo rather than underdo the concessions and liniency towards the national minorities.

ଅର୍ଥାତ୍—ଅନ୍ୟାୟ ହେଉଥିବା ଦଳିତ ଜାତିପୂରା ନିମନ୍ତେ ସମାନତା ସବୁଠାରୁ ମୂଲ୍ୟବାନ । ସର୍ବହରା ଶ୍ରେଣୀ ସଂହତିର ବିକାଶ ଓ ଶକ୍ତିଶାଳୀତା

Digitized by srujanika@gmail.com

ସବୁଠାରୁ ବେଶି ବାଧାପ୍ରାପ୍ତ ହୋଇଥାଏ 'ଜାତୀୟ ଅନ୍ୟାୟ' ପ୍ରଶ୍ନରେ; ତାହା ଯଦି ସେମାନଙ୍କର ସବର୍ଣ୍ଣ କମ୍ରେଡ଼ଙ୍କର ସାମାନ୍ୟ ଅବହେଳା ବା ପରିହାସ ଦ୍ୱାରା ବି' ଏବଂ ସମାନତାର ସାମାନ୍ୟ ବ୍ୟତିକ୍ରମ ଘଟେ । ତେଣୁ ଏ କ୍ଷେତ୍ରରେ ସେମାନଙ୍କ ନିମନ୍ତେ ଉର୍ଦ୍ଧିଷ୍ଟ ରିହାତି ଓ କୋହଳତାକୁ କମାଇବା ପରିବର୍ତ୍ତେ, ବଢ଼ାଇବା ଦରକାର ।

ଦଳିତ ଜାତିସତ୍ତା ସ୍ଥାନରେ ଦଳିତ ଜନଜାତି ଓ ଜାତି ଯୋଗ କରିଦେଲେ, ସଂରକ୍ଷଣକୁ ବିରୋଧ କରୁଥିବା 'କମ୍ୟୁନିଷ୍ଟ'ଙ୍କ ନିମନ୍ତେ ଶିକ୍ଷଣୀୟ ହେବ, ଆମର କାମନା ।

ମାତ୍ର ଏହି ସ୍ଥିତିକୁ ଅସ୍ୱୀକାର କରୁଥିବା କମ୍ୟୁନିଷ୍ଟମାନେ ହେଲେ ଦୁଇପ୍ରକାର ଚରିତ୍ରର । ଦଳେ ନିଜର ଉଚ୍ଚବର୍ଣ୍ଣ ବ୍ରାହ୍ମଣବାଦୀ ସଂସ୍କୃତିଦ୍ୱାରା ପରିଚାଳିତ । ରାସ୍ତାରେ ଏମାନେ ଗଣତନ୍ତ୍ର ପାଇଁ, ସମାନତାପାଇଁ ବହୁ ସଂଗ୍ରାମର ନେତୃତ୍ୱ ନିଅନ୍ତି—ସ୍ଲୋଗାନ ଦିଅନ୍ତି । ମାତ୍ର ବ୍ୟକ୍ତିଗତ ଜୀବନରେ ବର୍ଣ୍ଣବାଦୀ ଅସମତାର ପ୍ରତୀକ ବ୍ରାହ୍ମଣବାଦର ପୃଷ୍ଠପୋଷକତା କରନ୍ତି । ପିତୃ ଶ୍ରାଦ୍ଧରେ ବ୍ରାହ୍ମଣ ପୁରୋହିତ କରେ—ପାରିତୋଷିକ ପାଇ ଆଶିର୍ବାଦ ଦିଏ । 'କମ୍ୟୁନିଷ୍ଟମାନେ କ'ଣ ସମାଜକୁ ଛାଡ଼ି'........ଇତ୍ୟାଦି ଅବାନ୍ତର ଯୁକ୍ତିର ଆଶ୍ରୟ ନିଅନ୍ତି । ଏପରିକି ଏମାନଙ୍କ ଭିତରୁ ଅନେକ ଜାତିଆଣ ଛୁଆଁ-ଛୁତ୍‌ର ବିଗ୍ରହ ଭିତରେ ଥିବାର ଅନେକ ଦୃଷ୍ଟାନ୍ତ ରହିଛି । ଅନ୍ୟ ଗୋଷ୍ଠି ହେଲେ ମହତ୍ୱାକାଂକ୍ଷୀ ମାତ୍ର ସ୍ଥୂଳ ବିଗ୍ରହର ରୂଢ଼ିବାଦୀ କମ୍ୟୁନିଷ୍ଟ । କମ୍ୟୁନିଷ୍ଟ ବିପ୍ଳବ ଏମାନଙ୍କ ଦ୍ୱାରା କେତେଦୂର ଅଗ୍ରଗାମୀ ହୋଇପାରିବ ତାହା ବିଚାର୍ଯ୍ୟ

ସବୁଠାରୁ ବଡ଼ କଥା ହେଲା ଏହି ସଂରକ୍ଷଣ ଓ ଜାତି ପ୍ରଶ୍ନର କମ୍ୟୁନିଷ୍ଟ ବିପ୍ଳବ ପ୍ରତି ପ୍ରାସଙ୍ଗିକତା ଅଛି କି ? ଯଦି ଅଛି ତାହା କେଉଁ ଧରଣୀୟ ? ସଂରକ୍ଷଣ ସମର୍ଥକ କେତେକ କମ୍ୟୁନିଷ୍ଟ ବିପ୍ଳବୀ ମନେ କରନ୍ତି ଯେ ସମାଜବାଦୀ ବିପ୍ଳବର ରଣକୌଶଳ ରଚନା କ୍ଷେତ୍ରରେ ଜାତିପ୍ରଶ୍ନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଜାତିବାଦର ସମାଧାନ ଭାରତ ବର୍ଷର ସାମାଜିକ ଚିତ୍ରକୁ ସଂପୂର୍ଣ୍ଣ ପରିବର୍ତ୍ତନ କରିଦେବ । ଏହି ସମାଧାନ ପ୍ରକ୍ରିୟା ଯେଉଁ ବିରୋଧି ଶକ୍ତିମାନଙ୍କର ସଂଯୋଜନା ଓ ସମାବେଶ କରାଇବ । ସେମାନଙ୍କର ବିଳୋପ

Digitized by srujanika@gmail.com

ସଂପୂର୍ଣ୍ଣ କରିବ ନୂଆ ସମାଜର ଚିତ୍ରପଟକୁ । ଏହି ଶକ୍ତିମାନେ ହେଲେ ଏ ସମାଜର ସମସ୍ତ ଭୂ-ମାଲିକ ଜମିଦାର, ଦଲାଲ ପୁଞ୍ଜିବାଦ, ଓ ଅମଲା ଶାସନକଳ । ଏମାନଙ୍କ ସମର୍ଥନରେ ଠିଆହେବେ ସେହି ଅନ୍ତର୍ଜାତିକ ସାମ୍ରାଜ୍ୟବାଦୀ ଶକ୍ତିସମୂହ, ଯେଉଁମାନେ ଏ ଦେଶର ଏହି ସମସ୍ତ ଉଚ୍ଚବର୍ଣ୍ଣ ଶାସକ ଗୋଷ୍ଠିର କାନ୍ଧଦେଇ ଶୋଷଣ କରିଚାଲିଛନ୍ତି ଏ ଦେଶର ଅମାପ ଜାତୀୟ ସମ୍ପଦ ଓ ମହାବାଳୀ ଜନ ସମ୍ପଦକୁ । ମାତ୍ର କେବଳ ଯେ ସଂରକ୍ଷଣ ହତିଆର ଦ୍ୱାରା ଜାତିପ୍ରଶ୍ନ ସମାଧାନ ସାଧିତ ହୋଇ ପାରିବ ବା ବିପ୍ଳବର ରଣକୌଶଳ ତିଆରି ହୋଇଯିବ, ତାହା ଅସମ୍ଭବ । ଏ କ୍ଷେତ୍ରରେ ଦେଖିବାକୁ ହେବ ଶାସକ ଗୋଷ୍ଠି ଜାତି ପ୍ରଶ୍ନକୁ କିଭଳି ଭାବେ ପରିଚାଳିତ କରୁଛି ବା ପ୍ରୟୋଗ କରୁଛି । ଯେଉଁଠି ତାହାର ଶୋଷଣ ବିରୁଦ୍ଧରେ ଐକ୍ୟବଦ୍ଧ ଅର୍ଥନୈତିକ ଆନ୍ଦୋଳନ ମୁଣ୍ଡ ଟେକୁଛି, ତାକୁ ବିଭେଦ ଗ୍ରସ୍ତ କରାଇବା ନିମନ୍ତେ ରଚନା କରାଯାଉଛି ଜାତିଆଣ ସଂଘର୍ଷ, ଜାତୀୟ ମୁକ୍ତି-ସଂଗ୍ରାମ ବିରୁଦ୍ଧରେ ଜାତି ସଂପ୍ରଦାୟ ମଧ୍ୟରେ ଦଙ୍ଗା; ମଣ୍ଡଳ ସୁପାରିଶ ବିରୁଦ୍ଧରେ ରାମମନ୍ଦିର ରାଜନୀତି ଓ ସଂଘର୍ଷ । ସଂରକ୍ଷଣ ଭଳି ସୀମିତ ପ୍ରାପ୍ତି ମଧ୍ୟ ଦରକସାକସି ପର୍ଯ୍ୟାୟରେ । ତା' ଅର୍ଥ ନୁହେଁ ଆମେ ସଂରକ୍ଷଣକୁ ଜାତି-ଆଣ ବିଦ୍ୱେଷ ସୃଷ୍ଟିର କାରଣ ଅଭିହିତ କରି ବିରୋଧ କରି ବସିବା । ଫଳରେ ଆମେ ଶାସକ ଗୋଷ୍ଠିର ଚାଲ୍‌ର ଶିକାର ହୋଇ ଆମର ସର୍ବନିମ୍ନ ଗଣତାନ୍ତ୍ରୀକ, କମ୍ୟୁନିଷ୍ଟ ଚରିତ୍ରଠାରୁ ଦୂରେଇ ଯିବା ।

ଶାସକ ବର୍ଗର କୌଶଳ-ହେଲା ବିବିଧତା (Diversity)କୁ ବିଭାଜନ (Division) ରୂପରେ ପ୍ରୟୋଗ କରିବା । ମାତ୍ର କମ୍ୟୁନିଷ୍ଟ ମାନଙ୍କ କ୍ଷେତ୍ରରେ ଦରକାର ବିବିଧତାକୁ ଏକତାର ରଜ୍ଜୁରେ ସଂଯୋଜିତ କରିବା । ଏକ ପକ୍ଷରେ ବିବିଧ ସ୍ଥିତି ନିମନ୍ତେ ସମାନ ସୁଯୋଗ ଓ ଅଧିକାର ପ୍ରାପ୍ତିର ଦାବୀ ଓ ଆନ୍ଦୋଳନ ଓ ତତ୍ ସଙ୍ଗେ ସଙ୍ଗେ ଆର୍ଥିକ ଶୋଷଣରୁ ମୁକ୍ତି ନିମନ୍ତେ ଶ୍ରେଣୀ ସଂଗ୍ରାମର ଏକତାର ରଜ୍ଜୁ ଗଢ଼ି ତୋଳିବା । ଯେହେତୁ ସଂରକ୍ଷଣ ସମାନତା ପ୍ରାପ୍ତି କ୍ଷେତ୍ରରେ ଏକ ଆସ୍ଥା ସୂଚକ କ୍ରିୟା (Affirmative Action), ଏହାର ବିରୁଦ୍ଧାଚରଣ ତୁମର ଉଦ୍ଦେଶ୍ୟ ପ୍ରତି ଆଶଙ୍କା ଓ ସନ୍ଦେହ ସୃଷ୍ଟିର କାରଣ ହେବ ନାହିଁ କି ?

Digitized by srujanika@gmail.com

ଶାସକ ଗୋଷ୍ଠୀର ଏହି ଗୃହଳ୍‌କୁ ଛିନ୍ନଭିନ୍ନ କରି ପରାଭୂତ କରିବା ନିମନ୍ତେ ଦରକାର ସଂରକ୍ଷଣ ଆନ୍ଦୋଳନ ଗଢ଼ି ତୋଳିବା ସଙ୍ଗେ ସଙ୍ଗେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଟିକୁ ଏହା ସହିତ ସଂଯୁକ୍ତ କରିବା । ତା' ହେଲା—ଶାସକ ଶ୍ରେଣୀ ନିଜର ପ୍ରାଥମିକ ଅର୍ଥନୈତିକ ଶୋଷଣ ନିମନ୍ତେ ଏହି ବିଭାଜନ ମାନ କରାଇଛି, ବଞ୍ଚାଇ ରଖିଛି ଓ ଆବଶ୍ୟକସ୍ଥଳେ ଏହାର ପ୍ରୟୋଗ କରୁଛି । ତା' ଅର୍ଥ ଏହି ଅର୍ଥନୈତିକ ଶୋଷଣ ବିରୋଧୀ ଆର୍ଥିକ ସଂଗ୍ରାମର ବିଭିନ୍ନ ପର୍ଯ୍ୟାୟର ଆନ୍ଦୋଳନଗୁଡ଼ିକୁ ସଂରକ୍ଷଣ ଆନ୍ଦୋଳନ ସହ ସଂଯୁକ୍ତ କରାଇବା । କୃଷି ବିପ୍ଳବର କର୍ମସୂଚୀ, ଜାତୀୟ ସମତା (ସଙ୍ଘୀୟ ବ୍ୟବସ୍ଥା) ପାଇଁ ସଂଗ୍ରାମରତ ଆନ୍ଦୋଳନଗୁଡ଼ିକୁ ଏହା ସହ ସଂଯୁକ୍ତ କରି ଆମକୁ ନୂଆ ଗଣତାନ୍ତ୍ରିକ ବିପ୍ଳବର ରଣ ନୀତି ପ୍ରସ୍ତୁତ କରିବାକୁ ହେବ । ସଂରକ୍ଷଣର ବିରୋଧ ନୁହେଁ—ସଂରକ୍ଷଣ ପାଇଁ ଆନ୍ଦୋଳନ ତଥା ଏହା ସହ ଅନ୍ୟାନ୍ୟ ଆର୍ଥିକ ଆନ୍ଦୋଳନକୁ ସଂଯୁକ୍ତ କରାଇ ପାରିଲେ ହିଁ ଆମେ ଆମର ବାସ୍ତବ କମ୍ୟୁନିଷ୍ଟ ଦାୟିତ୍ୱ ସମ୍ପାଦନ କରିପାରିବା ।

ପ୍ରକ୍ରିୟାଟି ଜଟିଳ ହୋଇପାରେ । ମାତ୍ର ଭାରତବର୍ଷର ସମାଜ ଗଠନର ପ୍ରକ୍ରିୟାଟିତ ଅତ୍ୟନ୍ତ ଜଟିଳ । ତେଣୁ ଏହି ସମାଜରେ ବିପ୍ଳବର ପ୍ରକ୍ରିୟାଟି ଜଟିଳ ହେବାକୁ ବାଧ୍ୟ । ବିପ୍ଳବର ରଣନୀତି ପ୍ରଣୟନ ଦାୟିତ୍ୱ ତୁମର, କମ୍ୟୁନିଷ୍ଟ ମାନଙ୍କର । ତେଣୁ ଆଉଥରେ ସମସ୍ୟାଟି ଉପରେ ଧ୍ୟାନ ସମୀକ୍ଷା କରାଯାଉ !

ମଣ୍ଡଳ ସୁପାରିଶର ସ୍ଥିତି ଓ ଭବିଷ୍ୟତ

ବି. ପି. ମଣ୍ଡଳ, ରାଷ୍ଟ୍ରପତିଙ୍କ ନିକଟରେ ନିଜର ରିପୋର୍ଟ ଦାଖଲ କରିବା ସମୟରେ ଯେଉଁ ଆଶଙ୍କା ପ୍ରକାଶ କରିଥିଲେ—Apprehension were rightly expressed befor us that incase the report of my commission meet the same fate as that of kaka Kalelkar's Commission, the legitimate hopes and aspirations of the socialy and educationaly backward classes, which constitutes a bulk of the population will

Digitized by srujanika@gmail.com

be dashed to the ground. (କାକା କାଲେଲକର କମିଶନ ରିପୋର୍ଟ ଯେଉଁ ଉପେକ୍ଷିତ ଭାଗ୍ୟ ଭୋଗକଲା, ଏହି ରିପୋର୍ଟ ସେହି ଦଶାର ଶିକାର ହେଲେ, ବହୁଳ ଜନସଂଖ୍ୟା ବିଶିଷ୍ଟ ଏହି ସାମାଜିକ ଓ ଶିକ୍ଷାଗତ ପଶ୍ଚାଦପଦ ବର୍ଗର ଆଶା ଧୂଳିରେ ମିଶିଯିବ) ତାହା କେଉଁଭଳି ନିଜର ସତ୍ୟତା ପ୍ରତିପାଦିତ କରି ଚାଲିଛି, ରିପୋର୍ଟର ବର୍ତ୍ତମାନ ସ୍ଥିତିରୁ ବିଦିତ ।

ପ୍ରଥମ କଥା ହେଲା, ଶାସକବର୍ଗର ଜାତି ପ୍ରଶ୍ନକୁ ଏହି ସଂରକ୍ଷଣ ପାଖରେ ସୀମିତ ରଖିବାର ଷଡ଼ଯନ୍ତ୍ର । ଯଦିଓ କମିଶନ ସ୍ପଷ୍ଟଭାବେ ଦର୍ଶାଇଛନ୍ତି ଯେ ଭୂମି ସମ୍ପର୍କର ସମ୍ପୂର୍ଣ୍ଣ ପୂର୍ନବିନ୍ୟାସ ବ୍ୟତିରେକେ ଜାତି ବିଭାଜନର ବ୍ୟବସ୍ଥା ପରିବର୍ତ୍ତିତ ହୋଇ ପାଇପାରିବ ନାହିଁ, ମାତ୍ର ଆମର ସମସ୍ତ ଉଚ୍ଚ-ବର୍ଣ୍ଣ ଶାସକଗୋଷ୍ଠି ପ୍ରଶ୍ନଟିକୁ ସମ୍ପୂର୍ଣ୍ଣ ଏଡ଼ାଇ ଦେଇ ସ୍ଥାନ ସଂରକ୍ଷଣକୁ ହିଁ ବିବାଦର କେନ୍ଦ୍ରବିନ୍ଦୁ ଭାବେ ଉପସ୍ଥିତ କରିଛନ୍ତି । ଯୋଜନାବଦ୍ଧ ଭାବେ ଏହାକୁ ମୂଲଚାଲ (bargaining) ସ୍ତର କରି ଦିଆଯାଇଛି ।

ଦ୍ୱିତୀୟରେ ଏହି ସୀମିତ ପ୍ରାପ୍ତି ଉପରେ ଚାଲୁ ହୋଇଥିବା ଦର କଷାକଷି ପ୍ରକ୍ରିୟା-ପ୍ରାପ୍ତି ତ ଦୂରର କଥା, ସଂରକ୍ଷଣ ଆଜି ଉଚ୍ଚବର୍ଣ୍ଣ ଶୋଷକ ଶ୍ରେଣୀର କାଠଗଡ଼ାରେ ନିଃସହାୟ ଭାବରେ ଦଣ୍ଡାୟମାନ—ନିଜ ପକ୍ଷରେ ସଫେଇ ଦେବା ନିମନ୍ତେ—ଶୁଣିବା ପାଇଁ ସୁପ୍ରିମ କୋର୍ଟର ଆଧୁନିକ 'ମନୁ'ମାନଙ୍କର ରାୟକୁ । ଏ ଉପରେ ସୁପ୍ରିମ କୋର୍ଟର ମତଲବ ଯେ ସହାୟକ ନୁହେଁ, ତାହା ସ୍ପଷ୍ଟ ହୋଇଯାଇଛି ଉପସ୍ଥିତ ପ୍ରକ୍ରିୟା ଭିତର ଦେଇ । ଜାତୀୟ ସାମୂଖ୍ୟ ସରକାରଙ୍କର ସଂରକ୍ଷଣ ବିଷୟକ ବିଜ୍ଞପ୍ତିକୁ ବିରୋଧୀ ଗୋଷ୍ଠି ତରଫରୁ, ବୈଧାନିକ ପ୍ରଶ୍ନ ଉଠାଇ ମୁକାବିଲା କରାଗଲା ସୁପ୍ରିମ କୋର୍ଟରେ । ଏବଂ ସଙ୍ଗେ ସଙ୍ଗେ କୋର୍ଟ ସରକାରଙ୍କ ଉପରେ ରହିତାଦେଶ (stay order) ଲଦି ଦେଇ, ଏହାର କାର୍ଯ୍ୟକାରିତାକୁ ବନ୍ଦ କରିଦେଲେ । ମାତ୍ର ସେତେବେଳେ ଆଶ୍ୱାସନା ଦେଇଥିଲେ ଯେ ୧ ମାସ ମଧ୍ୟରେ ନିଷ୍ପତ୍ତି ଶୁଣାଇ ଦେବେ । କିନ୍ତୁ ଏହା ମଧ୍ୟରେ ପାଖାପାଖି ଦେଢ଼ବର୍ଷ ବିତିଯାଇଥିଲେ ମଧ୍ୟ, ଏହାର ଶୁଣାଣି ଆରମ୍ଭ ହୋଇନାହିଁ । ଏହା ଭିତରେ ସୁପ୍ରିମ କୋର୍ଟ କେବଳ ଶୁଣାଣି ତାରିଖ ଗଡ଼ାଇ ଚାଲିବାର କାମ କରିଛନ୍ତି ।

Digitized by srujanika@gmail.com

ତାହା ସହ, ଦୀର୍ଘ ୯ ମାସ ପରେ ଜୁଲାଇ ୧୯୯୧ରେ ସୁପ୍ରିମ କୋର୍ଟ ଆଉ ଏକ ବିଚିତ୍ର ପଦକ୍ଷେପ ଗ୍ରହଣ କଲେ । ତା'ହା ହେଲା ରିପୋର୍ଟ ଉପରେ ବର୍ତ୍ତମାନ କଂଗ୍ରେସ ସରକାରର ସ୍ଥିତି କ'ଣ, ତାହା ତାଙ୍କୁ (ସୁପ୍ରିମ କୋର୍ଟଙ୍କୁ) ନିର୍ଦ୍ଦିଷ୍ଟ ଭାବେ ସରକାର ଜଣାନ୍ତୁ । ଏବଂ ଯାହା ଜାଣିବାକୁ ଚାହିଁଲେ ତାହା କୋର୍ଟଙ୍କ ଉଦ୍ଦେଶ୍ୟ ଉପରେ ଥିବା ସନ୍ଦେହକୁ ଆହୁରି ସ୍ପଷ୍ଟ କରି ଦେଉଛି । ସେ ଜାଣିବାକୁ ଚାହିଁ ନ ଥିଲେ ରିପୋର୍ଟକୁ ଲାଗୁ କରିବା କ୍ଷେତ୍ରରେ ସରକାର କ' କ' ପଦ୍ଧତି ଚିନ୍ତା କରୁଛନ୍ତି, ଚାହୁଁଥିଲେ—"Whether it supports the stand of the previous government on the reservation issue or not" କଂଗ୍ରେସ ସରକାର ସଂରକ୍ଷଣ ସମ୍ପର୍କରେ ପୂର୍ବତନ ସରକାରଙ୍କର ସ୍ଥିତିକୁ ସମର୍ଥନ କରୁଛି କି'ନା, ସେ ବିଷୟରେ । ଅର୍ଥାତ୍ ଏକ ଗଣତାନ୍ତ୍ରିକ ସରକାରଙ୍କର ବିଜ୍ଞପ୍ତିର ବୈଧାନିକ କ୍ଷମତାକୁ କୋର୍ଟ ପ୍ରକାରାନ୍ତରେ ଉପେକ୍ଷା କରିଛନ୍ତି । ଏହା ହେଲା ମୋଟାମୋଟି କୋର୍ଟର ନ୍ୟାୟ ଦେବା କ୍ଷେତ୍ରର ନିଦର୍ଶନ ।

ତା'ପରେ 'ସମ୍ବୁକ'କୁ ଉଦ୍ଧାର ଦାୟିତ୍ୱ ଆଧୁନିକ "ରାମ ରାଜ୍ୟର" ମନ୍ତ୍ରୀସଭା ଉପରେ । କଂଗ୍ରେସ ସରକାର ମୂଳ ପ୍ରସ୍ତାବ ସହ ଯୋଡ଼ି ଅତି ତତ୍ପରତା ସହ ଆଉ ଦୁଇଟି ପ୍ରସ୍ତାବ ପଠାଇ ଦେଲେ । ପ୍ରଥମଟି ହେଲା—ସାମାଜିକ, ଶିକ୍ଷାଗତ ପଶ୍ଚାଦ୍‌ପଦ ବର୍ଗର (O.B.C.) ଆର୍ଥିକ ଭାବେ ଦରିଦ୍ରଙ୍କୁ ପ୍ରଥମ ବିଚାର, ଦ୍ୱିତୀୟଟି ହେଲା ଉଚ୍ଚ ବର୍ଣ୍ଣର ଦରିଦ୍ରଙ୍କ ନିମନ୍ତେ ୧୦% ସ୍ଥାନ ସଂରକ୍ଷଣ । ତାହା ସହ ସରକାର କୋର୍ଟକୁ ଜଣାଇ ଦେଲେ ଯେ ରାୟ ନ ମିଳିବା ପର୍ଯ୍ୟନ୍ତ, ଅଗଷ୍ଟ ୧୩, ୧୯୯୦ ବିଜ୍ଞପ୍ତି ଉପରେ ଜାରି ରହିଥିବା ନିଷେଧାଜ୍ଞାକୁ ମାନିବେ । ଏହାକୁ ଆହୁରି କାଳକ୍ଷେପଣ ଭିତରେ ପକାଇ ଦେବା ନିମନ୍ତେ ଆଉ ଅଧିକ ସୁବିଧା କ'ଣ ଥିଲା ? କୋର୍ଟ ମଗାଇ ପଠାଇଲେ ଦରିଦ୍ର ନିର୍ଦ୍ଧାରଣର ଭିତ୍ତି କ'ଣ ହେବା ଉଚିତ, ତାହାର ସ୍ପଷ୍ଟିକରଣ । ସରକାର ଜଣାଇଦେଲେ, ଏହା ସ୍ଥିର ହେବା ନିମନ୍ତେ ସମୟ ଦରକାର । ବେଶ୍ ଯଥେଷ୍ଟ ସମୟ ମିଳିଗଲା । ଏହା ସହ ମିଳିଗଲା ଅନ୍ୟ ଏକ ସୁଯୋଗ । ତାହା ହେଉଛି ସରକାରଙ୍କର ଦ୍ୱିତୀୟ ପ୍ରସ୍ତାବ ଦ୍ୱାରା ଉଚ୍ଚ ବର୍ଣ୍ଣର

Digitized by srujanika@gmail.com

ଦରିଦ୍ରମାନଙ୍କ ନିମନ୍ତେ ୧୦ % ସ୍ଥାନ ସଂରକ୍ଷଣ ପ୍ରସ୍ତାବ ଫଳରେ ସମୁଦାୟ ସଂରକ୍ଷଣ ସୀମା ବଢ଼ିଯିବ ୫୯ %କୁ । ମାତ୍ର କୌଣସି ଅବସ୍ଥାରେ ସଂରକ୍ଷଣର ସୀମା ୫୦ % କୁ ଟପି ପାରିବ ନାହିଁ ବୋଲି ପୂର୍ବରୁ ସୁପ୍ରିମ କୋର୍ଟର ନିର୍ଦ୍ଦେଶ ରହିଛି । ତେଣୁ ଏହି ପ୍ରସ୍ତାବର ବିଚାର ନିମନ୍ତେ ପରିବର୍ଦ୍ଧିତ ବେଞ୍ଚ ଗଠନ ଆବଶ୍ୟକ । ଏହି କାରଣ ନିମନ୍ତେ ପୂରା ପ୍ରଶ୍ନଟିକୁ ବାତିଲ କରିଦେବାର ମଧ୍ୟ ଯଥେଷ୍ଟ ସୁଯୋଗ । ଆହାଃ, ବର୍ଣ୍ଣବାଦୀଙ୍କର କି ଚତୁର କାନୁନୀ କାଇଦା !

ଏକ ପକ୍ଷରେ ମଣ୍ଡଳ ପ୍ରସଙ୍ଗଟିକୁ ସୁପ୍ରିମ କୋର୍ଟର କାଳକ୍ଷେପଣ ଚକ୍ରାନ୍ତ ଭିତରେ ପକାଇଦେଇ, ଅପର ପକ୍ଷରେ ଆରମ୍ଭ ହୋଇଯାଇଛି; ଉଚ୍ଚବର୍ଣ୍ଣ ପ୍ରତିକ୍ରିୟାଶୀଳ ଅଭ୍ୟୁତ୍ଥାନ । ଭାରତର ବିଭିନ୍ନ ପ୍ରାନ୍ତରେ ଏହି ଗୋଷ୍ଠି ସକ୍ରିୟ ଭାବେ ରାଜନୈତିକ କ୍ଷମତା କେନ୍ଦ୍ରକୁ ଅକ୍ତିଆର କରି ବସିଛନ୍ତି । ଓଡ଼ିଶାରେ କିନ୍ତୁ ସମସ୍ୟା ଭିନ୍ନ ଧରଣର । ପ୍ରଗତିଶୀଳ ଦାବୀ ବହନକାରୀ ଜନତା ଦଳର ନେତୃତ୍ୱ ପଡ଼ିଯାଇଛି କଠୋର ପ୍ରତିକ୍ରିୟାଶୀଳ ବର୍ଣ୍ଣବାଦୀ ବିଜୁ ପଟ୍ଟନାୟକ ହାତରେ । ଜନତା ଦଳର ନୀତି ଆଦର୍ଶଗତ ବିରୋଧୀ ଭାବେ ପରିଚିତ କଂଗ୍ରେସ ଓ ବି. ଜେ. ପି. ଦଳମାନେ ଓଡ଼ିଶାରେ ବିଜୁ ପଟ୍ଟନାୟକ ନେତୃତ୍ୱକୁ ସମର୍ଥନ କରୁଛନ୍ତି । କାରଣ ସେ ଜନତା ଦଳରେ ରହି କାମରେ କଂଗ୍ରେସ ଓ ବି. ଜେ. ପି.ର ନୀତିକୁ ହିଁ ପ୍ରୟୋଗ କରୁଛନ୍ତି । ଏ ହେଉଛନ୍ତି ପ୍ରଥମ ମୁଖ୍ୟମନ୍ତ୍ରୀ ଯେ କି ଜନତା ଦଳରେ ରହି ମଧ୍ୟ ଦଳର ନିଷ୍ପତ୍ତିକୁ ଉପେକ୍ଷା କରି, ମଣ୍ଡଳ କମିଶନ ଲାଗୁ କରିବେ ନାହିଁ ବୋଲି ସିଧା ଜାହିର କରି ଦେଇଥିଲେ ଓ ଦଳ ବିରୁଦ୍ଧରେ ଚାଲିଥିବା ସଂରକ୍ଷଣ ବିରୋଧୀ ଆନ୍ଦୋଳନକୁ ନୈତିକ ସମର୍ଥନ ଯୋଗାଇ ଦେଇଥିଲେ । ଏହାଙ୍କ ଚକ୍ରାନ୍ତରେ ଅନ୍ୟାନ୍ୟ ପଶ୍ଚାଦ୍‌ପଦ ଜାତିମାନଙ୍କ କ୍ଷେତ୍ରରେ ସଂରକ୍ଷଣତ ଦୂରର କଥା, ସଂରକ୍ଷଣ ପାଉଥିବା ପାରମ୍ପରିକ ଗୋଷ୍ଠି—ହରିଜନ ଓ ଆଦିବାସୀଙ୍କର ଏହି ସୁବିଧା ମଧ୍ୟ ବିପଦଗ୍ରସ୍ତ ହୋଇପଡ଼ିଲାଣି । "ସଂରକ୍ଷଣ ଫଳରେ ଯେଉଁମାନେ ଥରେ ଉପକୃତ ହୋଇଗଲେଣି, ସେମାନଙ୍କ ପିଲାଙ୍କ କ୍ଷେତ୍ରରେ ଏହା ଲାଗୁ ହେବା ଉଚିତ ନୁହେଁ";

Digitized by srujanika@gmail.com

"ପଦୋନ୍ନତିରେ ସଂରକ୍ଷଣ ଉଚିତ ନୁହେଁ" ଇତ୍ୟାଦି ତାଙ୍କର ବକ୍ତୃତି, ତାଙ୍କର କଠୋର ଜାତିବାଦୀ ଚରିତ୍ରକୁ ଦର୍ଶାଏ । ଅର୍ଥାତ୍ ପିଅନ୍ ବା କିରାଣିର ପିଲାଟି ଆଜି ସଂରକ୍ଷଣ ସୁବିଧା ଦ୍ୱାରା କିରାଣି ବା ଅଫିସର ନ ହୋଇପାରୁ ; ପଦୋନ୍ନତି ଦ୍ୱାରା ଉଚ୍ଚ ନୀତି—ନିର୍ଦ୍ଧାରକ କ୍ଷେତ୍ରକୁ ଯାଇ ନ ପାରୁ । ଅର୍ଥାତ ପିଅନ, କିରାଣି ସ୍ତର ପର୍ଯ୍ୟନ୍ତ ସଂରକ୍ଷଣ ଦେବାକୁ ଶ୍ରୀ ପଟ୍ଟନାୟକ ଇଚ୍ଛୁକ । ନିମ୍ନ ବର୍ଣ୍ଣମାନଙ୍କର ହାକିମ ସବୁବେଳେ ମି. ପଟ୍ଟନାୟକମାନେ ହୋଇ ରହିଥିବେ, ସେ' କଣ, ମି. ପଟ୍ଟନାୟକ ? ଉଚ୍ଚ ବର୍ଣ୍ଣର ଋକାସଆମାନଙ୍କୁ ପଦୋନ୍ନତିରେ ସଂରକ୍ଷଣ ଉଠାଇ ଦେବା କ୍ଷେତ୍ରରେ ସକ୍ରିୟ ହେବାକୁ ନୈତିକ ସମର୍ଥନ ଦେବା ସଙ୍ଗେ ସଙ୍ଗେ, ଏହାକୁ ବାଧ୍ୟ କରିବା ନିମନ୍ତେ ସୁପ୍ରିମ କୋର୍ଟର ଆଶ୍ରୟ ନେବାକୁ ମଧ୍ୟ ଏହି ପଟ୍ଟନାୟକ ପ୍ରୋତ୍ସାହନ ଦେଇ ଚାଲିଛନ୍ତି । ତାଙ୍କର ଅନ୍ୟ ଏକ ଗୁରୁତର ଷଡଯନ୍ତ୍ର ହେଲା ନିକଟରେ ବିଧାନ ସଭାରେ ପାସ୍ କରାଯାଇଥିବା ବିଧେୟକଟି । ଯାହା ଫଳରେ ହରିଜନ ଆଦିବାସୀମାନଙ୍କ ଭିତରେ ପ୍ରାର୍ଥୀ ଅଭାବ କ୍ଷେତ୍ରରେ ସଂରକ୍ଷିତ ସ୍ଥାନଟି ଅଦଳବଦଳ ବନ୍ଦ କରି ଦିଆଗଲା । ଆଦିବାସୀ ପ୍ରାର୍ଥୀ ଅଭାବଯୋଗୁଁ ଯେଉଁ ସ୍ଥାନଟି ହରିଜନ ପ୍ରାର୍ଥୀଙ୍କ ଦ୍ୱାରା ପୂରଣ ହୋଇ ପାରୁଥିଲା ; ତାହା ଏବେ ସାଧାରଣ ପ୍ରାର୍ଥୀଙ୍କ ଦ୍ୱାରା ପୂରଣ କରାହେବ । ପ୍ରଥମେତ' କୋଟାସ୍ଥାନ ଥାଇ ମଧ୍ୟ ପୂରଣ ହୋଇ ପାରୁ ନ ଥିଲା, ବର୍ତ୍ତମାନ ଏହି କ୍ଷେତ୍ରକୁ ଆହୁରି ସଙ୍କୁଚିତ କରି ଦିଆଗଲା । ମଣ୍ଡଳ କମିଶନ ରିପୋର୍ଟ ଦ୍ୱାରା ପଛୁଆବର୍ଗଙ୍କୁ ଯେଉଁ ଜନତା ଦଳ ଐକ୍ୟବଦ୍ଧ କରାଇବାର ଆହ୍ୱାନ ଦେଇଥିଲା, ସେହି ଜନତା ଦଳର ଓଡ଼ିଶା ଶାଖା ନେତୃତ୍ୱ ବିଜୁ ପଟ୍ଟନାୟକଙ୍କର ହେଲା ଏହା ଅବଦାନ—ପାରମ୍ପରିକ ପଛୁଆ ବର୍ଗ ମଧ୍ୟରେ ବିଭେଦ ସୃଷ୍ଟିର ଚକ୍ରାନ୍ତ । ଏହାଙ୍କର ପଶ୍ଚାଦପଦ ବର୍ଗ ନିମନ୍ତେ ସବୁଠାରୁ ବଡ଼ ଡାଇଲଗ୍ ହେଲା ୨୫ ଟଙ୍କା ଦୈନିକ ମଜୁରୀକୁ ସମାଜିକ ନ୍ୟାୟ ଭାବେ ଘୋଷଣା । କେବଳ ଏତିକି ନୁହେଁ, ମଣ୍ଡଳ ପ୍ରସଙ୍ଗକୁ ସମର୍ଥନ କରୁଥିବା ଏହି ଦଳର ଅନ୍ୟାନ୍ୟ ନେତାମାନଙ୍କୁ ଏହି ଅପରାଧରେ ଶ୍ରୀ ପଟ୍ଟନାୟକ ପ୍ରକାଶ୍ୟଭାବେ ଦମନ କରି ଚାଲିଛନ୍ତି । ଏଠାରେ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଲା ଏ ପ୍ରକାର ଅବାଞ୍ଛିତ ଚରିତ୍ରକୁ ଦଳର କେନ୍ଦ୍ରସ୍ଥ ନେତୃତ୍ୱ କିପରି ସହ୍ୟ କରିପାରୁଛି ?

Digitized by srujanika@gmail.com

ଅଭିଜ୍ଞତା ଶିକ୍ଷା ଦେଉଛି ଯେ ଏହି ସ୍ଥିତି ବଦଳାଇବା ନିମନ୍ତେ ରାଜନୈତିକ ଦଳମାନଙ୍କର ଆଶ୍ୱାସନା ବା ପ୍ରବୋଧନ ନୁହେଁ, ଦରକାର ସଙ୍ଗଠିତ ଶକ୍ତି ପ୍ରଦର୍ଶନ । ଏହା ସତ୍ୟ ଯେ ଦଳିତ ବର୍ଗ ମଧ୍ୟରେ ସଙ୍ଗଠନ ଗଢ଼ିତୋଳିବା କ୍ଷେତ୍ରରେ କେତେକ ଅନ୍ତର୍ନିହିତ ଦୁର୍ବଳତା ରହିଛି ଓ ବିଭାଜନ ସୃଷ୍ଟି କରିବା ନିମନ୍ତେ ଉଚ୍ଚବର୍ଣ୍ଣ ସର୍ବଦା ଷଡ଼ଯନ୍ତ୍ର ଲିପ୍ତ । ଚରମ ଦାରିଦ୍ର୍ୟତା, ଯୁଗ ଯୁଗ ଧରି ସାଂସ୍କୃତିକ, ରାଜନୈତିକ କ୍ଷେତ୍ରରୁ ପ୍ରତ୍ୟାଖ୍ୟାତ ଅବସ୍ଥା, ଏମାନଙ୍କ ମଧ୍ୟରେ ଆବଶ୍ୟକ ସଚେତନଶୀଳତା ସୃଷ୍ଟିର ଅନ୍ତରାୟ ହେଉଛି । ଏ କ୍ଷେତ୍ରରେ ଦରକାର ବ୍ୟକ୍ତିବାଦୀ ସ୍ୱାର୍ଥପରତାର ଊର୍ଦ୍ଧ୍ୱକୁ ଉଠି ଦଳିତ ବର୍ଗର ସେହି ଶିକ୍ଷିତ ଗୋଷ୍ଠି କ୍ରିୟାଶୀଳ ହେବା ଏବଂ ସକ୍ରିୟଭାବେ ନିଜ ବର୍ଗକୁ ଦାବୀ ହାସଲ ନିମନ୍ତେ ସଂଘବଦ୍ଧ କରିବା । ମନେ ରଖିବାକୁ ହେବ ଯେ କାହାରି ଦୟା ଉପରେ ଅଧିକାର ମିଳିପାରେନା—ନିଜର ସମାନ ଅଧିକାରର ଦାବୀ ଓ ସଂଗ୍ରାମ ହିଁ ହକ୍ ସାବ୍ୟସ୍ତ କରାଇବାର ନିର୍ଦ୍ଦିଷ୍ଟ ପନ୍ଥା । ସଂରକ୍ଷଣ ଭଳି ସଂକୀର୍ଣ୍ଣ ହାସଲର ପର୍ଯ୍ୟାୟରୁ ଉଠି ସମ୍ପୂର୍ଣ୍ଣ ବ୍ୟବସ୍ଥାଗତ ପରିବର୍ତ୍ତନ ପର୍ଯ୍ୟାୟରେ ନିଜର ଡାକକୁ ପହଁଚାଇବାକୁ ପଡ଼ିବ । ସମ୍ପୂର୍ଣ୍ଣ ଭୂମି ଅବସ୍ଥାର ପୁନର୍ବିନ୍ୟାସର ଦାବୀ ଓ ଆନ୍ଦୋଳନ ସମଗ୍ର ଦଳିତ ବର୍ଗକୁ ଦୃଢ଼ଭାବେ ସଙ୍ଗଠିତ କରିପାରିବାର କାର୍ଯ୍ୟକାରୀ କର୍ମସୂଚୀ । ଏହା ଫଳରେ ବଦଳିଯିବ ସମ୍ପୂର୍ଣ୍ଣଭାବେ ଏଇ "ଓଲଟ ବୃକ୍ଷ" ଖାତିର ଅନ୍ୟାୟ ଦୁନିଆଁ । ଧୂଳିରେ ମିଶିଯାଇ ପାରିବ ବର୍ଣ୍ଣବାଦୀ ଶୋଷକ ଗୋଷ୍ଠିର ପ୍ରତିପତ୍ତି, ମିଥ୍ୟା ଅହମିକା, ଓ ଭୋଗ ବିଳାସର ଗୋଲାପି ସ୍ୱପ୍ନ !

ସମୟ ସାପେକ୍ଷ ହେଲେ ମଧ୍ୟ, ଏହି ସଂଘଶକ୍ତି ଗଢ଼ିଉଠିବ—ଇତିହାସ ଏହାର ନଜିର । ଏହି ସଂଘଶକ୍ତି ଥରେ ଗଢ଼ିଉଠିଲେ ଏହା ଯେ ସଂରକ୍ଷଣର ଏହି ଦର କଷାକଷି ସ୍ତରରେ (bargaining point) ସୀମିତ ରହିବ ନା' ଯୁଗଦ୍ରଷ୍ଟା ଡଃ ଆମ୍ବେଦକରଙ୍କ ସେହି ସମୟୋପଯୋଗୀ ସତର୍କ ବାଣୀ "We must remove this contradiction at the earliest possible moment or else those who suffer from enequality will blow up the structure of political democracy......" (ଅର୍ଥାତ୍—ଏହି ଦ୍ୱନ୍ଦକୁ ଯଥାଶୀଘ୍ର ଦୂର କରିବାକୁ ହେବ, ନଚେତ୍

Digitized by srujanika@gmail.com

ଯେଉଁମାନେ ଅ-ସମତାର ଶିକାର ହେଉଛନ୍ତି, ଏହି ରାଜନୈତିକ ଗଣତନ୍ତ୍ର ବ୍ୟବସ୍ଥାକୁ ଉଡ଼ାଇ ଦେବେ) ସାର୍ଥକ ହେବ—ବର୍ତ୍ତମାନର ବ୍ୟବସ୍ଥା ସମ୍ପୂର୍ଣ୍ଣ ଉଡ଼ିଯିବ, ତାହା ବାସ୍ତବରେ ଏହି ବର୍ଣ୍ଣବାଦୀ ଷଡ଼ଯନ୍ତ୍ରକାରୀ ଶୋଷକଗୋଷ୍ଠିର ଚିନ୍ତା ଭାବନାର ବିଷୟ ।

Digitized by srujanika@gmail.com

କମିଶନ ଦ୍ୱାରା ପଶ୍ଚାତ୍‌ପଦଭାବେ ତାଲିକାଭୁକ୍ତ କେତେକ ପ୍ରମୁଖଜାତି—

ଆନ୍ଧ୍ର ଦ୍ରାବିଡ଼, ଅରୁନ୍ଥ ଥିଆର, ବୈପାରି, ବଣ୍ଡି, ବେଣ୍ଟକାର, ଭୋକଟା, ବ୍ୟଗାରି, ଚେରୁମାନ, ଦହଳଆ, ଦେବେନ୍ଦ୍ର କୁଲଥାନ, ଦୁମାଲ, ଗୋଲ୍ଲା, ଆନ୍ଧ୍ର-କର୍ଣ୍ଣାଟକ, ଅସୁର, ବୈର, ବରଜ, ବେନ, ଭୂଜନ, ବୋଗଡ଼ା, ଚକୁଳୟା, ଦରଜୀ, ଦେହୁରି, ଘଟୱାର, ଗୁଡ଼ିଆ, ଅଘରିଆ, ବଢ଼େଇ, ବୈରାଗୀ, ବାରିକ, ଘାଟୁଆ, ଭୂଲିୟା, ବୋଲେଧିଆ, ଚିତ୍ରକର, ଡଙ୍ଗୁଆ, ଧାନେର, ବଶୋଇ, ବୁଣାକାର, ଚେର, ଛୁରିଆ, ଦେଓନ୍‌ସ୍, ଗୋଡ୍‌ଡା, ଜ୍ୟୋତିଷ, କଣକ୍କନ, କରଦ୍ୱାର, ଖଣ୍ଡୁଆଳ, ଖଡୁରା, କମାର, କୁଶା, ମାଳୁଆ, ମାଗଥା ଗୌଡ଼, ମାଳି, ମୌନେ, ମୋଗେର, ନହର, ନୁହ୍ରବ, ପଲାସି, ପରଘାନ, ପିଛା, ରାଜୱାର ସାହାବାର, ସୀରଥି ଗୌଡ଼ୁ, ସିଥୁରିଆ, ଛୋନଲ, ଗୌଡ଼, ସ୍ୱାଣ୍ଡି, କନ୍ଦର୍ପ, ଖେତଭରି, କୋଣ୍ଡ, କୁଣ୍ଡମାଟିଆ, କୁରୁମାନ, ମାଢି, ମାଗାଧି ଗୋୱାଲ, ମାଳି-କୋରଟ୍ଟୁଆ ମାଳି, ମରାଠି, ମୁଖଦୋରା, ପାଲୟାନ, ପାଣିସ୍ୱାନ, ପରଧାଇଆ, ସୁଡ଼ା, ତେଲି, ଥୁରିଆ, ଘାଲୁଘାନ, କଞ୍ଜର, କର୍ମାଳୀ, ଖଛି-ଖଛି, କୋଡ଼ା, କୋଣ୍ଡାକାପୁ, କୋଶାଲ୍ୟା ଗୌଡ଼, କୁଲଥା, ମାଗୁର, ମାଲ ପାହାଡ଼ିଆ, ମୁଳିଆ, ନାଟ, ପାଇକ, ପଥୁରିଆ, ପ୍ରଧାନ, ରଣା, ଶଙ୍ଖାରି, ସୁଳିଆ, ତେଲଙ୍ଗା, ହୋଳଆ, ଖୋଡ଼ିଆ, କଟୁନାୟକାନ, ଖଟୁଆ, କୋଇଲର, କୋଣ୍ଡାରେଡ଼ଡ଼ି, କୋଠା, କୁମ୍ଭାର, ମାହୁଲ, ମାଙ୍ଗୁଳ, ମୁଣ୍ଡଳା, ନୟାଡ଼, ପାଙ୍କି, ପାନ, ରେଡ଼ଡ଼ି ଧୋକା, ରାଉତିଆ, ସନ୍ୟାସୀ, ତନ୍ତୀ, ଥାନୁ, ତୟାର, ଯୋଗୀ, କପୁଡ଼ିଆ, ଖୈର, ଖୋଣ୍ଡାଳ, କୁର୍ମି, ମାଗଥା, ମୁରିଆ, ନୋଳିଆ, ପଦାରିଆ, ପାନ, ପେଙ୍ଗୁଆ, ନଆର, ସାଗର ପଶା, ସବାର-କାପୁସବାର, ସଙ୍କେଁ, ଶୁଣ୍ଡି, ଥଟାରି, ତୋଡ଼ା, ଭଣା ଭୁଲାଭଣା, ଯାଦବ ।

Digitized by srujanika@gmail.com

ମୂଲ୍ୟ—୫ ଟଙ୍କା

ଷ୍ଣୁପ୍ରିୟ କାନୁନ୍‌ଗୋଙ୍କ ଦ୍ୱାରା ଦଳିତ ପ୍ରକାଶନୀ
୭୦୩ ଡୁମ୍‌ଡୁମା ହାଉସିଂ ବୋର୍ଡ,
ପୋ :—ଆଇଗିଣିଆ, ଭୁବନେଶ୍ୱରଙ୍କ ତରଫରୁ ପ୍ରକାଶିତ

ମୁଦ୍ରାକର—ଲକ୍ଷ୍ମୀ ପେପର ପ୍ରଡକ୍ସ୍, ଆଲିଶାବଜାର କଟକ-୨

Digitized by srujanika@gmail.com